READ & SHARE
www.ekamaatra.com
ekamaatra@gmail.com
tarakmohanty1970@gmail.com
ekamaatraodia
ekamaatranews

EKAMAATRA
# ଏକମାତ୍ର
ଅନୁସନ୍ଧାନ ପରେ ଖବର

RNI Regd. No. ODIODI/2017/71524

## ଫେସ୍‌ବୁକ୍ ଓ ଗୁଗଲ୍‌ରେ ଲାଗିବ ଟିକସ

**ନୂଆଦିଲ୍ଲୀ:** ଫ୍ରାନ୍ସରେ ବିକଶିତ ଦେଶ ଗୁଡିକର ସମୂହ ଜି-୭ ଅର୍ଥମନ୍ତ୍ରୀ ମାନଙ୍କ ବୈଠକରେ ଫେସ୍‌ବୁକ୍ ଏବଂ ଗୁଗଲ୍ ଭଳି ଡିଜିଟାଲ କମ୍ପାନୀ ଗୁଡିକ ଉପରେ ଟିକସ ଲାଗୁ କରିବା ସମ୍ବନ୍ଧିତ ଯୋଜନା ଉପରେ ସହମିତି ପ୍ରକାଶ ପାଇଛି। ଏହା ଅନ୍ତର୍ଗତ ଏଭଳି ଡିଜିଟାଲ କମ୍ପାନୀ ଗୁଡିକ ଉପରେ ନିମ୍ନତମ ଟିକସ ଲାଗୁ କରାଯିବ। ଏଥିସହିତ ଫେସ୍‌ବୁକ୍‌ର 'ଲିବ୍ରା' ଭଳି କ୍ରିପ୍ଟୋକରେନ୍ସି ଠାରୁ ଅନ୍ତର୍ଜାତୀୟ ମୁଦ୍ରା ବ୍ୟବସ୍ଥାକୁ ଥିବା ସମସ୍ୟା ପ୍ରସଙ୍ଗରେ ମଧ୍ୟ ଜି-୭ ମନ୍ତ୍ରୀମାନେ ସହମତି ଜଣାଇଛନ୍ତି।

ବର୍ଷ-୩ ସଂଖ୍ୟା-୨୭ ୨୨ - ୨୮ ଜୁଲାଇ, ୨୦୧୯ ଭୁବନେଶ୍ୱର Monday Weekly VOL-3 ISSUE-27 22nd - 28th JULY, 2019 BHUBANESWAR ₹ 5/- (8 Pages)

### ସରିଲା ପାଟକୁରା ନିର୍ବାଚନ,ଇଭିଏମ୍‌ରେ ସିଲ୍ ପ୍ରାର୍ଥୀଙ୍କ ଭାଗ୍ୟ

# ବିଜୟ କାହାର !

**ଭୁବନେଶ୍ୱର,(ତାରକ ମହାନ୍ତି):** ନିର୍ଦ୍ଧାରିତ ସମୟରେ ୨୦୧୯ ସାଧାରଣ ନିର୍ବାଚନ ସମାପ୍ତ ହୋଇଥିଲା ବେଳେ ପାଟକୁରା ବିଧାନସଭା ନିର୍ବାଚନ ସ୍ଥଗିତ ରହିଥିଲା। ଗତ ୨୦ ତାରିଖରେ ଏହି ବିଧାନସଭା ଆସନ ପାଇଁ ନିର୍ବାଚନ ଶେଷ ହୋଇଛି। କିନ୍ତୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଅନ୍ୟ ବିଧାନସଭା ନିର୍ବାଚନ ମଣ୍ଡଳୀ ଠାରୁ ପାଟକୁରା ନିର୍ବାଚନ ମଣ୍ଡଳୀ ସ୍ୱତନ୍ତ୍ର। କାରଣ ଏଠାରୁ ବିଜୁ ଜନତା ଦଳର ପ୍ରାର୍ଥୀ ସାବିତ୍ରୀ ଅଗ୍ରୱାଲଙ୍କ ବିରୋଧରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ଭାବେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ତଥା ରାଜ୍ୟର ଜଣେ ତୁଙ୍ଗ ନେତା ବିଜୟ ମହାପାତ୍ର ପ୍ରାର୍ଥୀ ହୋଇଥିଲେ। ଏଠାରୁ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ଜୟନ୍ତ କୁମାର ମହାନ୍ତି। ହେଲେ ଲଢ଼େଇ ବିଜେଡି-ବିଜେପି ମଧ୍ୟରେ। ଯେହେତୁ ସାଧାରଣ ନିର୍ବାଚନର ଅଢ଼େଇମାସ ବ୍ୟବଧାନରେ ଏଠାରେ ପୁଣି ଏକ ନିର୍ବାଚନ




ଅନୁଷ୍ଠିତ ହୋଇଯାଇଛି। ପାଟକୁରାରେ କିଏ ବାଜି ମାରିବ ତାକୁ ନେଇ ରାଜନୀତି ବିଶାରଦମାନେ ଅଙ୍କକଷାରେ ମାତିଥିଲା ବେଳେ ସାବିତ୍ରୀ ଓ ବିଜୟଙ୍କ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଗଲା ଏପ୍ରିଲ ୨୯ରେ ଲୋକସଭା ନିର୍ବାଚନରେ ପାଟକୁରାବାସୀ ଯେଉଁ ଜନାଦେଶ ଦେଇଥିଲେ ସେଥିରେ ବିଜେଡି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କୁ ମିଳିଥିବା ୮୫ ହଜାର ୨୨୮ ଭୋଟ। ବିଜେପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ୭୮ ହଜାର ୯୦୫ ଭୋଟ ପାଇଥିଲା ବେଳେ କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ପାଇଥିଲେ ୮ ହଜାର ୮୦ ଭୋଟ। ଅର୍ଥାତ ବିଜେଡି ଓ ବିଜେପି ମଧ୍ୟରେ ଭୋଟ ବ୍ୟବଧାନ ରହିଥିଲା। ୬ ହଜାର ୩୨୩ ଖଣ୍ଡ। ପାଟକୁରା ନିର୍ବାଚନ ମଣ୍ଡଳୀର ବ୍ଲକ ଭିତ୍ତିରେ ଭୋଟ ହାର ସମୀକ୍ଷା କଲେ ବିଜେପି ଗରଦପୁର ବ୍ଲକର ୧୮ ପଞ୍ଚାୟତ ଓ ମାର୍ଶାଘାଇ ବ୍ଲକର ୭ ପଞ୍ଚାୟତରେ ପାଖାପାଖି ୩ ହଜାର ଭୋଟ ଅଧିକ ପାଇଥିବା ବେଳେ ଡେରାବିଶ ବ୍ଲକର ୨୬ ପଞ୍ଚାୟତରେ ବିଜେଡି ପାଇଥିବା ପାଖପାଖି ୯ ହଜାର ଭୋଟ ଅଧିକ। ମୋଟ ଉପରେ ବିଜେଡି-ବିଜେପି ମଧ୍ୟରେ ବ୍ୟବଧାନ ରହିଥିଲା ୬ ହଜାର ୩୨୩ ଖଣ୍ଡ ଭୋଟ। ତେବେ ଅଢ଼େଇମାସ ପରେ ହେଉଥିବା ବିଧାନସଭା ନିର୍ବାଚନରେ ଏହି ଭୋଟ କାଏମ ରହିଛି କି ନାହିଁ ତାହା ବର୍ତ୍ତମାନ ସମୟର ସବୁଠୁ ବଡ ପ୍ରଶ୍ନବାଚୀ। ସେତେବେଳେ ପାଟକୁରାରେ ନିର୍ବାଚନ ପରିସ୍ଥିତି ଯାହାଥିଲା ବର୍ତ୍ତମାନ ତାହା ନାହିଁ। ପରିସ୍ଥିତିରେ ଅନେକ ପରିବର୍ତ୍ତନ ଆସିଛି। ପୂର୍ବତନ ବିଧାୟକ ବେଦପ୍ରକାଶ ଅଗ୍ରୱାଲଙ୍କ ପତ୍ନୀ ସାବିତ୍ର ବିଜେଡି ପ୍ରାର୍ଥୀ ଭାବେ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିଲା ବେଳେ ସ୍ୱାଭିମାନର ଆହ୍ୱାନ ଦେଇ ବିଜେପି ପ୍ରାର୍ଥୀ ବିଜୟ ବିଜେପିରୁ ଲଢ଼ିଛନ୍ତି। ଉଭୟ ପ୍ରାର୍ଥୀ ଅନୁକମ୍ପା ଭୋଟ ଉପରେ ଗୁରୁତ୍ୱ ଦେଇଥିବା ଜଣାପଡିଛି। ଜଣେ ସ୍ୱାଭିମାନର ପ୍ରତୀକ ଭାବେ ଅବତୀର୍ଣ୍ଣ ହୋଇଥିଲା ବେଳେ ଆଉ ଜଣେ ପୂର୍ବତନ ବିଧାୟକଙ୍କ ଦେହାନ୍ତ ପରେ ଅଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ପ୍ରାର୍ଥୀ ହୋଇଥିବା ପ୍ରଚାର ବେଳେ କହିଥିଲେ। କିନ୍ତୁ ୨୦୧୪ରେ ଦ୍ୱିତୀୟ ପ୍ରମୁଖ ଶକ୍ତିଭାବେ ଥିବା ରାଜ୍ୟ କଂଗ୍ରେସ ଏକପ୍ରକାର ହାତ ଟେକିଦେଇ ବସିବା ପରିସ୍ଥିତିକୁ ଭିନ୍ନ ମୋଡ ଦେଇଛି। ➤ ପୃ-୬

## ବର୍ଷା ଅଭାବରୁ ଚାଷୀ ହତାଶ

**ଭୁବନେଶ୍ୱର:** ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ଗଡା ମରୁଡି ସ୍ଥିତି। ବିଶେଷ କରି ବଲାଙ୍ଗୀର ଜିଲ୍ଲାରେ ସ୍ୱଳ୍ପ ବୃଷ୍ଟି କାରଣରୁ ମରୁଡି ପରିସ୍ଥିତି ଉତ୍ପନ୍ନ ହେଲାଣି। ସେଠାରେ ପାନୀୟ ଜଳର ମଧ୍ୟ ସଙ୍କଟ ଦେଖା ଦେଲାଣି । ତେଣୁ ଏହି ପ୍ରସଙ୍ଗରେ ରାଜସ୍ୱ ମନ୍ତ୍ରୀ ବିଧାନସଭାରେ ବିବୃତି ଦିଅନ୍ତୁ ଓ ଏକ ଗୃହ କମିଟି ଗଠନ କରି ସେଠାକାର ସ୍ଥିତିର ଅନୁଧ୍ୟାନ କରାଯାଉ ବୋଲି କଂଗ୍ରେସ ବିଧାୟକମାନେ ଦାବି କରିଥିଲେ। କଂଗ୍ରେସ ବିଧାୟକ ସନ୍ତୋଷ ସିଂହ ସାଲୁଜା ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇ କହିଥିଲେ, ଜୁନ ଓ ଜୁଲାଇ ମାସରେ ୩୯୩ ମିଲିମିଟର ବର୍ଷା ହେବା କଥା; ହେଲେ ଏବେ ଯାଏଁ ୨୯୦ ମିଲିମିଟର ବର୍ଷା ହୋଇଛି। ରାଜ୍ୟ ସରକାର ଚାଷ ଜମିକୁ ଜଳସେଚନ କରିବାରେ ଫେଲ ହୋଇଛନ୍ତି। ବଲାଙ୍ଗିର ଜିଲ୍ଲାରେ ୩୩ ପ୍ରତିଶତ ଜଳ ସେଚନ କରାଯାଇଥିବା ଗୁରୁବାର ମନ୍ତ୍ରୀ କହୁଥିଲେ। ହେଲେ ବାସ୍ତବିକ ଚିତ୍ର ଅଲଗା। ବଲାଙ୍ଗିର ଜିଲ୍ଲାରେ ମାତ୍ର ୩ ପ୍ରତିଶତ ଜମିକୁ ଜଳସେଚନ ସୁବିଧା ମିଳିଛି।




### ବିଧାନସଭାରେ ଉଦ୍‌ବେଗ

କଣ୍ଟାବାଞ୍ଜିରେ ଭକ୍ତ ବନ୍ଧୁ ନାମକ ଜଣେ ଚାଷୀ ମରୁଡ଼ି ଯୋଗୁଁ ବିଷ ପିଇ ଆତ୍ମହତ୍ୟା କରିବା ପାଇଁ ଉଦ୍ୟମ କରିଥିଲେ। ଗୁରୁବାର ତାଙ୍କର ବୁର୍ଲା ମେଡିକାଲରେ ମୃତ୍ୟୁ ହୋଇଛି। ଏନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରେ ଚାଷୀଙ୍କର ସମାନ ସମସ୍ୟା ରହିଛି। ଚାଷୀମାନେ ବୀମା ଟଙ୍କା ପାଇପାରୁନାହାନ୍ତି। ଇନପୁଟ ସବସିଡି ମିଳୁନାହିଁ, କାଳିଆ ସହାୟତା ବି ପାଉନାହାନ୍ତି। ଏମିତିକି ବଲାଙ୍ଗିରର କିଛି ଚାଷୀଙ୍କ ପାଖରେ ରାସନ କାର୍ଡ ମଧ୍ୟ ନାହିଁ। ଅନାହାର ମୃତ୍ୟୁ ପାଇଁ ➤ ପୃ-୬

## ପ୍ରସ୍ତାବରେ ଆଉ ୨ ଡପ୍‌ଲର ରାଡାର

**ଭୁବନେଶ୍ୱର :** ରାଜ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଚିର ସହଚର ହୋଇ ରହିଛି। କେତେବେଳେ ବନ୍ୟା ତ କେତେବେଳେ ବାତ୍ୟା, ମରୁଡି, ବଜ୍ରପାତ, ଅଂଶୁଘାତ ଭଳି ବିପତ୍ତି ରାଜ୍ୟବାସୀଙ୍କୁ ଅସ୍ତବ୍ୟସ୍ତ କରୁଛି। ପ୍ରାକ୍ ସୂଚନା ଅଭାବରୁ ଅନେକ ଧନଜୀବନ ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ପୂର୍ବ ସତର୍କତା ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ପ୍ରଥମ ପର୍ଯ୍ୟାୟରେ ଜାତୀୟ ବାତ୍ୟା ପ୍ରଶମନ ପ୍ରକଳ୍ପ ଅଧିନରେ ୬ଟି



ଉପକୂଳବର୍ତ୍ତୀ ଜିଲ୍ଲା ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଜିଲ୍ଲାରେ ଏହି ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଛି। ଅନ୍ୟ ସମସ୍ତ ଜିଲ୍ଲାରେ ପ୍ରାକ୍ ସୂଚନା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ଲାଗି ରାଜ୍ୟ ସରକାର ୨୦୧୯-୨୦ ବଜେଟ୍‌ରେ ୧୦ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି। ଏଥିସହିତ ବାତ୍ୟାର ପ୍ରାକ୍ ସୂଚନା ପାଇଁ ପାରାଦୀପ ଓ ଗୋପାଳପୁରରେ ଡପ୍‌ଲାର ରାଡାର ସ୍ଥାପନ କରାଯାଇଥିବା ବେଳେ ସମ୍ବଲପୁର ଏବଂ ବାଲେଶ୍ୱରରେ ➤ ପୃ-୬

### ରେଳମନ୍ତ୍ରୀଙ୍କୁ ଧର୍ମେନ୍ଦ୍ରଙ୍କ ଚିଠି

## ଭୁବନେଶ୍ୱରରୁ ଜଗଦଲପୁର ଓ ଜୁନାଗଡକୁ ଟ୍ରେନ୍ ଚଳାଚଳ ହେଉ

**ନୂଆଦିଲ୍ଲୀ/ଭୁବନେଶ୍ୱର:** ଭୁବନେଶ୍ୱରରୁ ଜଗଦଲପୁର ଏବଂ ଭୁବନେଶ୍ୱରରୁ ଜୁନାଗଡକୁ ଦୁଇଟି ପୃଥକ ପୃଥକ ଟ୍ରେନ୍ ଚଳାଚଳ କରିବା ଲାଗି ରେଳମନ୍ତ୍ରୀ ପିୟୂଷ ଗୋଏଲଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ର ପେଟ୍ରୋଲିୟମ, ପ୍ରାକୃତିକ ଗ୍ୟାସ ଓ ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଦୁଇଟି ଟ୍ରେନ୍ ଚଳାଚଳ ଲାଗି କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଓ ଜୁନାଗଡ ଅଂଚଳର ଲୋକମାନେ ଦୀର୍ଘଦିନରୁ ଦାବି କରି ଆସୁଥିବା ଶ୍ରୀ ପ୍ରଧାନ କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଲେଖିଥିବା ତାଙ୍କ ପତ୍ରରେ ଦର୍ଶାଇଛନ୍ତି। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପତ୍ରରେ



ଉଲ୍ଲେଖ କରିଛନ୍ତି ଯେ ବର୍ତ୍ତମାନ ଭୁବନେଶ୍ୱରରୁ ଯାଉଥିବା ଟ୍ରେନ୍‌ରୁ ୧୦ଟି ବଗି ରାୟଗଡା ଷ୍ଟେସନରେ ଅଲଗା ହୋଇ ଜୁନାଗଡ ଅଭିମୁଖେ ଯାଉଛି । ଅବଶିଷ୍ଟ ୧୨ଟି ବଗି ଜଗଦଲପୁର ଅଭିମୁଖେ ଯାତ୍ରା କରୁଛି। ଫେରିବା ସମୟରେ ଉଭୟ ଜଗଦଲପୁର ଏବଂ ଜୁନାଗଡରୁ ଆସୁଥିବା ଭିନ୍ନ ଭିନ୍ନ ଟ୍ରେନ୍ ରାୟଗଡା ଷ୍ଟେସନରେ ➤ ପୃ-୬

### ବକ୍ରବାଣୀ




ମଦ ବେପାରୀଙ୍କୁ ପ୍ରାଇଜ ଦିଅ
ମଦ ପେଇକିରି ଭୋଅଟ ନିଅ
ମଦୁଆ ହୁଅନ୍ତୁ ଆମରି ଭାଇ
ଭୋକିଲା ପେଟରେ ଯାଆନ୍ତୁ ଶୋଇ
ମଦୁଆ ହାତରେ ଜୀବନ ଯାଉ
ଗରୀବ ସର୍କାର ରାଜସ୍ୱ ପାଉ
ଆଉ ଗୋଟେ ବଡ କାମ କରନ୍ତ
ମଦୁଆଙ୍କୁ ଡାକି କହି ଦିଅନ୍ତ
ବଡ ମଦୁଆକୁ ମେଡାଲ ଦବୁ
ନାଚନ୍ତେ ଖୁସିରେ ମଦୁଆ ସବୁ।

—ଟୁଟୁ

### କୁଳଭୂଷଣ ମାମଲା, ଆଇସିଜେ ରାୟରେ ପାକିସ୍ତାନ ଦୋଷୀ

# ମୁକ୍ତି ନେଇ ଆଶା ବଢ଼ିଲା

**ଦ ହେଗ୍ :** ପାକିସ୍ତାନ ଜେଲ୍‌ରେ ବନ୍ଦୀ ଥିବା ଭାରତର ପୂର୍ବ ନୌସେନା ଅଫିସର କୁଳଭୂଷଣ ଯାଦବଙ୍କ ମାମଲାରେ ଅନ୍ତର୍ଜାତୀୟ ନ୍ୟାୟ ଅଦାଲତ (ଆଇସିଜେ)ର ରାୟ ଘୋଷଣା ପରେ ଏବେ ପାକିସ୍ତାନ ନିଜ ଭୁଲ ସୁଧାରିବାକୁ ବାଧ ହୋଇଛି। କୁଳଭୂଷଣଙ୍କୁ ଦୂତାବାସ ସହାୟତା ଯୋଗାଇବାକୁ ଭାରତର ଦାବିକୁ ପୂର୍ବରୁ ବାରମ୍ବାର ପ୍ରତ୍ୟାଖ୍ୟାନ କରି ଆସିଥିବା ପାକିସ୍ତାନ ଆଜି କହିଛି ଯେ, କୁଳଭୂଷଣଙ୍କୁ ରାଷ୍ଟ୍ରର ନିୟମ ମୁତାବକ ଦୂତାବାସ ସହାୟତା ଯୋଗାଇ ଦିଆଯିବ। ଏ ଦିଗରେ ପାକିସ୍ତାନ ସରକାର ପଦକ୍ଷେପ ଆରମ୍ଭ କରିଛନ୍ତି ବୋଲି ପାକ୍ ବିଦେଶ ମନ୍ତ୍ରାଳୟ ପକ୍ଷରୁ ଜାରି ବୟାନରେ କୁହାଯାଇଛି । କୁଳଭୂଷଣଙ୍କ ମାମଲାରେ ଆଇସିଜେରେ ରାୟ ଚୂଡାନ୍ତ ଥିବାରୁ ପାକିସ୍ତାନ ସାମରିକ ଅଦାଲତ ପୂର୍ବରୁ ଯେଉଁ ମୃତ୍ୟୁ ଦଣ୍ଡାଦେଶ ଶୁଣାଇଥିଲେ ଏବେ ତାହାର ପୁନର୍ବିଚାର କରିବାକୁ ବାଧ ହେବ। କୁଳଭୂଷର କେବଳ ଜଣେ ଭାରତୀୟ ନାଗରିକ ଏବଂ ତାଙ୍କ ବିରୋଧରେ ପାକିସ୍ତାନ ଯେଉଁ ଅଭିଯୋଗ ଆଣିଥିଲା ତାହା ପ୍ରମାଣିତ ହୋଇନାହିଁ ବୋଲି ଆଇସିଜେ ସ୍ପଷ୍ଟ କରିବା ପରେ ଏବେ କୁଳଭୂଷଣଙ୍କ ମୁକ୍ତି ନେଇ ନୂଆ ଆଶା ସଞ୍ଚାରହୋଇଛି। ସୂଚନାଥାଉ କି, କୁଳଭୂଷଣ ମାମଲାର ଅନ୍ତର୍ଜାତୀୟ ନ୍ୟାୟାଳୟ (ଆଇସିଜେ) ନିଜ ରାୟରେ ପାକିସ୍ତାନକୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପାକିସ୍ତାନ ଭିଏନା ରାଜିନାମାକୁ ପାଳନ ନକରି କୁଳଭୂଷଣଙ୍କୁ ମୃତ୍ୟୁଦଣ୍ଡ ଦେବା ପାଇଁ ସବୁ



ପ୍ରକାର ଆଇନ ବିରୋଧୀ କାର୍ଯ୍ୟ କରିଥିବା ମାମଲା ପରିଚାଳନାରୁ ପ୍ରମାଣିତ ହୋଇଛି। ରାୟରେ କୁଳଭୂଷଣଙ୍କ କ୍ଷେତ୍ରରେ ପାକିସ୍ତାନ କୋର୍ଟ ଦେଇଥିବା ଦଣ୍ଡାଦେଶ ଉପରେ ପୁନର୍ବିଚାର କରିବାକୁ ଆଇସିଜେ ପାକିସ୍ତାନକୁ ନିର୍ଦ୍ଦେଶ ଦେଇଛନ୍ତି। କୁଳଭୂଷଣଙ୍କୁ ନେଇ ଭାରତ ଓ ପାକିସ୍ତାନ ଆଇସିଜେରେ ମୁହାଁମୁହିଁ ହୋଇଥିବା ବେଳେ ୧୬ଜଣ ବିଚାରପତିଙ୍କ ମଧ୍ୟରୁ ୧୫ଜଣ ଭାରତକୁ ସମର୍ଥନ ଦେଇଛନ୍ତି। ଜଣେ ମାତ୍ର ଅସ୍ଥାୟୀ ବିଚାରପତି ଗିଲାନୀ ପାକିସ୍ତାନ ମତକୁ ସମର୍ଥନ କରିଥିଲେ। ଏପରିକି ଚୀନ୍ ବିଚାରପତି ମଧ୍ୟ ଭାରତ ସପକ୍ଷରେ ମତବ୍ୟକ୍ତ କରିଥିଲେ। ଏହି ରାୟ ପ୍ରକାଶ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ ପ୍ରତିକ୍ରିୟାରେ କହିଛନ୍ତି, ଆମେ ଅନ୍ତର୍ଜାତୀୟ କୋର୍ଟର ରାୟକୁ ସ୍ୱାଗତ କରୁଛୁ। ସତ୍ୟ ଓ ନ୍ୟାୟର ବିଜୟ ହୋଇଛି। କୋର୍ଟ ତଥ୍ୟର ସମ୍ପ୍ରସାରିତ ➤ ପୃ-୬

### ଧାରା ଶ୍ରାବଣରେ ଟାଇଁ ଟାଇଁ ଖରା

## ମୌସୁମୀ ଉଭାନ



**ଭୁବନେଶ୍ୱର:** ଦୀର୍ଘଦିନର ଲୁଚକାଳି ପରେ ବହୁ ବିଳମ୍ବରେ ମୌସୁମୀ ଓଡ଼ିଶା ଛୁଇଁଥିଲା। ଆଶା ଥିଲା ମୌସୁମୀ ପ୍ରଭାବରେ ବର୍ଷା ହେବ ଏବଂ ଚାଷୀକୁଳ ଆସ୍ୱସ୍ତି ପାଇବେ। ହେଲେ ମୌସୁମୀ ଛୁଇଁବାର ମାସେ ଯାଇଥିଲେ ମଧ୍ୟ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ଭଲ ବର୍ଷା ଦେଖିବାକୁ ମିଳିଲା ନାହିଁ। ଅନ୍ୟପଟେ ବର୍ଷା ନହେବା ସାଙ୍ଗକୁ ଦିନକୁ ଦିନ ଖରାର ପ୍ରକୋପ ବି ବଢ଼ିବାରେ ଲାଗିଛି। ଯାହାଦ୍ୱାରା ଚାଷକାର୍ଯ୍ୟ ଗଭୀର ଭାବେ ପ୍ରଭାବିତ ହୋଇଛି। ଇତିମଧ୍ୟରେ ଛୋଟମୋଟ ➤ ପୃ-୬

# ରୋଗ ବାଣ୍ଟୁଛି ଝିଞ୍ଜିରିବନ୍ଧ ଜଳାଶୟ

**ବାରିପଦା,(ସଦାନନ୍ଦ ସାହୁ) :** ମୟୂରଭଞ୍ଜ ଗଡ଼ଜାତ ରାଜ୍ୟରେ ମହାରାଜାଙ୍କ ଶାସନ ସମୟରେ ବାରିପଦା ପୌରପରିଷଦରେ ଭୂତଳ ଜଳ ଉତ୍ସ ସହ ବାୟୁମଣ୍ଡଳ ତାପମାତ୍ରାରେ ସନ୍ତୋଳନ ରକ୍ଷା ନିମନ୍ତେ ଅନେକଗୁଡ଼ିଏ ଜଳଉତ୍ସ ନିର୍ମାଣ କରିଥିଲେ । ବର୍ଷାଦିନେ ବଳକା ପାଣି ନିଷ୍କାସନ ନିମନ୍ତେ ଉକ୍ତ ଜଳଉତ୍ସଗୁଡ଼ିକୁ ପରସ୍ପର ସହ ସଂଯୋଗ କରାଇଥିଲେ । ଶେଷରେ ରାଜପ୍ରାସାଦ ସଂଗଲଗ୍ନ ଝିଞ୍ଜିରିବନ୍ଧ ଜଳାଶୟ ଦଇେ ଏହା ବୁଢ଼ାବଳଙ୍ଗ ନଦୀରେ ମିଶୁଥିଲା । ବର୍ତ୍ତମାନ ବାରିପଦା ପୌରପରିଷଦ ନାମରେ ରେକର୍ଡ଼ଭୁକ୍ତ ବାରିପଦା ତହସିଲ ଅଧୀନ ଆରଆଇ-୧, ମୌଜା ଅମ୍ବିକାସାହି, ଖାତାନମ୍ବର ୭୪ ଓ ପ୍ଲଟ ନଂ ୨୩୦- ଏ ୫.୫୯ ଡେମି. ଓ ପ୍ଲଟ ନଂ-୨୨୨ ଏ୭.୪୪ ଡେମି. ମୋଟ ୧୩.୦୩ ଏକର ପରିମିତ ଜମି ଉପରେ ରହିଥିବା ବିଶାଳକାୟ ଝିଞ୍ଜିରିବନ୍ଧ ଜଳାଶୟ ସ୍ଥାନୀୟ ଅଧିବାସୀଙ୍କ ମଧ୍ୟରେ ରୋଗ ବାଣ୍ଟୁଛି ଏବଂ ବାରିପଦା ପୌରପରିଷଦ ନିମନ୍ତେ ବିପଦର କାରଣ



ପାଲଟିବାକୁ ବସିଛି । କେବଳ ଏତିକି ନୁହେଁ ବୁଢ଼ାବଳଙ୍ଗ ନଦୀର ପାଣିକୁ ଜହରରେ ପରିଣତ କରାଉଛି । ବାରିପଦା ପୌରପରିଷଦର ପରିବେଶକୁ ପ୍ରଦୂଷିତ କରାଉଥିବା ପ୍ରଦୋଷଣ ବୋର୍ଡ଼ , ସରକାର ଓ ପୌରପରିଷଦ ଏହାର ପ୍ରତିକାର କ୍ଷେତ୍ରରେ ନିଘା ନାହିଁ କି ପଘା ନାହିଁ ନ୍ୟାୟକୁ ଆପଣେଇ ନେଇଥିବାର କୁହାଯାଉଛି ।

ମୟୂରଭଞ୍ଜ ଗଡ଼ଜାତ ରାଜ୍ୟର ମହାରାଜାମାନେ ମନୋରଞ୍ଜନ ନିମନ୍ତେ ଝିଞ୍ଜିରିବନ୍ଧ ଜଳାଶୟରେ ନୌକାବିହାର ସହ ଫିସିଂ କରୁଥିଲେ । ରାଜତନ୍ତ୍ର ଶାସନ ବିଲୋପ ଘଟିବାର ପରବର୍ତ୍ତି ସମୟରେ ଝିଞ୍ଜିରିବନ୍ଧ ଜଳାଶୟ ବାରିପଦା ପୌରପରିଷଦ ନାମରେ ରେକର୍ଡ଼ ଭୁକ୍ତ ହେଲା ଏବଂ ପୌରପରିଷଦ ଦୀର୍ଘ ବର୍ଷ ଧରି ମାଛଚାଷ ନିମନ୍ତେ ନିଲାମ ଦେଇ ଅର୍ଥ ଉପାର୍ଜନ କରି ଆସୁଥିଲା । କିନ୍ତୁ, ପ୍ରାୟ ୧୫/୧୬ ବର୍ଷ ପୂର୍ବେ ନିଲାମରେ ନେଇଥିବା ବ୍ୟକ୍ତି ମାଛ ଚୋରୀ ରୋକିବା ଅଥବା ଅନ୍ୟ କୌଣସି କାରଣରୁ ବିଶାଳକାୟ ଝିଞ୍ଜିରିବନ୍ଧ ଜଳାଶୟରେ ଦଳ ପକାଇଦେଇଥିଲା ଏବଂ ପୌରପରିଷଦର ଅପାରଗତା, ଖାମଖିଆଲି ମନୋଭାବ ଫଳରେ ଉକ୍ତ ଦଳକୁ ସଫା କରାନଯିବାରୁ ଆସ୍ତେ ଆସ୍ତେ କାୟା ବିସ୍ତାର କରି ଆଜି ଏକ ସବୁଜ ପଡ଼ିଆର ଭ୍ରମ ସୃଷ୍ଟିକରାଇ ଆସୁଛି । ସେହିପରି, ବାରିପଦା ପୌରପରିଷଦର ତୃଟିପୂର୍ଣ୍ଣ ଟାଉନ ପ୍ଲାନିଂ ସହ ବୈଷୟିକ ଦୂରଦୃଷ୍ଟିର ଅଭାବ ବନ୍ଧର ପାଣିକୁ ଜହରରେ ପରିଣତ କରାଇ ଦେଇଛି । ପୌରପରିଷଦର ବିଭିନ୍ନ ୱାର୍ଡ଼ର ଡ୍ରେନ ପାଣିକୁ ଝିଞ୍ଜିରିବନ୍ଧ ସହ ଯୋଡ଼ି ଦିଆଗଲା । ଫଳରେ ନାଳ ନର୍ଦ୍ଦମାରେ ମିଶୁ ଥିବା ପାଇଖାନା ପାଣି, ➤ ପୃ-୬




CITY HOMES
Near AMRI Hospital, Ghatikia, Khandagiri
Bhubaneswar

Developed By-
Evos Buildcon Pvt .Ltd
Plot No-284/2485,
Patrapada Bhubaneswar

Luxurious 2BHK / 3BHK Apartment At An Affordable Price

Approved By-
Odisha Real Estate Regulatory Authority
State Bank of India THE BANKER TO EVERY INDIAN
Bhubaneswar Municipal Corporation Progress Through Partnership for Better Bhubaneswar

For More Information Contact:-
7440005812 / 7440005813
www.evosbuildcon.com
Email- support@evos.co.in

EVOS PARADISE,
Near AIIMS Hospital,BBSR



EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

## କେମିତି କଟିବ ଏ ସପ୍ତାହ

**ମେଷ**
ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ଛାତ୍ରଛାତ୍ରୀମାନେ ପାଠପଢ଼ା କ୍ଷେତ୍ରରେ ଚିନ୍ତିତ ରହିବେ। ଆର୍ଥିକ ସ୍ଥିତିରେ ପରିବର୍ତ୍ତନ ଦେଖାଦେବ। ଲାଗି ରହିଥିବା ଜମିଜମା ବିବାଦର ସମାଧାନ ଘଟିବ। ସରକାରୀ ଚାକିରିଆଙ୍କୁ ଲାଭ ମିଳିପାରେ।

**ବୃଷ**
ନୂତନ ଗୃହ ନିର୍ମାଣ କରିବାର ସମୟ ଆସିବ। ବୈବାହିକ ଜୀବନ ସୁଖମୟ ହେବ। ଗୃହରେ ଶାନ୍ତିର ବାତାବରଣ ଖେଳିଯିବ। ମାନସିକ ସୁସ୍ଥତା ଅନୁଭବ କରିବେ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି କୃତିତ୍ୱ ହାସଲ କରିବେ।

**ମିଥୁନ**
ନୂତନ କର୍ମରେ ଯୋଗ ଦେବାର ସମୟ ଆସିବ। ଯାନବାହନଠାରୁ ଦୂରେଇ ରୁହନ୍ତୁ। ତୀର୍ଥସ୍ଥାନ ଭ୍ରମଣର ସୁଯୋଗ ମିଳିବ। ଛାତ୍ରଛାତ୍ରୀମାନେ ପାଠପଢ଼ାରେ କୃତିତ୍ୱ ଲାଭ କରିବେ। ପରିବାର ମଧ୍ୟରେ ଆନନ୍ଦ ଖେଳିଯିବ।

**କର୍କଟ**
କର୍ମକ୍ଷେତ୍ରରେ ସହକର୍ମୀଙ୍କଠାରୁ ପ୍ରଶଂସା ପାଇବେ। ରାଜନୈତିକ ବ୍ୟକ୍ତିମାନେ ସତର୍କତା ଅବଲମ୍ବନ କରନ୍ତୁ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରି ଫଳ ପାଇବେ। ବେକାରୀ ସମସ୍ୟା ଦୂର ହେବ।

**ସିଂହ**
ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଲାଗି ରହିଥିବା ବିବାଦର ସମାଧନ ହେବ। ସାମାଜିକ ଉତ୍ସବରେ ସହଯୋଗ କରିବେ। ନୂତନ କର୍ମରେ ଯୋଗ ଦେଇ ପ୍ରଶଂସିତ ହେବେ। ବିଦ୍ୟାର୍ଥୀମାନେ ଶୁଭଫଳ ପାଇବେ।

**କନ୍ୟା**
ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ବିଦ୍ୟାର୍ଥୀମାନେ କମ୍ ପରିଶ୍ରମରେ ଅଧିକ ଫଳପ୍ରଦ ହେବେ। ନୂତନ ଯାନ କ୍ରୟ କରିବାର ସମୟ ଆସିବ।

**ତୁଳା**
ଆଶା କରିଥିବା କର୍ମରେ ଶୁଭଫଳ ମିଳିବ। କର୍ମକ୍ଷେତ୍ରରେ ପଦୋନ୍ନତି ହେବାର ଅଧିକ ସମ୍ଭାବନା। ତୀର୍ଥସ୍ଥାନ ଭ୍ରମଣ କରିବାର ସୁଯୋଗ ଆସିବ। ରାଜନୈତିକ କ୍ଷେତ୍ରରେ ସଫଳତା ହାସଲ କରିବେ।

**ବିଛା**
ସାମାଜିକ କାର୍ଯ୍ୟରେ ଲିପ୍ତ ରହିବେ। ନୂତନବନ୍ଧୁଙ୍କ ଠାରୁ ଆର୍ଥିକ ସାହାଯ୍ୟ ମିଳିପାରେ। ବିଦ୍ୟାର୍ଥୀମାନେ ଶିକ୍ଷାକ୍ଷେତ୍ରରେ ଉନ୍ନତି କରିବେ। କର୍ମକ୍ଷେତ୍ରରେ ଉଚ୍ଚପଦସ୍ଥ କର୍ମଚାରୀଙ୍କଠାରୁ ପ୍ରଶଂସିତ ହେବେ।

**ଧନୁ**
କର୍ମକ୍ଷେତ୍ରରେ ସଫଳତା ଲାଭ କରିବେ। ଦୀର୍ଘଦିନର ପୁରୁଣା କାମର ସମାଧାନ ହେବ। ଅତୀତ ଘଟଣାକୁ କେନ୍ଦ୍ରକରି ପଡୋଶୀଙ୍କ ସହ ବିବାଦ ରହିପାରନ୍ତି। ବ୍ୟବସାୟୀମାନେ ବ୍ୟବସାୟରେ ଲାଭବାନ୍ ହେବେ।

**ମକର**
ଧନ ବୃଦ୍ଧିର ଶୁଭ ସଙ୍କେତ ମିଳିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ବୟୋଜ୍ୟେଷ୍ଠଙ୍କ ଶରୀର ପ୍ରତି ସତର୍କ ରହିବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ବନ୍ଧୁମିଳନ ଘଟିପାରେ।

**କୁମ୍ଭ**
ମହତ୍ୱପୂର୍ଣ୍ଣ କାର୍ଯ୍ୟରେ ବ୍ୟସ୍ତ ରହିବେ। କର୍ମକ୍ଷେତ୍ରରେ ପ୍ରଶଂସା ପାଇବେ। ଗୃହରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ। ଧନ ବୃଦ୍ଧିର ଶୁଭସେଙ୍କତ ମିଳିପାରେ। ରାଜନୈତିକ ବ୍ୟକ୍ତି କିଛିମାତ୍ରାରେ ଶୁଭଫଳ ପାଇବେ। ବନ୍ଧୁମିଳନ ଘଟିପାରେ।

**ମୀନ**
ପରିବାରରେ ଏକତା ଓ ମାନସିକ ଶାନ୍ତି ବଢ଼ିବ। ଆର୍ଥିକ ସ୍ୱଚ୍ଛଳତା ଦେଖାଦେବ। ଛାତ୍ରଛାତ୍ରୀମାନେ ପ୍ରଶଂସିତ ହେବେ। କର୍ମକ୍ଷେତ୍ରରେ ପଦୋନ୍ନତି ଘଟିପାରେ। ଶାରୀରିକ ପୀଡ଼ା ଅନୁଭବ କରିପାରନ୍ତି।



ଚନ୍ଦ୍ରଶେଖର ମିଶ୍ର
ଜ୍ୟୋତିର୍ବିଦ୍ ଓ ବାସ୍ତୁବିଶାରଦ
କାକଟପୁର, ପୁରୀ
ମୋ-୯୭୭୭୦୬୩୪୧୧

### ଜାତୀୟ ମେଡ଼ିକାଲ କମିଶନ ବିଲକୁ କ୍ୟାବିନେଟ ଅନୁମୋଦନ

# ଏମ୍‌ସିଆଇର ସ୍ଥାନ ନେବ ମେଡ଼ିକାଲ କମିଶନ

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ଜାତୀୟ ମେଡ଼ିକାଲ କମିଶନ ବିଲ, ୨୦୧୯କୁ ଅନୁମୋଦନ କରିଛନ୍ତି। ଏହି ବିଲ ଅନୁମୋଦନ ଲାଭ କରିବା ପରେ ବର୍ତ୍ତମାନର ମେଡ଼ିକାଲ କାଉନସିଲ ଅଫ ଇଣ୍ଡିଆ (ଏମସିଆଇ) ସ୍ଥାନରେ ଜାତୀୟ ମେଡ଼ିକାଲ କମିଶନ ପ୍ରତିଷ୍ଠା କରାଯିବ। ଏହି ବିଲ ବର୍ତ୍ତମାନ ପ୍ରଚଳିତ ଇଣ୍ଡିଆନ ମେଡ଼ିକାଲ କାଉନସିଲ ଆଇନ ୧୯୫୬ର ସ୍ଥାନ ନେବ। ଏହି ବିଲର ବିଶେଷତ୍ୱ ହେଉଛି ଡାକ୍ତରୀ ସ୍ନାତକ (ଏମବିବିଏସ) ପାଠ୍ୟକ୍ରମର ଅନ୍ତିମ ବର୍ଷର ପରୀକ୍ଷା ଜାତୀୟ ପ୍ରସ୍ଥାନ ପରୀକ୍ଷା (ନେକ୍ସଟ) ଭାବେ ପରିଚିତ ହେବ। ଏହା ସ୍ନାତକୋତର ଡାକ୍ତରୀ ପାଠ୍ୟକ୍ରମ ପ୍ରବେଶିକା ପରୀକ୍ଷା ତଥା ବିଦେଶୀ ଡାକ୍ତରୀ ସ୍ନାତକମାନଙ୍କ ପାଇଁ ସ୍କ୍ରିନିଂ ଟେଷ୍ଟ ଭାବେ ବିବେଚିତ ହେବ। ଦେଶରେ ଗୋଟିଏ ସାଧାରଣ ମାନକ ଲାଗି ନିଟ, କମନ କାଉନସେଲିଂ ଏବଂ ନେକ୍ସଟ ଆଦି ଜାତୀୟ ପ୍ରବେଶିକା ପରୀକ୍ଷା ଏମ୍ସ ଭଳି ଜାତୀୟ ଗୁରୁତ୍ୱ ବହନ କରୁଥିବା ସଂସ୍ଥାନରେ ଉପଯୋଗୀ ହେବ। ଘରୋଇ ମେଡ଼ିକାଲ କଲେଜ ଓ ଏକକ ବିଶ୍ୱବିଦ୍ୟାଳୟର ୫୦% ସିଟରେ ଫି' ଏବଂ ଅନ୍ୟାନ୍ୟ ଖର୍ଚ୍ଚକୁ ଏହି କମିଶନ ନିୟନ୍ତ୍ରଣ କରିବେ। ମେଡ଼ିକାଲ ଆସେସମେଂଟ ଓ ରେଟିଂ ବୋର୍ଡ (ଏମଏଆରବି) ମେଡ଼ିକାଲ କଲେଜଗୁଡ଼ିକର ଅନୁଧ୍ୟାନ କରିବ ଏବଂ ମେଡ଼ିକାଲ କଲେଜଗୁଡ଼ିକୁ ର୍‍ୟାଙ୍କ ପ୍ରଦାନ କରିବା ଲାଗି ଏକ ବ୍ୟବସ୍ଥା ବିକଶିତ କରିବ। ଫଳରେ ଡାକ୍ତରୀ ଛାତ୍ରଛାତ୍ରୀମାନେ ନାମଲେଖା ନିମନ୍ତେ ସଠିକ ମେଡ଼ିକାଲ କଲେଜ ଚୟନ କରିପାରିବେ। ଏସବୁ ପଦକ୍ଷେପ ଦ୍ୱାରା ନାମଲେଖା ପ୍ରକ୍ରିୟାରେ ସ୍ୱଚ୍ଛତା ଆସିବ ଏବଂ ନାମଲେଖା ଫି' ହ୍ରାସ ପାଇବ। ଜାତୀୟ ମେଡ଼ିକାଲ କମିଶନର ୪ଟି ସ୍ୱାୟତ ପରିଷଦ ରହିବ ଯଥା -ସ୍ନାତକ ଡାକ୍ତରୀ



ଶିକ୍ଷା ବୋର୍ଡ, ସ୍ନାତକୋତର ଡାକ୍ତରୀ ଶିକ୍ଷା ବୋର୍ଡ, ମେଡ଼ିକାଲ ଆସେସମେଂଟ ଓ ରେଟିଂ ବୋର୍ଡ ଏବଂ ନୀତି ଓ ମେଡ଼ିକାଲ ପଞ୍ଜିକରଣ ବୋର୍ଡ। ଜାତୀୟ ମେଡ଼ିକାଲ କମିଶନ ଏବଂ ସମ୍ପୃକ୍ତ ବୋର୍ଡଗୁଡ଼ିକ ଉତ୍ସାହୀ ଏବଂ ଆଧୁନିକ ଚିକିତ୍ସା ପରିବେଶ ସୁନିଶ୍ଚିତ କରିବେ, ଭୌତିକ ଭିତିଭୂମି ହ୍ରାସ ଉପରେ ଗୁରୁତ୍ୱ ଦେବେ, ବିଶ୍ୱସ୍ତରୀୟ ମାନକ ସର୍ତ୍ତାବଳୀ ତଥା ଏକ ପ୍ରଭାବୀ ଅଭିଯୋଗ ସମାଧାନ ବ୍ୟବସ୍ଥା ହାସଲ କରିବା ଦିଗରେ କାର୍ଯ୍ୟ କରିବେ। ଚିକିତ୍ସା ପରାମର୍ଶ ପରିଷଦ ଏବଂ ଆୟୋଗରେ ରାଜ୍ୟ ଚିକିତ୍ସା ପରିଷଦ ଜରିଆରେ ନିର୍ବାଚିତ ସଦସ୍ୟମାନଙ୍କୁ ବ୍ୟାପକ ପ୍ରତିନିଧିତ୍ୱ ପ୍ରଦାନ କରିବା ଲାଗି ବ୍ୟବସ୍ଥା କରାଯାଇଛି। ସ୍ୱାୟତ ବୋର୍ଡର କ୍ଷମତା ୩ରୁ ୫କୁ ବୃଦ୍ଧି ପାଇଛି ଏବଂ ଏଥିରେ ଦୁଇ ଜଣ ଅସ୍ଥାୟୀ ସଦସ୍ୟଙ୍କୁ ସାମିଲ କରାଯାଇଛି। ଏମାନଙ୍କ ମଧ୍ୟରୁ ଜଣେ ସରକାରଙ୍କ ଦ୍ୱାରା ଚୟନିତ ଡାକ୍ତର ଏବଂ ଅନ୍ୟ ଜଣେ ରାଜ୍ୟ ଚିକିତ୍ସା ପରିଷଦରୁ ନିର୍ବାଚିତ ଡାକ୍ତର ରହିବେ। ସ୍ନାତକ ଏବଂ ସ୍ନାତକୋତର ବୋର୍ଡ ଦ୍ୱାରା ଧାର୍ଯ୍ୟ ମାନକ ଆଧାରରେ ନୂଆ ମେଡ଼ିକାଲ କଲେଜ ଖୋଲିବା, ସ୍ନାତକୋତର ପାଠ୍ୟକ୍ରମ ଆରମ୍ଭ କରିବା, ଡାକ୍ତରୀ ସିଟ ବଢ଼ାଇବା ଲାଗି ମେଡ଼ିକାଲ ଅନୁଧ୍ୟାନ ଏବଂ ରେଟିଂ ବୋର୍ଡ ଅନୁମତି ପ୍ରଦାନ କରିବ। ନୂଆ ମେଡ଼ିକାଲ କଲେଜ ପାଇଁ ଅନୁମତି ନବୀକରଣ ଅନୁମୋଦନ ପୂର୍ବରୁ ବିବେଚନା କରାଯିବ।

## ଅନୁପ୍ରବେଶକାରୀଙ୍କୁ ଦେଶରୁ ବିତାଡିତ କରାଯିବ: ଶାହା

**ନୂଆଦିଲ୍ଲୀ:** ଦେଶର କୌଣସି କୋଣରେ ବେଆଇନ ଅନୁପ୍ରବେଶକାରୀ ବସବାସ କରୁଥିଲେ ତାଙ୍କୁ ଚିହ୍ନଟ କରାଯିବା ସହ ଦେଶରୁ ବିତାଡିତ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା। ରାଜ୍ୟସଭାରେ ଶାହା କହିଛନ୍ତି ଯେ, ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସେମାନଙ୍କୁ ସେମାନଙ୍କ ଦେଶକୁ ପଠାଇ ଦିଆଯିବ। ଦେଶର ଅନ୍ୟ ରାଜ୍ୟ ଗୁଡିକରେ ମଧ୍ୟ ଏନ୍‌ଆରସି ଲାଗୁ କରାଯିବା ନେଇ ସମାଜବାଦୀ ପାର୍ଟି ସାଂସଦ ଜାଭେଦ ଅଲ୍ଲୀ ଖାନ୍‌ଙ୍କ ପ୍ରଶ୍ନରେ ଗୃହମନ୍ତ୍ରୀ ଶାହା ଏହି ଉତ୍ତର ରଖିଛନ୍ତି। ବର୍ତ୍ତମାନ ସୁପ୍ରିମ୍‌କୋର୍ଟଙ୍କ ତତ୍ତ୍ୱାବଧାନରେ ଆସାମରେ ଲାଗୁ ହେବା ସହିତ ଏଥିରେ ପରିବର୍ତ୍ତନ ମଧ୍ୟ ଅଣାଯାଉଛି। ଆସନ୍ତା ଜୁଲାଇ ୩୧କୁ ଆସାମର ଏନ୍‌ଆରସି ପ୍ରସ୍ତୁତ ପାଇଁ ଶେଷ ତାରିଖ ଧାର୍ଯ୍ୟ କରାଯାଇଛି। ସଂସଦର ଉଚ୍ଚତମ ସଦନରେ ଶାହା ଆଜି କହିଛନ୍ତି, ଏହା ଏକ ଭଲ ନିଷ୍ପତ୍ତି। ଏନ୍‌ଆରସି ଆସାମ ଚୁକ୍ତିରେ ଥିଲା ଏବଂ ବିଜେପି କ୍ଷମତାକୁ ଆସିଲେ ଲାଗୁ କରାଯିବ ବୋଲି ଇସ୍ତାହାରରେ ମଧ୍ୟ ରଖାଯାଇଥିଲା। ଭାରତର ପ୍ରତି



ଇଞ୍ଚରେ ବସବାସ କରୁଥିବା ବେଆଇନ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରାଯିବା ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ସେମାନଙ୍କୁ ଦେଶରୁ ବାହାର କରାଯିବ। ସୂଚନାଥାଉ କି, କୌଣସି ତ୍ରୁଟି ବିଚ୍ୟୁତି ନହେବା ପାଇଁ ୨୫ଲକ୍ଷ ଆବେଦନକାରୀ କେନ୍ଦ୍ର ଏବଂ ରାଷ୍ଟ୍ରପତିଙ୍କୁ ଅନୁରୋଧ କରିଛନ୍ତି ଆସାମରେ ଏନ୍‌ଆରସି ଲାଗୁ କରାଯିବାର ଅବଧି ବଢ଼ାଯାଉ। ଏ ବିଷୟରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ପୂର୍ବରୁ ସୂଚନା ଦେଇସାରିଛନ୍ତି। ମନ୍ତ୍ରୀ କହିଥିଲେ, କିଛି ନାଁ ଏଥିରେ ସ୍ଥାନ ପାଇନଥିବା ବେଳେ ଆଉ କିଛି ସ୍ଥାନ ପାଇବାର ନଥିଲେ ମଧ୍ୟ ସ୍ଥାନ ପାଇଛି। ତେଣୁ ଅବଧି ବଢ଼ାଇବାକୁ କେନ୍ଦ୍ର ସରକାର ସୁପ୍ରିମ୍‌କୋର୍ଟଙ୍କୁ ଜଣାଇଛନ୍ତି। ବିନା କୌଣସି ତ୍ରୁଟିରେ ଏନ୍‌ଆରସି ଲାଗୁ କରାଯିବାର ଥିବାରୁ ଏଥିରେ ବିଳମ୍ବ ହୋଇପାରେ। ସେ କହିଛନ୍ତି ଯେ, କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟ ହେଉଛି ପ୍ରକୃତ ନାଗରିକ ଏନ୍‌ଆରସିରୁ ବାଦ୍ ନପଡନ୍ତୁ। ଭାରତରେ ବସବାସ କରୁଥିବା ରୋହିଙ୍ଗ୍ୟା ମୁସ୍‌ଲିମ୍‌ଙ୍କ ବାବଦରେ ମନ୍ତ୍ରୀ କହିଥିଲେ, ଆମ ପାଖରେ ପ୍ରକୃତ ତଥ୍ୟ ନାହିଁ। ସେମାନେ ଦେଶର ବିଭିନ୍ନ ସ୍ଥାନରେ ଅଛନ୍ତି। ସେମାନଙ୍କ ମଧ୍ୟରୁ କିଛି ବାଂଲାଦେଶ ଚାଲିଯାଇଛନ୍ତି। ସେ କହିଛନ୍ତି, ସରକାର ଚାହାନ୍ତି କୌଣସି ବେଆଇନ ଅନୁପ୍ରବେଶକାରୀଙ୍କ ନାମ ଏନ୍‌ଆରସିରେ ସାମିଲ ନହେଉ। ଭାରତରେ ବେଆଇନ ଭାବେ ବସଭାବ କରୁଥିବା ବିଦେଶୀଙ୍କ ସଂଖ୍ୟା କମାଇବା ପାଇଁ ଫରେନର ଟ୍ରିବ୍ୟୁନାଲ ମଧ୍ୟ ଗଠନ କରାଯାଇଛି।

## ୨୮ରେ ମୋଦିଙ୍କ ମନ୍ କୀ ବାତ୍

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଆକାଶବାଣୀ କାର୍ଯ୍ୟକ୍ରମ 'ମନ୍ କୀ ବାତ୍'ରେ ଦେଶବାସୀଙ୍କୁ ତାଙ୍କର ମନର ଭାବ ବ୍ୟକ୍ତ କରିବେ। ଆସନ୍ତା ୨୮ ପୂର୍ବାହ୍ନ ୧୧ଟାରେ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ଚାନେଲରେ ଏହାର ପ୍ରସାରଣ କରାଯିବ। ମୋଦି ୨ୟ ଥର ପାଇଁ କ୍ଷମତାକୁ ଆସିବା ପରେ ଏହା ହେବ 'ମନ୍ କୀ ବାତ୍'ର ୨ୟ ସଂସ୍କରଣ। ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ଠାରୁ ବିଭିନ୍ନ ପ୍ରସଙ୍ଗରେ ସେମାନଙ୍କର ମତାମତ ଲୋଡ଼ିଛନ୍ତି। ଗତ ଏପିସୋଡ୍‌ରେ ମୋଦୀ ଜଳ ସଂରକ୍ଷଣ ନେଇ ଜନ ଆନ୍ଦୋଳନ ଗଢ଼ି ତୋଳିବାକୁ ଆହ୍ୱାନ ଦେଇଥିଲେ।

## ଏନ୍‌ଆର୍‌ସିର ସମୟସୀମା ବୃଦ୍ଧି ନେଇ ସୁପ୍ରିମ୍‌କୋର୍ଟରେ ଆବେଦନ

**ନୂଆଦିଲ୍ଲୀ:** ଜାତୀୟ ନାଗରିକ ପଞ୍ଜୀକରଣ (ଏନ୍‌ଆର୍‌ସି) ଚୂଡ଼ାନ୍ତ ପାଇଁ ଧାର୍ଯ୍ୟ ହୋଇଥିବା ସମୟସୀମା ବୃଦ୍ଧି କରିବା ନିମନ୍ତେ ଉଭୟ କେନ୍ଦ୍ର ଓ ଆସାମ ସରକାର ସୁପ୍ରିମକୋର୍ଟରେ ଆବେଦନ କରିଛନ୍ତି। ଏନ୍‌ଆର୍‌ସି ଚୂଡ଼ାନ୍ତ ପାଇଁ ଏବେ ଶେଷ ତାରିଖ ରହିଛି ଜୁଲାଇ ୩୧। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ପ୍ରଧାନ ବିଚାରପତି ଜଷ୍ଟିସ୍ ରଞ୍ଜନ ଗୋଗୋଇଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠକୁ କହିଛନ୍ତି, ଭାରତକୁ କଦାପି ବିଶ୍ୱର ଶରଣାର୍ଥୀଙ୍କ ରାଜଧାନୀ କରାଯାଇ ପାରିବ ନାହିଁ। ବାଂଲାଦେଶ ସୀମାନ୍ତ ଅଞ୍ଚଳରେ ସ୍ଥାନୀୟ ଅଫିସରଙ୍କ ଶଳାସୂତରାରେ ଲକ୍ଷାଧିକ ଲୋକଙ୍କୁ ବେଆଇନ ଭାବେ ଏନ୍‌ଆର୍‌ସିରେ ଅନ୍ତର୍ଭୁକ୍ତ କରାଯାଇଛି। ଆସାମ ପାଇଁ ପ୍ରଥମ ଏନ୍‌ଆର୍‌ସି ଚିଠା ପ୍ରସ୍ତାବ ଗତ ୨୦୧୭ ଡିସେମ୍ବର ୩୧ ଓ ୨୦୧୮ ଜାନୁଆରୀ ୧ ମଧ୍ୟରାତ୍ରିରେ ପ୍ରକାଶ ପାଇଥିଲା। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ କ୍ରମେ ଏହା ପ୍ରକାଶିତ ହୋଇଥିଲା। ଏନ୍‌ଆର୍‌ସି ତାଲିକାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ୩.୨୯ କୋଟି ଆବେଦନ ମିଳିଥିଲା ବେଳେ ଏଥିରୁ ୧.୯ କୋଟି ଲୋକ ବାଦ୍ ପଡ଼ିଥିଲେ।

## ଭାରତରେ ଅନୁପ୍ରବେଶ ବଢ଼ାଉଛି ପାକିସ୍ତାନ ସେନା

**ନୂଆଦିଲ୍ଲୀ:** ଭାରତ-ପାକିସ୍ତାନ ମଧ୍ୟରେ ଥିବା ଆନ୍ତର୍ଜାତିକ ସୀମାରେଖା ଦେଇ ପାକ୍ ଆତଙ୍କୀଙ୍କୁ ଅନୁପ୍ରବେଶ କରାଇବା ପାଇଁ ପାକିସ୍ତାନ ଉଦ୍ୟମ ଚଳାଇଛି ବୋଲି ଭାରତର ଗୁପ୍ତଚର ସଂସ୍ଥା କେନ୍ଦ୍ର ସରକାରଙ୍କୁ ଜଣାଇଛି। ସୀମା ଉପରେ ସତର୍କ ଦୃଷ୍ଟି ରଖିବା ପାଇଁ ସୀମା ସୁରକ୍ଷା ବାହିନୀକୁ ତାଗିଦ କରାଯାଇଛି। ବିଏସ୍‌ଏଫ୍ ସମେତ ସୀମାକୁ ଲାଗି ରହିଥିବା ରାଜ୍ୟ ପୁଲିସ, ଅର୍ଦ୍ଧସାମରିକ ବାହିନୀ, ଭାରତୀୟ ସେନାକୁ ମଧ୍ୟ ସଜାଗ ରହିବାକୁ କୁହାଯାଇଛି। ସୀମା ଆରପଟେ ପାକିସ୍ତାନ ଲଞ୍ଚପ୍ୟାଡ୍ ନିର୍ମାଣ କରୁଛି ବୋଲି ଗୁପ୍ତଚର ବିଭାଗ ଆଗରୁ ସୂଚନା ଦେଇଥିଲା। ଉକ୍ତ ଲଞ୍ଚପ୍ୟାଡ୍ ଆତଙ୍କୀଙ୍କୁ ଭାରତରେ ପ୍ରବେଶ କରାଇବା ପାଇଁ ଉଦ୍ଦିଷ୍ଟ ବୋଲି ଏବେ ଗୁପ୍ତଚର ବିଭାଗ ଜାଣିବାକୁ ପାଇଛି। ପାକିସ୍ତାନ ସୀମା ନିକଟରେ ଆତଙ୍କୀଙ୍କୁ ଏକଜୁଟ କରାଯାଉଛି। ସେମାନଙ୍କୁ ଏକାଧିକ ଟିମ୍‌ରେ ବିଭକ୍ତ କରାଯାଇ ଭାରତକୁ ପଠାଯାଉଛି। ଆତଙ୍କୀଙ୍କ ଆସ୍ପର୍ଦ୍ଧା ଏତେ ପରିମାଣରେ ବଢ଼ିଯାଇଛି ଯେ ସେମାନେ ରାଜପଥ ଉପରେ ସେନାକୁ ଆକ୍ରମଣ କରିବା ପାଇଁ ପଛାଉନାହାନ୍ତି। ଏହାପୂର୍ବରୁ ସେମାନେ ଲୁଚିଛପି ଆତଙ୍କୀ କାର୍ଯ୍ୟକଳାପରେ ଲିପ୍ତ ରହୁଥିଲେ। ପୂର୍ବରୁ ପାକିସ୍ତାନରୁ ସଡ଼କ ପଥ ଦେଇ ଆତଙ୍କୀମାନେ ଭାରତରେ ପ୍ରବେଶ କରୁଥିଲେ। କିନ୍ତୁ ଏବେ ସେମାନେ ଆନ୍ତର୍ଜାତିକ ସୀମାରେଖା ଦେଇ ଭାରତରେ ପ୍ରବେଶ କରିବା ଉଦ୍ୟମ ଚଳାଇଛନ୍ତି। ୨୦୧୭ରୁ ବିଭିନ୍ନ ସମୟରେ ଟ୍ରକ୍ ଯୋଗେ ପାକିସ୍ତାନରୁ ପ୍ରାୟ ୩୩ ଜଣ ଆତଙ୍କୀ ଆସି କଶ୍ମୀରରେ ଆଡ୍ଡା ଜମାଇଥିବା ରିପୋର୍ଟରୁ ଜଣାପଡ଼ିଛି। କଶ୍ମୀରର ଝାଜ୍ଜାର କୋଟ୍‌ଲି ଓ ନାଗ୍ରୋଟାରୁ ଗିରଫ ଆତଙ୍କୀଙ୍କ ବୟାନକୁ ଭିତ୍ତି କରି ରିପୋର୍ଟ ତିଆରି କରାଯାଇଥିଲା। ବିଏସ୍‌ଏଫ୍ ବ୍ୟତୀତ ଅନ୍ୟ ନିରାପତ୍ତା ବାହିନୀ ଓ ଗୁପ୍ତଚର ବିଭାଗ ଉକ୍ତ ରିପୋର୍ଟକୁ ସ୍ୱୀକାର କରିଛନ୍ତି। ବିଏସ୍‌ଏଫ୍‌ର ଜଣେ ବରିଷ୍ଠ ଅଧିକାରୀଙ୍କ ମତରେ ଆନ୍ତର୍ଜାତିକ ସୀମାରେଖା ନିକଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ପାକିସ୍ତାନପଟୁ ଆତଙ୍କୀ ଅନୁପ୍ରବେଶ କରିବା ଅସମ୍ଭବ ପ୍ରାୟ।

### ଅଯୋଧ୍ୟା ଜମି ବିବାଦ

## '୯ ମାସ ମଧ୍ୟରେ ରାୟ ଦିଅ'

**ନୂଆଦିଲ୍ଲୀ:** ୧୯୯୨ରେ ବାବ୍ରୀ ମସ୍‌ଜିଦ୍ ଭଙ୍ଗ ମାମଲାର ବିଚାର କରୁଥିବା ସ୍ୱତନ୍ତ୍ର ବିଚାରପତିଙ୍କୁ ୯ ମାସ ମଧ୍ୟରେ ରାୟ ଦେବା ଲାଗି ଶୁକ୍ରବାର ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ୍ ଆର୍‌ଏଫ୍ ନରିମାନ୍ ଓ ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି, ସାକ୍ଷ୍ୟ ଗ୍ରହଣ ପ୍ରକ୍ରିୟା ୬ ମାସ ମଧ୍ୟରେ ଶେଷ କରିବାକୁ ପଡ଼ିବ। ଉଲ୍ଲେଖଯୋଗ୍ୟ ଯେ, ସ୍ୱତନ୍ତ୍ର ଜଜ୍ ଆସନ୍ତା ସେପ୍ଟେମ୍ବର ୩୦ରେ ଅବସର ନେବାକୁ ଯାଉଥିବାରୁ ତାଙ୍କର କାର୍ଯ୍ୟକାଳ ବୃଦ୍ଧି କରିବା ଲାଗି ୪ ସପ୍ତାହ ମଧ୍ୟରେ ବିହିତ ନିର୍ଦ୍ଦେଶନାମା ଜାରି କରିବା ନିମନ୍ତେ ଖଣ୍ଡପୀଠ ଉତ୍ତରପ୍ରଦେଶ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।



ସୂଚନାଥାଉ କି, ଅଯୋଧ୍ୟା ଜମି ବିବାଦର ଅବସାନ ନିମିତ୍ତ ଗଠିତ ମଧ୍ୟସ୍ଥି କମିଟିକୁ ଜୁଲାଇ ୩୧ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ଗୁରୁବାର ସୁପ୍ରିମକୋର୍ଟ ଆଦେଶ ପ୍ରଦାନ କରିଛନ୍ତି। ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଅଗଷ୍ଟ ୨କୁ ଧାର୍ଯ୍ୟ କରାଯାଇଛି। ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ସମେତ ପାଞ୍ଚଜଣ ବିଚାରପତିଙ୍କୁ ନେଇ ଗଠିତ ଖଣ୍ଡପୀଠ ମାମଲାର ଶୁଣାଣି କରିଥିଲେ। ଖଣ୍ଡପୀଠରେ ଜଷ୍ଟିସ ଏସ୍‌ଏ ବୁବ୍‌ଡେ, ଜଷ୍ଟିସ୍ ଡିୱାଇ ଚନ୍ଦ୍ରଚୂଡ଼, ଜଷ୍ଟିସ୍ ଅଶୋକ ଭୂଷଣ ଓ ଜଷ୍ଟିସ୍ ଅବଦୁଲ ନାଜୀର ସଭ୍ୟ ଅଛନ୍ତି। ରିପୋର୍ଟ ପାଇବା ପରେ ମାମଲାର ଦୈନିକ ଶୁଣାଣି ସମ୍ଭବପର କି ନା', ତା' ଉପରେ ନିଷ୍ପତ୍ତି ଗ୍ରହଣ କରାଯିବ। ଗତ ମେ'ରେ ମଧ୍ୟସ୍ଥି କମିଟି ଜଉମୁଦ ଲଫାପାରେ ଅନ୍ତରୀଣ ରିପୋର୍ଟ ଦାଖଲ କରି ଅତିରିକ୍ତ ସମୟ ଲୋଡ଼ିଥିଲେ। ମାମଲାର ଗୁରୁତ୍ୱକୁ ଅନୁଭବ କରି ସୁପ୍ରିମକୋର୍ଟ ଅଗଷ୍ଟ ୧୫ ସୁଦ୍ଧା ରିପୋର୍ଟ ଦାଖଲ କରିବା ପାଇଁ ମଧ୍ୟସ୍ଥି କମିଟିକୁ ନିର୍ଦ୍ଦେଶ ଦେଇଥିଲେ। ବିବାଦୀୟ ଜମି ସମାଧାନ କରିବା ପାଇଁ ତିନିଜଣିଆ କମିଟି ଗଠନ କରାଯାଇଛି। ତେବେ ଉକ୍ତ କମିଟିର ନିରପେକ୍ଷ କାର୍ଯ୍ୟଧାରା ଉପରେ ସନ୍ଦେହ ପ୍ରକଟ କରିଛନ୍ତି ବାଦୀ ଗୋପାଲ ସିଂହ ବିଶାରଦଙ୍କ ଓକିଲ ପିଏସ୍ ନରସିଂହ। ବର୍ତ୍ତମାନ ମଧ୍ୟସ୍ଥି କମିଟିର କାର୍ଯ୍ୟଶୈଳୀ ଉପରେ ସନ୍ଦେହ କରିବାର ସମୟ ନୁହେଁ ବୋଲି ମୁସଲିମ ପକ୍ଷର ଓକିଲ ରାଜୀବ ଧୱନ ଯୁକ୍ତି କରିଥିଲେ। ମଧ୍ୟସ୍ଥି କମିଟିର କାର୍ଯ୍ୟଧାରା ଠିକ୍ ବାଟରେ ଚାଲିଛି ବୋଲି ଓକିଲ ଧୱନ ଦର୍ଶାଇଥିଲେ।

# ଜଲାନ୍ କମିଟି ରିପୋର୍ଟ ଆସିଲେ କେନ୍ଦ୍ରକୁ ମିଳିବ ଆର୍‌ବିଆଇର ବଳକା ଅର୍ଥ

**ନୂଆଦିଲ୍ଲୀ:** କେନ୍ଦ୍ରୀୟ ବ୍ୟାଙ୍କ ଭାବେ ଭାରତୀୟ ରିଜର୍ଭ ବ୍ୟାଙ୍କର ବଳକା ପାଣ୍ଠିକୁ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବା ନେଇ ଗଠିତ ଜଲାନ୍ କମିଟି ଏହାର ରିପୋର୍ଟ ଚୂଡାନ୍ତ କରିଛି। ଖୁବ୍‌ଶୀଘ୍ର ଏହି କମିଟି ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ତାଙ୍କର ରିପୋର୍ଟ ପ୍ରଦାନ କରିବେ ବୋଲି ଜଣାପଡ଼ିଛି। ବିଶ୍ୱସ୍ତରରେ ଅନ୍ୟାନ୍ୟ କେନ୍ଦ୍ରୀୟ ବ୍ୟାଙ୍କ ସେମାନଙ୍କର ବଳକା ଅର୍ଥକୁ ନିଜ ପାଣ୍ଠିରେ ନରଖି ଯେଉଁଳି ସେମାନଙ୍କ ସରକାରଙ୍କୁ ହସ୍ତାନ୍ତର କରୁଛନ୍ତି ଠିକ୍ ସେହିଭଳି ଭାରତର କେନ୍ଦ୍ରୀୟ ବ୍ୟାଙ୍କ ଭାବେ ରିଜର୍ଭ ବ୍ୟାଙ୍କ କର୍ତ୍ତୃପକ୍ଷ ତାଙ୍କର ବଳକା ପାଣ୍ଠିକୁ କେନ୍ଦ୍ର ସରକାରଙ୍କୁ ହସ୍ତାନ୍ତର କରିବା ନେଇ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ୨୦୧୮ ଡିସେମ୍ବର ୨୬ ତାରିଖରେ ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ବିମଳ ଜଲାନ୍‌ଙ୍କ ନେତୃତ୍ୱରେ ଏକ ୬ ଜଣିଆ କମିଟି ଗଠନ କରାଯାଇଥିଲା। ରିଜର୍ଭ ବ୍ୟାଙ୍କର ଇକୋନୋମିକ୍ କ୍ୟାପିଟାଲ ଫ୍ରେମ୍‌ୱାର୍କ(ଇସିଏଫ୍) ବ୍ୟବସ୍ଥା ସମ୍ପର୍କରେ ଏହି କମିଟି ଅନୁଧ୍ୟାନ କରି ସରକାରଙ୍କୁ ଅତିରିକ୍ତ ବଳକା ପାଣ୍ଠି ଦେବାକୁ ରିପୋର୍ଟ ପ୍ରଦାନ କରିବ ବୋଲି ଜଣାପଡ଼ିଛି। ବିଭିନ୍ନସ୍ତରରେ କରାଯାଇଥିବା ଆକଳନ ଅନୁଯାୟୀ, ବର୍ତ୍ତମାନ ରିଜର୍ଭ ବ୍ୟାଙ୍କ ନିକଟରେ ୯ ଲକ୍ଷ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରହିଥିବା ବେଳେ ପର୍ଯ୍ୟାୟକ୍ରମେ କେନ୍ଦ୍ର ସରକାରଙ୍କୁ ଏହି ବଳକା ପାଣ୍ଠିରୁ ଅର୍ଥ ଯୋଗାଇ ଦିଆଯିବ ବୋଲି ସୂଚନା ମିଳିଛି। ତେବେ କେତେ ପରିମାଣର ଅର୍ଥ ଦିଆଯିବ ସେ ସମ୍ପର୍କରେ କମିଟି ପକ୍ଷରୁ ସ୍ପଷ୍ଟ କରାଯାଇନଥିବା ବେଳେ ୩ରୁ ୫ ବର୍ଷ ମଧ୍ୟରେ ବିଭିନ୍ନ ପର୍ଯ୍ୟାୟରେ ଅର୍ଥ ଯୋଗାଇ ଦିଆଯିବ ବୋଲି କୁହାଯାଇଛି। ରିଜର୍ଭ




ବ୍ୟାଙ୍କ ନିକଟରୁ ଏହି ଅର୍ଥ ପ୍ରାପ୍ତ ହେଲେ କେନ୍ଦ୍ର ସରକାର ମୁଖ୍ୟତଃ ବିତ୍ତୀୟ ନିଅଣ୍ଟ ବ୍ୟବସ୍ଥାରେ ସୁଧାର ଆଣିବାକୁ ସକ୍ଷମ ହୋଇପାରିବେ ବୋଲି ଆଶା କରାଯାଉଛି। ଗତ ଫେବୃଆରୀରେ ଉପସ୍ଥାପନ କରାଯାଇଥିବା ଅନ୍ତରୀଣ ବଜେଟ୍‌ରେ ଦେଶର ବିତ୍ତୀୟ ନିଅଣ୍ଟ ହାର ଜିଡିପିର ୩.୪ ପ୍ରତିଶତ ରଖାଯାଇଥିଲା ବେଳେ ପରବର୍ତ୍ତୀ ସମୟରେ ସଂଶୋଧିତ ଭାବେ ଏହାକୁ ୩.୩ ପ୍ରତିଶତ ରଖାଯାଇଛି। ଉଲ୍ଲେଖଯୋଗ ଯେ, ଭାରତୀୟ ରିଜର୍ଭ ବ୍ୟାଙ୍କର ଏହି ବଳକା ଅର୍ଥକୁ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବା ନେଇ ପୂର୍ବତନ ରିଜର୍ଭ ବ୍ୟାଙ୍କ ଗଭର୍ଣ୍ଣର ଉର୍ଜିତ ପଟେଲ ଏବଂ ଅର୍ଥମନ୍ତ୍ରଣାଳୟ ମଧ୍ୟରେ ବାଦବିବାଦ ସୃଷ୍ଟି ହୋଇଥିଲା। କେନ୍ଦ୍ରୀୟ ବ୍ୟାଙ୍କର ବଳକା ଅର୍ଥକୁ ସରକାରଙ୍କୁ ନଦେବା ଲାଗି ଶ୍ରୀ ପଟେଲ ଯୁକ୍ତି ବାଢିଥିବା ବେଳେ କେନ୍ଦ୍ର ସରକାର କିନ୍ତୁ ନିଜ ଜିଦ୍‌ରେ ଅଟଳ ରହିଥିଲେ। ଏଥିପାଇଁ ବିଭିନ୍ନ ମହଲରେ ଆଲୋଚନା ମଧ୍ୟ ଜୋର୍ ଧରିଥିଲା। ଏହି ବିବାଦକୁ ନେଇ ଶ୍ରୀ ପଟେଲଙ୍କୁ ନିଜ ପଦବୀରୁ ଇସ୍ତଫା ଦେବାକୁ ପଡ଼ିଥିବା ବେଳେ ରିଜର୍ଭ ବ୍ୟାଙ୍କର ପରବର୍ତ୍ତୀ ଗଭର୍ଣ୍ଣର ଭାବେ ଶକ୍ତିକାନ୍ତ ଦାସଙ୍କୁ ନିଯୁକ୍ତ କରାଯାଇଥିଲା। ଏଥିସହିତ ବିମଳ ଜଲାନ୍‌ଙ୍କ ନେତୃତ୍ୱରେ ଇସିଏଫ୍ କମିଟି ଗଠନ କରାଯାଇଥିଲା।

# ବିଧାୟକଙ୍କ ଦାବି, ହାତପାଣ୍ଠି ବଢ଼ାଅ

**ଭୁବନେଶ୍ୱର:** ଓଡ଼ିଶାରେ ଶାସନ କେବଳ କାଗଜ କଲମରେ ଚାଲିଛି। ରାଜ୍ୟର ଅର୍ଦ୍ଧାଧିକ ଅଞ୍ଚଳର ଲୋକେ ଏବେବି ଦୁଇଓଳା ଖାଇବାକୁ ପାଉନାହାନ୍ତି। ଯୋଜନା ଓ ସଂଯୋଜନ ବିଭାଗର ସ୍ଥାଣୁତା ବର୍ତ୍ତମାନ ଚରମ ସୀମାରେ ପହଞ୍ଚିଛି। ଗାଇଡଲାଇନ ଅନୁଯାୟୀ, ସରକାରୀ ଯୋଜନା କାର୍ଯ୍ୟକାରୀ ହେଉନଥିବା ବେଳେ ସରକାର କେବଳ ବାହାସ୍ଫୋଟ ମାରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି। ଗୁରୁବାର ବିଧାନସଭାରେ ଯୋଜନା ଓ ସଂଯୋଜନ ବିଭାଗର ଖର୍ଚ୍ଚଦାବି ଆଲୋଚନା ଥିବା ବେଳେ ବିରୋଧୀ କଂଗ୍ରେସ ସରକାରଙ୍କ ବିଭିନ୍ନ ବିଫଳତା ଉପରେ ପ୍ରବଳ ବର୍ଷିଥିଲା। ଆଲୋଚନାରେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ପ୍ରତି ଅବହେଳାକୁ କଂଗ୍ରେସ ମୁଖ୍ୟ ପ୍ରସଙ୍ଗ କରିଥିବା ବେଳେ ବିଭିନ୍ନ ପାଣ୍ଠି ଓ ଯୋଜନାର ଅନୁଦାନ ରାଶି ବୃଦ୍ଧି କରିବାକୁ ଦାବି ଉଠାଇଥିଲା। ତେବେ ବିଧାୟକଙ୍କ ଉନ୍ନୟନ ପାଣ୍ଠି ରାଶିକୁ ୧ କୋଟି ଟଙ୍କାରୁ ୫ କୋଟି ଟଙ୍କାକୁ ବୃଦ୍ଧି କରିବାକୁ ବିରୋଧୀ ଦଳ ସ୍ୱର ଉତ୍ତୋଳନ କରିଥିଲା ବେଳେ ଶାସକ ଦଳ ମଧ୍ୟ ଅନ୍ୟୁନ ୨ କୋଟି ଟଙ୍କା କରିବାକୁ ଦାବି କରିଥିଲେ। ଅନ୍ୟପକ୍ଷରେ କିଛି ଯୋଜନାରେ ଅନୁଦାନ ରାଶି ବୃଦ୍ଧି ପ୍ରସଙ୍ଗ ଗୃହରେ ଉତ୍ଥାପନ କରି ଶାସକ ଦଳ ବିଧାୟକ ସରକାରଙ୍କ ଉପରେ ନୈତିକ ଚାପ ସୃଷ୍ଟି କରିଥିବା ଦେଖିବାକୁ ମିଳିଥିଲା। ଆଲୋଚନା ଆରମ୍ଭ କରି କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଲେ ଯେ ସ୍ୱାଧୀନତାର ୭୨ ବର୍ଷ ପରେ ବି ଲୋକଙ୍କୁ ପିଇବା ପାଇଁ ସ୍ୱଚ୍ଛ ପାଣି ମିଳିପାରିଲା ନାହିଁ। ଏପଟେ ସରକାର ବିକାଶର ଫମ୍ପା ଢୋଲ ପିଟିବାରେ ବ୍ୟସ୍ତ। ଲଗାତାର ୨୦ ବର୍ଷ ଶାସନ କରିବା ପରେ ରାଜ୍ୟ କେନ୍ଦ୍ର ନିକଟରେ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବୀ କରୁଛି, ଟଙ୍କିକିଆ ଚାଉଳ ଦେଉଛି। ଏହାହିଁ ପରୋକ୍ଷରେ ରାଜ୍ୟ ସରକାରଙ୍କ ବିଫଳତାକୁ ସୂଚାଉଛି। ରାଜ୍ୟରେ ଯଦି ବି ବିକାଶ ହୋଇଛି ତାହା କେବଳ ଗୋଟିଏ ଗୋଷ୍ଠୀ କିମ୍ବା ନିର୍ଦ୍ଦିଷ୍ଟ ଅଞ୍ଚଳ ମଧ୍ୟରେ ସୀମିତ ରହିଯାଇଛି। ରାଜ୍ୟରେ ଧନୀ ଓ ଗରିବଙ୍କ ମଧ୍ୟରେ ତାରତମ୍ୟ କ୍ରମାଗତ ଭାବରେ ବଢ଼ିବାରେ ଲାଗିଛି। ଗତ ୨୦୧୦ ମସିହାରେ ସୁନ୍ଦରଗଡ଼ରେ ଏକ ଜମି ଅଧିଗ୍ରହଣ ମାମଲାର ବିଚାର କରି ସୁପ୍ରିମକୋର୍ଟ ବିଚାରପତି ରାଜ୍ୟରେ ମାଓବାଦୀ କାର୍ଯ୍ୟକଳାପ ବୃଦ୍ଧି ପାଇଁ ଗରିବୀକୁ ପ୍ରଧାନ କାରଣ ରୂପରେ ଦର୍ଶାଇଥିଲେ ବୋଲି ଶ୍ରୀ ମିଶ୍ର ଗୃହରେ କହିଥିଲେ। ସେହିଭଳି ପଶ୍ଚିମ ଓଡ଼ିଶାର ବିକାଶ ପ୍ରତି ସରକାରଙ୍କ ଆନ୍ତରିକତା ନାହିଁ ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିଥିଲେ। ପ୍ରସ୍ତାବିତ ଖୋର୍ଦ୍ଧା-ବଲାଙ୍ଗୀର ରେଳ ଲାଇନକୁ ଏପର୍ଯ୍ୟନ୍ତ ବାସ୍ତବତାର ରୂପ ଦିଆଯାଇପାରିଲା ନାହିଁ। ପ୍ରଧାନମନ୍ତ୍ରୀ କିନ୍ତୁ ଏଠାରେ ୧୯ କିଲୋମିଟର ରେଳ ଲାଇନକୁ ଉଦ୍‌ଘାଟନ କରି ବାହାବା ଲୁଟିବାରେ ବ୍ୟସ୍ତ। ଏପଟେ ପ୍ରତିଷ୍ଠାକୁ ୨୦ ବର୍ଷ ବିତିଯାଇଥିଲେ ମଧ୍ୟ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ (ଡବ୍ଲ୍ୟୁଡିସି)ର ମୁଖ୍ୟ କାର୍ଯ୍ୟାଳୟ ପ୍ରତିଷ୍ଠା ହୋଇପାରିଲା ନାହିଁ। ୨୦୦୧-୦୨ ମସିହାରେ ଡବ୍ଲ୍ୟୁଡିସିପାଇଁ ସରକାର ବଜେଟରେ ମୋଟ ୩୦ କୋଟି ଟଙ୍କା ବ୍ୟୟବରାଦ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଅତିରିକ୍ତ ୨୦ କୋଟି ଏମିତି ମୋଟ ୫୦ କୋଟି ଯୋଗାଇ ଦେଉଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଗ୍ରାଣ୍ଟ ଆକାରରେ ଏଥିରେ ୫୦ କୋଟି ଟଙ୍କା ବୃଦ୍ଧି କରାଯାଇ ବ୍ୟୟବରାଦ ମୋଟ ୧୦୦ କୋଟି ଟଙ୍କାରେ ପହଞ୍ଚିଛି। ଡବ୍ଲ୍ୟୁଡିସିରେ ୧୧ଟି ଜିଲ୍ଲା ଥିବା ବେଳେ ଏଥିପାଇଁ ସରକାର ୧୦୦ କୋଟି ଦେବା ପଶ୍ଚିମ ଓଡ଼ିଶା ପ୍ରତି ଅପମାନ ନୁହେଁକି ବୋଲି ଶ୍ରୀ ମିଶ୍ର ପ୍ରଶ୍ନ କରିଥିଲେ। ମୁଁ ପଶ୍ଚିମ ଡବ୍ଲ୍ୟୁଡିସିର ଅଧ୍ୟକ୍ଷ ଥିବା ବେଳେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କୁ ୩୦୦ କୋଟି ଟଙ୍କା ଅନୁଦାନ ଆକାରରେ ଯୋଗାଇଦେବାକୁ ଦାବି କରିଥିଲି। ମାତ୍ର ସେତେବେଳେ ଅଟଳଜୀ ମୋ କଥା ଶୁଣିନଥିଲେ। ଏଥିରୁ ଉଭୟ ବିଜେପି ଓ ବିଜେଡିର ପଶ୍ଚିମ ଓଡ଼ିଶା ମିଛ ପ୍ରୀତି ଧରାପଡ଼ିଯାଉଛି। ତୁରନ୍ତ ଡବ୍ଲ୍ୟୁଡିସି ପାଇଁ ଆବଣ୍ଟିତ ହେଉଥିବା ବଜେଟକୁ ୧୦୦୦ କୋଟି କରିବାକୁ ଶ୍ରୀ ମିଶ୍ର ଦାବି କରିଥିଲେ। ସେହିଭଳି ଡବ୍ଲ୍ୟୁଡିସି ଠିକ୍ ଭାବରେ ଟଙ୍କା ଆବଣ୍ଟିତ କରୁନାହିଁ। ଏପଟେ ପରିଷଦର ଅଧ୍ୟକ୍ଷ ପଦବୀ ଖାଲି ପଡ଼ିଥିବାରୁ ଟଙ୍କା ଖର୍ଚ୍ଚ କରାଯାଇପାରୁନି। ତୁରନ୍ତ ସରକାର ଏ ପ୍ରତି ଧ୍ୟାନ ଦିଅନ୍ତୁ। ସେହିପରି ବିଧାୟକ ହାତ ପାଣ୍ଠିକୁ ୧ କୋଟିରୁ ୫ କୋଟି କରିବାକୁ ସେ ଦାବି କରିଥିଲେ। ଆଲୋଚନାରେ ଭାଗ ନେଇ କଂଗ୍ରେସ ବିଧାୟକ ସନ୍ତୋଷ ସିଂ ସାଲୁଜା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବିଜେଡି ନେତାଙ୍କ ଥଇଥାନ କେନ୍ଦ୍ର ପାଲଟିଥିବା ନେଇ ଅଭିଯୋଗ କରିଥିଲେ। ବିଜୁ କେବିକେ ଯୋଜନାରେ ସରକାର ୮୦ଟି ବ୍ଲକର ବିକାଶ ପାଇଁ ବାର୍ଷିକ ୧୨୦ କୋଟି ଟଙ୍କା ଦେଉଛନ୍ତି। ଏହାକୁ ୬୦୦ କୋଟି କରିବାକୁ ସେ ଦାବି କରିଥିଲେ। ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ ବିଧାୟକଙ୍କୁ ମିଳୁଥିବା ସ୍ୱତନ୍ତ୍ର ଉନ୍ନୟନ ପାଣ୍ଠିକୁ ନିର୍ବାଚନବେଳେ ଅପବ୍ୟବହାର କରାଯାଉଥିବା ଅଭିଯୋଗ କରିଥିଲେ। ଜିଲ୍ଲାସ୍ତରରେ ଯୋଜନା କମିଟିଗୁଡ଼ିକର ଚିଠାକୁ ରାଜ୍ୟ ଯୋଜନା କମିଟି ବଦଳାଇ ଦେଉଥିବା ନେଇ ପ୍ରକାଶ କରି ଶ୍ରୀ ପାଣିଗ୍ରାହୀ କ୍ଷୋଭ ପ୍ରକାଶ କରିଥିଲେ। ଶାସକ ଦଳ ପକ୍ଷରୁ ଆଲୋଚନାରେ ଭାଗ ନେଇ ଶାସକ ଦଳ ବିଧାୟକ ପ୍ରଫୁଲ୍ଲ ସାମଲ ପଶ୍ଚିମ ଓଡ଼ିଶା ବିକାଶରେ ବିଜେଡି ସରକାର ଅଗ୍ରଣୀ ଭୂମିକା ଗ୍ରହଣ କରିଥିବା ଦର୍ଶାଇଥିଲେ। ପ୍ରାୟ ୧୪୩ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଡବ୍ଲ୍ୟୁଡିସି ଉନ୍ନୟନ କାର୍ଯ୍ୟକ୍ରମ ପାଇଁ ଦିଆଯାଇଛି। ଯାହାଦ୍ୱାରା ପଶ୍ଚିମ ଓଡ଼ିଶାରେ ବିକାଶର ବେଗ ବୃଦ୍ଧି ପାଇଛି। ଏଥର ବଜେଟରେ ଡବ୍ଲ୍ୟୁଡିସି ପାଇଁ ୮୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଆଗାମୀ ଦିନରେ ଏହାକୁ ଦ୍ୱିଗୁଣିତ କରିବାକୁ ଶ୍ରୀ ସାମଲ ପ୍ରସ୍ତାବ ଦେଇଥିଲେ। ସେହିପରି ଆଲୋଚନାରେ ଭାଗ ନେଇ ବିଜେଡି ବିଧାୟକ ନୃସିଂହ ସାହୁ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ରଙ୍କ ବିଧାୟକ ହାତ ପାଣ୍ଠି ବୃଦ୍ଧି ପ୍ରସ୍ତାବକୁ ସମର୍ଥନ କରିଥିଲେ।

## 'ଅନୁସୂଚିତ ଜାତି ବର୍ଗଙ୍କ ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ'

**ଭୁବନେଶ୍ୱର :** ଗତ ୫ ବର୍ଷ ଶାସନରେ ଅନୁସୁଚିତ ଜାତି ବର୍ଗଙ୍କ ବିକାଶ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ପରିଚାଳିତ କେନ୍ଦ୍ର ସରକାର ବହୁ କଲ୍ୟାଣମୂଳକ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ କରିଛନ୍ତି। ବିଶେଷ କରି ଅନୁସୁଚିତ ଜାତି ବର୍ଗ ବିଶେଷଙ୍କ ଆର୍ଥିକ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ଗତ ୫ ବର୍ଷର କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବାକୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଦୃଢ ପ୍ରତିଶୃତିବଦ୍ଧ ବୋଲି ୩ ଦିନିଆ ଓଡିଶା ଗସ୍ତରେ ଆସିଥିବା ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଷ୍ଟ୍ରୀୟ ଉପ ସଭାପତି ଓ ରେଳଯାତ୍ରୀ ସେବା କମିଟିର ଚେୟାରମେନ ରମେଶ ଚନ୍ଦ୍ର ରତନ କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନିରେ ଶ୍ରୀ ରତନ କହିଛନ୍ତି ଯେ, କେନ୍ଦ୍ରରେ ବିଜେପି ଶାସନ କ୍ଷମତାକୁ ଆସିବା ପରେ ଦେଶରେ ରେଳ ବିଭାଗରେ ବହୁ କାର୍ଯ୍ୟ ହେବା ସହ ରେଳଯାତ୍ରୀଙ୍କ ସୁବିଧା ପାଇଁ ବହୁ ଦୃଷ୍ଟାନ୍ତମୁଳକ କାର୍ଯ୍ୟ କରିଛନ୍ତି। ବିଶେଷ ଭାବେ ରେଳଯାତ୍ରୀଙ୍କ ସୁରକ୍ଷା, ଖାଦ୍ୟ, ଶୌଚାଳୟ, ବିଭିନ୍ନ ମୌଳିକ ଭିତ୍ତିଭୂମିର ବହୁ ବିକାଶ ହୋଇଛି।

# ପୁଲିସ ଆଧୁନିକୀକରଣ ପାଇଁ ଖର୍ଚ୍ଚ ହେବ ୨୮.୧୫ କୋଟି

**ଭୁବନେଶ୍ୱର:** ପୁଲିସ୍ ଆଧୁନିକୀକରଣ ପାଇଁ ୨୦୧୮-୨୦୧୯ ବର୍ଷରେ ୨୮ କୋଟି ୧୫ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ଏଥିରୁ କେନ୍ଦ୍ରୀୟ ଅନୁଦାନ ପରିମାଣ ୧୬ କୋଟି ୮୯ ଲକ୍ଷ ଟଙ୍କା ଥିଲା ବେଳେ ରାଜ୍ୟର ଭାଗ ୧୧ କୋଟି ୨୬ ଲକ୍ଷ ଟଙ୍କା ରହିଛି। ବିଧାନସଭା ଗୃହ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହା ଦର୍ଶାଯାଇଛି। ରିପୋର୍ଟ ଅନୁଯାୟୀ ଅସ୍ତ୍ରଶସ୍ତ୍ର ନିମନ୍ତେ ୨୦୧୮-୧୯ରେ ମୋଟ ୨୧୦.୦୫ ଲକ୍ଷ ଟଙ୍କା ଖର୍ଚ୍ଚର ତାଲିକା ହୋଇଛି। ଏ ସବୁ ଟଙ୍କା କେନ୍ଦ୍ର ସରକାର ଦେବେ। ଟ୍ରାଫିକ୍ ମ୍ୟାନେଜମେଣ୍ଟ ପାଇଁ ୪୭ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି। କେନ୍ଦ୍ର ସରକାର ୧୮ ଲକ୍ଷ ଟଙ୍କା ଓ ରାଜ୍ୟ ସରକାର ୨୯ ଲକ୍ଷ ଟଙ୍କା ଖର୍ଚ୍ଚ କରିବେ। ଗୁଇନ୍ଦା ବିଭାଗକୁ ନୂଆ ରୂପ ଦେବା ପାଇଁ ୨୧୩.୫୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଏଥିରୁ ୧୩.୦୫ ଲକ୍ଷ ଟଙ୍କା ରାଜ୍ୟ ସରକାର ଓ ୨୦୦ ଲକ୍ଷ ଟଙ୍କା କେନ୍ଦ୍ର ସରକାର ବହନ କରିବେ। ତାଲିମ କେନ୍ଦ୍ର ପକ୍ଷରୁ ୪୩.୪୮ ଲକ୍ଷ ଟଙ୍କା ଓ ରାଜ୍ୟ ପକ୍ଷରୁ ୧୭.୫୫ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ମୋଟ ୬୧.୦୩ ଲକ୍ଷ ଟଙ୍କାର ବ୍ୟବସ୍ଥା ରହିଛି। ସଂସ୍ଥାର ବ୍ୟବସ୍ଥାର ଉନ୍ନତି ପାଇଁ ୧୨୮.୫୬ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଛି। ଏଥିରେ ରାଜ୍ୟର ଭାଗ ୪୯.୨୮ ଲକ୍ଷ ଟଙ୍କା ଓ କେନ୍ଦ୍ରର ଭାଗ ୭୯.୨୮ ଲକ୍ଷ ଟଙ୍କା ରହିଛି। ରାଜ୍ୟ ସିଆଇଡି ବ୍ୟବସ୍ଥାର ଉନ୍ନତି ପାଇଁ ୫୫ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ଏଥିରେ ରାଜ୍ୟ ୨୦ ଲକ୍ଷ ଟଙ୍କା ଓ କେନ୍ଦ୍ର ୩୫ ଲକ୍ଷ ଟଙ୍କା ଖର୍ଚ୍ଚର ବ୍ୟବସ୍ଥା ରହିଛି। ରାଜ୍ୟ ଏଫ୍‌ଏସ୍‌ଏଲ୍ ପାଇଁ ୧୦୧.୫୦ ଲକ୍ଷ ଟଙ୍କାର ବ୍ୟବସ୍ଥା ହୋଇଛି। କେନ୍ଦ୍ର ପକ୍ଷରୁ ୭୫ ଲକ୍ଷ ଟଙ୍କା ଓ ରାଜ୍ୟ ୨୬.୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବ। ଷ୍ଟେଟ୍ କ୍ରାଇମ୍ ରେକର୍ଡ ବ୍ୟୁରୋ (ଏସ୍‌ସିଆରବି) ପାଇଁ ୩୯୦.୬୬ ଲକ୍ଷ ଟଙ୍କା ବ୍ୟୟବରାଦ ହୋଇଛି। ରାଜ୍ୟ ୧୮୧.୬୮ ଲକ୍ଷ ଟଙ୍କା ଓ କେନ୍ଦ୍ର ୧୨୭.୮୮ ଲକ୍ଷ ଟଙ୍କା ଦେବ। ହୋମଗାର୍ଡଙ୍କ ବ୍ୟବହୃତ ସାମଗ୍ରୀର ଆଧୁନିକୀକରଣ ପାଇଁ ୭୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ୨୬.୩୨ ଲକ୍ଷ ଟଙ୍କା ଓ କେନ୍ଦ୍ର ୪୬.୬୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବ। ପୁଲିସ୍ ଯାନବାହାନ ପାଇଁ ୯୨୫.୭୩ ଲକ୍ଷ ଟଙ୍କା ବ୍ୟବସ୍ଥା କରାଯାଇଛି। ଏଥିରୁ ରାଜ୍ୟ ୪୫୮.୦୮ ଲକ୍ଷ ଟଙ୍କା ଖର୍ଚ୍ଚ କରିବ। ବାକି ୪୬୭.୬୫ ଲକ୍ଷ ଟଙ୍କା କେନ୍ଦ୍ର ସରକାର ଦେବେ। ଯାତାୟତ ପାଇଁ ୬୯୦ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ରାଜ୍ୟ ୧୧୭.୫୦ ଲକ୍ଷ ଟଙ୍କା ଓ କେନ୍ଦ୍ର ୫୭୨.୫୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବ। ପୁଲିସ୍ ଆଧୁନିକୀକରଣ ପାଇଁ ୨୦୦୦-୨୦୧୭ ମଧ୍ୟରେ ରାଜ୍ୟ ପୁଲିସ୍ ପାଇଁ ୮୭୫.୨୫ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେଥିରୁ ୯୮.୧୮ ପ୍ରତିଶତ ଅର୍ଥ ଖର୍ଚ୍ଚ ହୋଇଛି। ବାକି ୧.୮୨ ପ୍ରତିଶତ ଟଙ୍କା ଏବେ ବି ଖର୍ଚ୍ଚ ହୋଇପାରିନାହିଁ।

# ପର୍ଯ୍ୟଟକ ନଆସିବାରୁ ଅଭିବୃଦ୍ଧି କମିଛି

**ଭୁବନେଶ୍ୱର:** ଫନିର ପ୍ରଭାବ ଯୋଗୁଁ ପୁରୀ ଓ ଖୋର୍ଦ୍ଧା ଜିଲ୍ଲାକୁ ଦେଶ ବିଦେଶରୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା କମିଛି ବୋଲି କହିଛନ୍ତି ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ। ବିଧାୟକ ଅଶ୍ୱିନୀ କୁମାର ପାତ୍ରଙ୍କ ପ୍ରଶ୍ନର ଉତ୍ତରରେ ଏହା କହିଥିଲେ ପର୍ଯ୍ୟଟନ ମନ୍ତ୍ରୀ। ମନ୍ତ୍ରୀ କହିଛନ୍ତି ଯେ, ପୁରୀକୁ ପୂର୍ବ ଅନୁଯାୟୀ ମେ', ଜୁନ୍ ମାସରେ ୬ଲକ୍ଷ ୧୫୯ ଦେଶୀୟ ପର୍ଯ୍ୟଟକ ଓ ୩ ହଜାର ୪୨୭ ବିଦେଶୀ ପର୍ଯ୍ୟଟକ ଆସିବେ ବୋଲି ଆକଳନ ଥିବା ବେଳେ ୧ଲକ୍ଷ ୯ ହଜାର ୪୧୨ ଦେଶୀୟ ଓ ୫୭୪ଜଣ ବିଦେଶୀ ପର୍ଯ୍ୟଟକ ଏଠାକୁ ଆସିଛନ୍ତି। ସେହିପରି ଭୁବନେଶ୍ୱର, ଖୋର୍ଦ୍ଧାକୁ ୩ଲକ୍ଷ ୭୪ ହଜାର ୧୯୫ଜଣ ଦେଶୀୟ ଓ ୩ ହଜାର ୬୯୩ଜଣ ବିଦେଶୀ ପର୍ଯ୍ୟଯକ ଆସିବାକୁ ଲକ୍ଷ୍ୟ ଥିବା ବେଳେ ୨ ଲକ୍ଷ ୩୩ ହଜାର ୩୯ ଦେଶୀୟ ଓ ୨ ହଜାର ୨୬୮ ବିଦେଶୀ ପର୍ଯ୍ୟଟକ ଆସିଛନ୍ତି। ଯେଉଁଥିପାଇଁ ରାଜ୍ୟରେ ପର୍ଯ୍ୟଟକଙ୍କ ସଂଖ୍ୟାକୁ ନେଇ ହେଉଥିବା ଅଭିବୃଦ୍ଧି ହାର କମିଛି। ଅର୍ଥାତ୍ ରାଜ୍ୟକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ବଢୁଛି।



ହେଲେ ଯେଉଁ ବେଗରେ ସଂଖ୍ୟା ବିଗତ ବର୍ଷରେ ବଢୁଥିଲା ଚଳିତ ବର୍ଷ ସେଭଳି ବେଗରେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିପାରିନାହିଁ। ସେ ରାଜ୍ୟ ଭିତରର ପର୍ଯ୍ୟଟକ ହୁଅନ୍ତୁ କିମ୍ବା ବିଦେଶୀ ପର୍ଯ୍ୟଟକ। ବିଗତ ଦିନ ତୁଳନାରେ ସମସ୍ତଙ୍କ ଅଭିବୃଦ୍ଧି ହାର କମିବାରେ ଲାଗିଛି। ରାଜ୍ୟର ପର୍ଯ୍ୟଟକଙ୍କ ହାରାହାରି ଅଭିବୃଦ୍ଧି ହାର ୨୦୧୮-୧୯ ବର୍ଷରେ ୮.୭୬% ହୋଇଥିବା ବେଳେ ଏହା ବିଗତ ବର୍ଷରେ ୮.୯୦% ଥିଲା। ସେହିଭଳି ବିଦେଶୀ ପର୍ଯ୍ୟଟକଙ୍କୁ ବାଦ ଦେଇ ରାଜ୍ୟ କିମ୍ବା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକଙ୍କ କ୍ଷେତ୍ରରେ ହେଉଥିବା ଅଭିବୃଦ୍ଧି ହାର ମଧ୍ୟ କମିଛି। ଅବଶ୍ୟ ଏହା ଉଲ୍ଲେଖନୀୟ ଅବନତି ନୁହେଁ। ହେଲେ ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ ସମସ୍ୟା ଜଟିଳ ହୋଇଥିବାର ଦେଖାଦେଉଛି। ମିଳିଥିବା ତଥ୍ୟ ଆଧାରରେ ୨୦୧୮-୧୯ବର୍ଷରେ ରାଜ୍ୟକୁ ବୁଲିବାକୁ ଆସିଥିବା ବିଦେଶୀ ପର୍ଯ୍ୟଟକଙ୍କ ଅଭିବୃଦ୍ଧି ହାର ନୈରାଶ୍ୟଜନକ। ୨୦୧୬-୧୭ ବର୍ଷରେ ରାଜ୍ୟକୁ ୭୭ ହଜାର ୪୯୬ଜଣ ବିଦେଶୀ ଆସିଥିବା ବେଳେ ଏହି ସଂଖ୍ୟା ୨୦୧୭-୧୮ବର୍ଷରେ ୧ଲକ୍ଷ ୨ହଜାର ୯୯୫ରେ ପହଞ୍ଚିଥିଲା। ଅର୍ଥାତ ରାଜ୍ୟ ଏକବର୍ଷ ଭିତରେ ବିଦେଶୀ ପର୍ଯ୍ୟଟକଙ୍କ କ୍ଷେତ୍ରରେ ୩୨.୯୦% ହାରରେ ଅଭିବୃଦ୍ଧି କରିଥିଲା। ମାତ୍ର ୨୦୧୮-୧୯ବର୍ଷରେ ରାଜ୍ୟକୁ ଏକ ଲକ୍ଷ ୧୩ ହଜାର ୭୨୧ଜଣ ବିଦେଶୀ ଆସିଥିବା ବେଳେ ଏହା ପୂର୍ବ ବର୍ଷର ପ୍ରଦର୍ଶନ ତୁଳନାରେ ଢ଼େର କମ୍। ବିଗତ ବର୍ଷର ବିଦେଶୀ ପର୍ଯ୍ୟଟକଙ୍କ ଅଭିବୃଦ୍ଧି ହାର ୩୨.୯୦ ରହିଥିଲା। ଚଳିତ ବର୍ଷ ଏହା କମି ୧୦.୪୧%ରେ ପହଞ୍ଚିଛି।

## ଜୁନିୟର କଲେଜରେ ହେବ ଟୋଲ୍-ଫ୍ରି ବ୍ୟବସ୍ଥା

**ଭୁବନେଶ୍ୱର :** ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଟୋଲ-ଫ୍ରି ନମ୍ବର ବ୍ୟବସ୍ଥା ରହିଛି। ଏହି ବ୍ୟବସ୍ଥାରେ ସ୍କୁଲ ଗୁଡିକରେ ଶିକ୍ଷକଙ୍କ କାର୍ଯ୍ୟକଳାପ ସାଙ୍ଗକୁ ଶିକ୍ଷାଦାନ ବ୍ୟବସ୍ଥା ଏବଂ ବିଭିନ୍ନ ପ୍ରସଙ୍ଗ ସମ୍ପର୍କରେ ସରକାରଙ୍କୁ ଅବଗତ କରାଯାଇଥାଏ। ଫଳରେ ଏପରି ବ୍ୟବସ୍ଥା ପାଇଁ ରାଜ୍ୟର ଅନେକ ସ୍କୁଲରେ ପରିବର୍ତ୍ତନ ହୋଇଥିଲା। ସେହି ବ୍ୟବସ୍ଥାକୁ ପୁଣି ସ୍କୁଲ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ସବୁ ଜୁନିୟର କଲେଜରେ କାର୍ଯ୍ୟକାରୀ କରିବାକୁ ପ୍ରୟାସ ଆରମ୍ଭ କରିଛି। ଏନେଇ ରାଜ୍ୟର ସବୁ ଜୁନିୟର କଲେଜ ଲାଗି ଏକ ସ୍ୱତନ୍ତ୍ର ଟୋଲ୍ ଫ୍ରି ନମ୍ବର ଲାଗୁ କରାଯିବ। କଲେଜରେ ଶିକ୍ଷାଦାନ ପ୍ରସଙ୍ଗଠାରୁ ଆରମ୍ଭ କରି ବିଭିନ୍ନ ସମସ୍ୟା ସମ୍ପର୍କରେ ପିଲାମାନେ ସିଧାସଳଖ ବିଭାଗକୁ ଅଭିଯୋଗ କରିପାରିବେ। ଏପରିକି ଦୈନିକ କେତେ ସମୟ କ୍ଲାସ ହେଉଛି, ଶିକ୍ଷାଦାନରେ ମାନ, ଶୈକ୍ଷିକପରିବେଶ ସାଙ୍ଗକୁ କ୍ୟାମ୍ପସରେ ଯଦି କିଛି ବିଶୃଙ୍ଖଳା ଉପୁଜେ ସେ ସବୁ ସମ୍ପର୍କରେ ଏଣିକି ପିଲାମାନେ ସିଧାସଳଖ ଅଭିଯୋଗ କରିପାରିବେ। ତେବେ ପୂର୍ବରୁ ସ୍କୁଲଗୁଡିକରେ କେବଳ ଟୋଲ-ଫ୍ରି ନମ୍ବର ଦିଆଯାଇଥିଲା। ଅଭିଯୋଗ ଜଣାଇବା ଲାଗି କୌଣସି ଫୋନ୍ କିମ୍ବା ମୋବାଇଲ ତଥା କିଛି ଉପକରଣ ସୁବିଧା ପ୍ରଦାନ କରାଯାଇନଥିଲା। ତେଣୁ ସ୍କୁଲର କିଛି ଅଭିଯୋଗକୁ ପିଲାମାନେ ସେମାନଙ୍କର ସୁବିଧା ଅନୁଯାୟୀ ବିଭାଗକୁ ଜଣାଉଥିଲେ। ମାତ୍ର ଜୁନିୟର କଲେଜଗୁଡିକରେ ଟୋଲ ଫ୍ରି ନମ୍ବର ଦିଆଯିବା ସହ ଲ୍ୟାଣ୍ଡଲାଇନ୍ ଫୋନ୍ ସଂଯୋଗ ସୁବିଧା ଦିଆଯିବ। ଏପରକି ଏହି ସୁବିଧା ଲାଗି ପିଲାଙ୍କୁ ମୋବାଇଲ ମେସେଜ୍ ବ୍ୟବସ୍ଥା ମଧ୍ୟ କରାଯିବ। ଏହି ଫୋନ୍ ଅଧ୍ୟକ୍ଷଙ୍କ ରୁମ୍‌ରେ ରହିବ। ଯଦି କୌଣସି ଛାତ୍ରଛାତ୍ରୀଙ୍କ କିଛି ଅଭିଯୋଗ ରହିଥାଏ ତେବେ ପିଲାମାନେ ପ୍ରଥମେ ସେମାନଙ୍କର ଅଭିଯୋଗକୁ ଏକ ଦରଖାସ୍ତ ମାଧ୍ୟମରେ ଅଧ୍ୟକ୍ଷଙ୍କୁ ଜଣାଇବା ପରେ ଟୋଲ ଫ୍ରି ନମ୍ବର ମାଧ୍ୟମରେ ବିଭାଗକୁ ଜଣାଇବେ। ଏହାବ୍ୟତୀତ ସମ୍ପୃକ୍ତ ଫୋନରେ ରେକର୍ଡିଂ ସୁବିଧା ମଧ୍ୟ ରହିବ। ପିଲାମାନେ ଯେଉଁ ସବୁ ଅଭିଯୋଗ କରିବେ ତାହା ରେକର୍ଡିଂ ହୋଇ ରହିବ। ଏପରିକି ଯଦି କୌଣସି ଛାତ୍ରଛାତ୍ରୀଙ୍କୁ ଅଭିଯୋଗ ନକରିବା ଲାଗି ଚାପ ପକାଯାଏ ତେବେ ପିଲାମାନେ ମୋବାଇଲ ମାଧ୍ୟମରେ ମେସେଜ୍ ଦେଇପାରିବେ। ଏ ସମ୍ପର୍କରେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ଜୁନିୟର କଲେଜରେ ଶିକ୍ଷାଦାନ ବ୍ୟବସ୍ଥା ଏବଂ ଅଧ୍ୟାପକ, ଅଧ୍ୟାପିକାଙ୍କ ଶିକ୍ଷାଦାନ ସମ୍ପର୍କରେ ପିଲାଙ୍କ ଠାରୁ ଏଣିକି ସିଧାସଳଖ ଖବର ସଂଗ୍ରହ କରାଯିବ।

# ହସ୍ତତନ୍ତ ଦିବସରେ ସାମିଲ ହେବେ ୧୫ ଶହ ବୁଣାକାର

**ଭୁବନେଶ୍ୱର:** ଅଗଷ୍ଟ ୭ ତାରିଖରେ ଜାତୀୟ ହସ୍ତତନ୍ତ ଦିବସ ୨୦୧୯ ପାଳନ ନିମନ୍ତେ ବୁଧବାର ପୂର୍ବାହ୍ଣରେ ସଚିବାଳୟସ୍ଥିତ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ସମ୍ମିଳନୀ କକ୍ଷରେ କମିଶନର ତଥା ଶାସନ ସଚିବ ଶୁଭା ଶର୍ମାଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଶନର ତଥା ଶାସନ ସଚିବ ଅଦ୍ୟାବଧି କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିଥିଲେ। ଏହି ଉତ୍ସବରେ ଏକ ହଜାରରୁ ୧୫୦୦ ପର୍ଯ୍ୟନ୍ତ ବୁଣାକାର ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ବୁଣାକାର ସେବା କେନ୍ଦ୍ର, ଭୁବନେଶ୍ୱର ଓ ବୟନିକା ସମସ୍ତ ବୁଣାକାରମାନଙ୍କର ଯାତାୟତ ଓ ବସ୍‌ର ଆୟୋଜନ କରିବା ସହିତ ସେମାନଙ୍କର ରହଣି ଓ ଖାଦ୍ୟପେୟର ବ୍ୟାପକ ପ୍ରସ୍ତୁତି କରିବେ। ଏହି ଅବସରରେ ପଦ୍ମ ପୁରସ୍କାର ଓ ସନ୍ଥ କବୀର ପୁରସ୍କାରପ୍ରାପ୍ତ ବୁଣାକାରମାନଙ୍କୁ ଯୋଗଦେବା ପାଇଁ ଆମନ୍ତ୍ରଣ ନିମନ୍ତେ ବୁଣାକାର ସେବା କେନ୍ଦ୍ରକୁ ଦାୟିତ୍ୱ ପ୍ରଦାନ କରାଯିବ। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଆଇଟିଡିସି ଦ୍ୱାରା ବ୍ୟାନର, ହୋର୍ଡିଂ, ସାଇନେଜ୍ ଆଦି ଭୁବନେଶ୍ୱରର ପ୍ରମୁଖ ସ୍ଥାନରେ ଲଗାଯିବ। ଏହି ପ୍ରସ୍ତୁତି ବୈଠକରେ ଭାରତ ସରକାରଙ୍କ ବୟନଶିଳ୍ପ ମନ୍ତ୍ରଣାଳୟର ଡାଇରେକ୍ଟର (ଟେକ୍‌ନିକାଲ) ମନୋଜ ଜୈନ, ବୟନ ଶିଳ୍ପ ନିର୍ଦ୍ଦେଶକ ଜ୍ୟୋତିପ୍ରକାଶ ଦାଶ, ସ୍ୱରାଷ୍ଟ୍ର ବିଭାଗ ଯୁଗ୍ମ ସଚିବ ରାମଚନ୍ଦ୍ର ଜେନା, ବୁଣାକାର ସେବା କେନ୍ଦ୍ରର ଉପନିର୍ଦ୍ଦେଶକ ସୁରେନ୍ଦ୍ର କୁମାର ପାତ୍ର, ପଶ୍ଚିମାଞ୍ଚଳ ଜୋନ୍ ଯୁଗ୍ମ ନିର୍ଦ୍ଦେଶକ ତଥା ସମ୍ବଲପୁରୀ ବସ୍ତ୍ରାଳୟର ପରିଚାଳନା ନିର୍ଦ୍ଦେଶକ ଦାଶରଥୀ ନନ୍ଦ ପ୍ରମୁଖ ପଦାଧିକାରୀ ଉପସ୍ଥିତ ଥିଲେ।


# ରାଜ୍ୟରେ ବଢୁଛି ସାଇବର ଅପରାଧ

**ଭୁବନେଶ୍ୱର:** ବର୍ତ୍ତମାନ ସମୟରେ ସାଇବର ଅପରାଧ ରାଜ୍ୟରେ ଏକ ବ୍ୟାଧି ଭାବେ ପରିଗଣିତ ହୋଇଛି। ଆଧୁନିକତାର ତାଳେତାଳେ ବର୍ତ୍ତମାନର ଯୁବପିଢ଼ି ସାଇବର ଅପରାଧ ମୁହାଁ। ଯାହା ଫଳରେ ଏବେ କୌଣସି ଜିଲ୍ଲାର ଥାନାରେ ହେଉଥିବା ମାମଲାଠାରୁ ସାଇବର ସଂକ୍ରାନ୍ତ ଅଭିଯୋଗ କ୍ରାଇମବ୍ରାଞ୍ଚରେ ଅଧିକରୁ ଅଧିକ ରୁଜୁ ହେଉଛି। ଗତବର୍ଷ ୮୬୭ଟି ସାଇବର ମାମଲା ବିଭିନ୍ନ ଥାନାରେ ରୁଜୁ ହୋଇଥିବା ବେଳେ ଚଳିତବର୍ଷ ମଇ ଶେଷ ସୁଦ୍ଧା ମାମଲା ସଂଖ୍ୟା ୪୦୦ ଟପିଗଲାଣି। ଗତ ୧୭ ମାସରେ ୧୨୭୩ ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ହେଲେ ଏଥିରୁ ମାତ୍ର ୧୪୮ ଟି ମାମଲାରେ ଚାର୍ଜସିଟ୍ ଫାଇଲ୍ କରିଛି ପୁଲିସ୍। କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବିଧାନସଭାରେ ପଚାରିଥିବା ପ୍ରଶ୍ନର ଉତ୍ତରରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ଏହି ତଥ୍ୟ ଦେଇଛନ୍ତି। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି, ୨୦୧୮ ମସିହାରେ ମୋଟ୍ ୮୬୭ଟି ସାଇବର ମାମଲା ରୁଜୁ ହୋଇଥିଲା। ସେଥିମଧ୍ୟରୁ ୧୪୪ ଟି ମାମଲାର ଚାର୍ଜସିଟ୍ ହୋଇଛି। ଅନ୍ୟ କୌଣସି ମାମଲାର ଚାର୍ଜସିଟ ହୋଇପାରିନି। ୨୦୧୮ରେ ଯାଜପୁର ଜିଲ୍ଲାରେ ସର୍ବାଧିକ ୮୨ ମାମଲା ରୁଜୁ ହୋଇଥିଲା। ଏହା ପଛକୁ ଭୁବନେଶ୍ୱର କମିଶନରେଟ୍ ପୁଲିସ ରହିଛି। ଭୁବନେଶ୍ୱରରେ ୭୯ଟି ମାମଲା ରୁଜୁ ହୋଇଥିବା ବେଳେ କ୍ରାଇମବ୍ରାଞ୍ଚରେ ୫୮ଟି ମାମଲା ରୁଜୁ ହୋଇଛି। ସମ୍ବଲପୁରରେ ୪୮, କଟକ କମିଶନରେଟ୍ ପୁଲିସ୍‌ରେ ୩୫, କେନ୍ଦ୍ରାପଡ଼ାରେ ୩୪, ଗଞ୍ଜାମରେ ୩୩ ଏବଂ ବ୍ରହ୍ମପୁର ଓ ବରଗଡ଼ରେ ୩୨ଟି କରି ମାମଲା ରୁଜୁ ହୋଇଥିଲା। ବଡ଼କଥା ହେଲା ୨୦୧୮ରେ ଅନୁଗୁଳ ଜିଲ୍ଲାରେ ଗତବର୍ଷ ଗୋଟିଏ ହେଲେ ବି ସାଇବର ମାମଲା ରୁଜୁ ହୋଇନାହିଁ।

## +୨ ପିଲାଙ୍କ ଉପରେ ସରକାରଙ୍କ ନଜର

# ଲାଗୁହେବ ବାୟୋମେଟ୍ରିକ୍ ବ୍ୟବସ୍ଥା

**ଭୁବନେଶ୍ୱର:** ଏଣିକି +୨ ପିଲାମାନେ କେତେ ସମୟ ରହୁଛନ୍ତି ତାହା ଉପରେ ନଜର ରଖିବେ ସରକାର। ପୂର୍ବରୁ ଚାଲିଥିବା ଢାଞ୍ଚାରେ ପରିବର୍ତ୍ତନ ଆଣିବା ପାଇଁ ପ୍ରସ୍ତୁତି ହେଉଛି ବ୍ଲୁ ପ୍ରିଣ୍ଟ। ଆଗାମୀ ଶିକ୍ଷାବର୍ଷଠାରୁ ପିଲାମାନଙ୍କ ପାଇଁ ବାୟୋମେଟ୍ରିକ ବ୍ୟବସ୍ଥା ଲାଗୁ ହେବାକୁ ଯାଉଛି। ଏଥିରେ ପିଲାମାନଙ୍କ ଉପସ୍ଥାନ ଉପରେ ନଜର ରଖିବା ସହ କେଉଁ ପିଲା କଲେଜରେ କେତେ ସମୟ ରହୁଛନ୍ତି ତାକୁ ଅନୁଧ୍ୟାନ କରାଯିବ। ଏଥି ସହିତ ପ୍ରତି ପିଲାର ମାସିକ ୭୫ ପ୍ରତିଶତ ଶ୍ରେଣୀ ଉପସ୍ଥାନ ଓ ୮୫ ପ୍ରତିଶତ ପ୍ରାକ୍ଟିକାଲ ଲାଗି ବାଧ୍ୟତାମୂଳକ କରାଯାଇଛି। ଯଦି ପିଲାମାନେ ଏହି ନିୟମ ପାଳନ ନକରନ୍ତି ତେବେ ସେମାନଙ୍କୁ ପରୀକ୍ଷାରୁ ବଞ୍ଚିତ କରାଯିବ। ସୂଚନାଥାଉ କି, ରାଜ୍ୟରେ ୧୬୪୦ ଜୁନିୟର କଲେଜ ରହିଛି। ଏହି ସବୁ ଜୁନିୟର କଲେଜ ସ୍କୁଲ ଓ ଗଣଶିକ୍ଷା ବିଭାଗ ଅଧିନକୁ ଚାଲିଆସିବା ପରେ ରାଜ୍ୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମଧ୍ୟ ସମଗ୍ରଶିକ୍ଷା ଯୋଜନା ଲାଗୁ କରାଯାଇଛି। ତେବେ ଗତ ୫ବର୍ଷ ହେବ ରାଜ୍ୟର ଜୁନିୟର କଲେଜଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଶ୍ରେଣୀରେ କମ୍ ରହୁଛି। ଅନେକ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସର୍ବାଧିକ ୫୦ପ୍ରତିଶତ ମଧ୍ୟରେ ସୀମିତ ରହୁଛି। ଏପରି ସମସ୍ୟା ଲାଗି ବାହାର କୋଚିଂକୁ ଦାୟୀ କରାଯାଉଥିବା ବେଳେ ଅନେକ ଅଭିଭାବକ କଲେଜର ଶିକ୍ଷାଦାନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛନ୍ତି। ଶ୍ରେଣୀରେ ଉପସ୍ଥାନ କମ୍ ଯୋଗୁଁ ଅନେକ କଲେଜର ରେଜଲ୍ଟ ଅତ୍ୟନ୍ତ ନୈରାଷ୍ୟଜନକ ରହୁଛି। ଏହାବ୍ୟତୀତ ଶ୍ରେଣୀରେ କମ୍ ପିଲାଙ୍କ ଉପସ୍ଥାନ ଯୋଗୁଁ ଅନେକ କଲେଜରେ ଅଧ୍ୟାପକ ଅଧ୍ୟାପିକାମାନେ ମଧ୍ୟ ଠିକ୍ ଭାବେ କ୍ଲାସ୍ ନେଉନାହାଁନ୍ତି। ରାଜ୍ୟରେ ଶ୍ରେଣୀ ପାଠପଢ଼ାକୁ ଗୁରୁତ୍ୱ ଦିଆଯାଉଥିବା ବେଳେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଲାଗି କ୍ଲାସରେ ଉପସ୍ଥାନ ସର୍ବନିମ୍ନ ୭୫ପ୍ରତିଶତ ବାଧ୍ୟତାମୂଳ କରାଯାଇଛି। କଳା,ବିଜ୍ଞାନ, ବାଣିଜ୍ୟ ପିଲାଙ୍କ ପାଇଁ ଶ୍ରେଣୀରେ ୭୫% ଉପସ୍ଥାନ ଏବଂ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍ଟିକାଲକ୍ଲାସରେ ସର୍ବନିମ୍ନ ୮୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। ପୂର୍ବରୁ ଛାତ୍ରଛାତ୍ରୀମାନେ କଲେଜ ଆସୁନଥିବା ବେଳେ ବର୍ଷ ଶେଷକୁ ସେମାନଙ୍କର ଉପସ୍ଥାନ କମ୍ ରହିଲେ ଅଧ୍ୟାପକ, ଅଧ୍ୟାପିକାଙ୍କ ଉପରେ ଦୋଷ ଲଦିଦେଉଥିଲେ। ଏପରିକି ସେମାନଙ୍କର ଉପସ୍ଥାନ କମ୍ କରାଯାଇଛି ବୋଲି ଅଭିଯୋଗ ହେଉଥିଲା। ତେଣୁ ବର୍ତ୍ତମାନ ଦୈନିକ ଛାତ୍ରଛାତ୍ରୀମାନେ କଲେଜ ଆସିବା ପରେ ବାୟୋମେଟ୍ରିକରେ ସେମାନଙ୍କର ଉପସ୍ଥାନ ଦେବେ। ଏହାବ୍ୟତୀତ କ୍ଲାସରେ ମଧ୍ୟ ପିଲାଙ୍କର ଉପସ୍ଥାନ ନିଆଯିବ। ପ୍ରତି ୯୦ ଦିନରେ ଉଭୟ ବାୟୋମେଟ୍ରିକ ଓ ଆଟେଣ୍ଡାନ୍ସ ଖାତାରେ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଥିବା ଉପସ୍ଥାନକୁ ଯାଞ୍ଚ କରାଯିବ। ୯୦ ଦିନର ଉପସ୍ଥାନରେ ଯଦି ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସଂଖ୍ୟା ସର୍ବନିମ୍ନ ୫୦ପ୍ରତିଶତରୁ କମ୍ ରହେ ତେବେ ଏହାର ରିପୋର୍ଟ ଅଭିଭାବକଙ୍କୁ ପ୍ରଦାନ କରାଯିବ ଏବଂ ଏ ସମ୍ପର୍କରେ ଏକ ଅଣ୍ଡରଟେକିଂ ଅଭିଭାବକଙ୍କ ଠାରୁ କଲେଜ କର୍ତ୍ତୃପକ୍ଷ ଗ୍ରହଣ କରିବେ। ସେହିପରି ପ୍ରତି ୬ ମାସରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ଯଦି ୬୦%ରୁ କମ୍ ରହିଥାଏ ତେବେ ଏହାର କାରଣ ଅଭିଭାବକମାନେ ଜଣାଇବା ସହ ଯଦି ଦେହ ଅସୁସ୍ଥ ଥାଏ ତେବେ ମେଡିକାଲ ସାର୍ଟିଫିକେଟ୍ ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ବର୍ଷ ଶେଷକୁ ପିଲାଙ୍କ ଉପସ୍ଥାନ ଶ୍ରେଣୀ ଲାଗି ୭୫% ଏବଂ ପ୍ରାକ୍ଟିକାଲ ଲାଗି ୮୫% ନଥିଲେ ଏହାର କାରଣ ପିଲାମାନେ ଲିଖିତ ଭାବେ କଲେଜରେ ଦାଖଲ କରିବେ। ଯଦି ସନ୍ତୋଷଜନକ କାରଣ ନଦର୍ଶାନ୍ତି ତେବେ ଫର୍ମ ପୂରଣରୁ ବଞ୍ଚିତ କରାଯିବ। ଏହି ବ୍ୟବସ୍ଥା ସରକାରୀ, ଅନୁଦାନପ୍ରାପ୍ତ ଏବଂ ଘରୋଇ କଲେଜ ଲାଗି ଲାଗୁ କରାଯିବ। ମାତ୍ର ରାଜ୍ୟରେ ଅନେକ ଘରୋଇ କଲେଜ ନାମଲେଖା ବାବଦରେ ପିଲାଙ୍କଠାରୁ ଲକ୍ଷାଧିକ ଟଙ୍କା ନେଉଥିବାରୁ ପିଲାଙ୍କ ଉପସ୍ଥାନ ଅଧିକ ରହୁଥିବା ଦର୍ଶାଇ ଭୁଲ ତଥ୍ୟ ପ୍ରଦାନ କରୁଛନ୍ତି। ତେଣୁ ଘରୋଇ କଲେଜରେ ପିଲାଙ୍କ ଉପସ୍ଥାନ କେତେ ରହୁଛି ତାହାର ନିୟମିତ ଯାଞ୍ଚ କରାଯିବ। କଲେଜରେ ଥିବା ବାୟୋମେଟ୍ରିକ ଯାଞ୍ଚ କରାଯିବା ସହ ପ୍ରତି ମାସରେ ଘରୋଇ କଲେଜରେ ଥିବା ବାୟୋମେଟ୍ରିକ ଏବଂ କ୍ଲାସ ଉପସ୍ଥାନକୁ ତଦନ୍ତ କରାଯିବ। ଏହାବ୍ୟତୀତ ଘରୋଇ କଲେଜରେ ପ୍ରତି ଶ୍ରେଣୀରେ ସିସି କ୍ୟାମେରା ବାଧ୍ୟତାମୂଳକ କରାଯାଇଥିବା ବେଳେ ପ୍ରତି ୪୫ ଦିନରେ ସିସି କ୍ୟାମେରା ଫୁଟେଜ୍‌କୁ ଯାଞ୍ଚ କରାଯିବ ବୋଲି ଜଣାପଡିଛି। ଏନେଇ ପ୍ରତ୍ୟେକ କଲେଜରେ କଳା, ବିଜ୍ଞାନ ଏବଂ ବାଣିଜ୍ୟ ଛାତ୍ରଛାତ୍ରୀଙ୍କ ଲାଗି ଭିନ୍ନଭିନ୍ନ ୩ଟି ବାୟୋମେଟ୍ରିକ ବ୍ୟବସ୍ଥା କରାଯିବ। ଏହି ବାୟୋମେଟ୍ରିକ ଲଗାଇବା ପାଇଁ ଖର୍ଚ୍ଚ କଲେଜ କର୍ତ୍ତୃପକ୍ଷ ନା ସରକାର କରିବେ ତାକୁ ନେଇ ଆଲୋଚନା ହେଉଛି। ତେବେ ସ୍କୁଲ ଓ ଗଣଶିକ୍ଷା ବିଭାଗର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ ସମଗ୍ରଶିକ୍ଷା ଯୋଜନାରେ ଏହି ଖର୍ଚ୍ଚ ଲାଗି ଅର୍ଥ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି। କଲେଜରେ ଅଧ୍ୟାପକଙ୍କ ଲାଗି ୭ଘଣ୍ଟା ବାଧ୍ୟତାମୂଳକ ହୋଇଥିବା ବେଳେ ଛାତ୍ରଛାତ୍ରୀଙ୍କ ୭୫% ଉପସ୍ଥାନ ଲାଗି ପଦକ୍ଷେପକୁ ସବୁ ସ୍ତରରେ ସ୍ୱାଗତ କରାଯାଇଛି।



ନିଜ ସୁଖ ପାଇଁ କରାଯାଇଥିବା କର୍ମ
ସୀମିତ ସୁଖ ଦେଇଥାଏ; କିନ୍ତୁ
ପରୋପକାର ପାଇଁ କରାଯାଇଥିବା କର୍ମ
ନିତ୍ୟ ନୂତନ ଆନନ୍ଦ ଦିଏ : ଚାଣକ୍ୟ

EKAMAATRA
ଏକମାତ୍ର
ଅନୁସନ୍ଧାନ ପରେ ଖବର

ଭୁବନେଶ୍ୱର, ୨୨ - ୨୮ ଜୁଲାଇ, ୨୦୧୯


# ଭୋକିଲା ନ ରହନ୍ତୁ କେହି

ବିକାଶର ମୂଳ ସଂଜ୍ଞା ହେଉଛି କ୍ଷୁଧା ଓ ଅପପୁଷ୍ଟିକୁ ଦୂର କରିବା। ଦାରିଦ୍ର୍ୟର ବିଲୋପନ ନ ଘଟିଲେ ପୃଥିବୀର ଯେକୌଣସି ରାଷ୍ଟ୍ର ନିଜକୁ ବିକାଶିତ କହିଲେ ବି ଏହା ବାସ୍ତବ କ୍ଷେତ୍ରର ଅବସ୍ତାବ ଚିତ୍ର ସଦୃଶ। କାରଣ ମଣିଷ ଜୀବନଧାରଣର ସୂତ୍ର ହଜାଇ ବସିଲେ ସେଠାରେ ବିକାଶ ନାମକ ସ୍ୱପ୍ନିଳ ଶବ୍ଦଟିଏ ଦାନବର ରୂପ ଧାରଣ କରି ସଭ୍ୟତାକୁ ଗିଳିବାକୁ ବସିଥାଏ। ଖାଦ୍ୟ ନିରାପତ୍ତାକୁ ସବୁ ଦେଶ ଗୁରୁତ୍ୱ ଦେଉଥିଲେ ବି ଏହାର ସମାଧାନ ପ୍ରତି ଆନ୍ତରିକତା ନ ରହିଲେ ସମସ୍ୟା କମିବା ପରିବର୍ତ୍ତେ ଦିନକୁ ଦିନ ଦ୍ୱିଗୁଣିତ ହୋଇଚାଲେ। ମଣିଷର କ୍ଷୁଧା ନିବାରଣ ନହେଲେ ଏଥିରୁ ବର୍ତ୍ତିବା ପାଇଁ ସେ ମାର୍ଜିତ ପଥକୁ ଆଡେଇ ଦେଇ କୁପଥଗାମୀ ହେବାକୁ ବାଧ୍ୟ ହୁଏ। ଶାସ୍ତ୍ର ଅନୁସାରେ 'ବୁଭୁକ୍ଷୁ କିଂ ନକରୋତି ପାପ' ଭଳି ଭୋକ ଉପାସରେ ରହୁଥିବା ବ୍ୟକ୍ତି ଓ ପରିବାର ପେଟ ଚାଖଣ୍ଡକ ପାଇଁ ଯେକୌଣସି ଅପରାଧ କରିବାକୁ ପଛଘୁଞ୍ଚା ଦିଅନ୍ତି ନାହିଁ। କାରଣ କ୍ଷୁଧା ରହିଲେ ମଣିଷ ବଢ଼ିବା ଅପେକ୍ଷା ବଞ୍ଚିବା ପାଇଁ ଅଧିକ ସଂଗ୍ରାମ କରିଥାଏ। ଉତ୍ତମ ଭୋଜନ ଅଭାବରୁ ଶିଶୁ ହୁଅନ୍ତୁ କି ବୟସ୍କ ସମସ୍ତେ ଅପପୁଷ୍ଟିର ଶିକାର ହୁଅନ୍ତି। ବିଗତ କିଛିବର୍ଷ ତଳେ ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଥିଲା ଓଡ଼ିଶାର ଯାଜପୁର ଜିଲ୍ଲାରେ ଥିବା ନଗଡାର ଚିତ୍ର। ନଗଡାରେ ଅସଂଖ୍ୟ ଶିଶୁ, ବୃଦ୍ଧ, ବୃଦ୍ଧା ଉପଯୁକ୍ତ ଖାଦ୍ୟାଭାବରୁ ଅପପୁଷ୍ଟିର ଶିକାର ହୋଇ ରୁଗ୍‌ଣ ଓ ଜରାଗ୍ରସ୍ତ ହୋଇପଡିଥିଲେ। ସ୍ୱାଧୀନତାର ଦୀର୍ଘବର୍ଷ ପରେ ବି ନଗଡା ପ୍ରତି ସରକାରଙ୍କ ଉଦାସିନତା ଏଥିପାଇଁ ଦାୟୀ ବୋଲି ଚାରିଆଡେ ଚର୍ଚ୍ଚା ଚାଲିବା ପରେ ସରକାରଙ୍କ ଆଖିରୁ ନିଦ ହଜିଥିଲା। ଯେଉଁଥିପାଇଁ ନଗଡାର ବିକାଶ ସରକାରଙ୍କ ପ୍ରାଥମିକତା ପାଲଟିଗଲା। ନଗଡା ଭଳି ଆମ ରାଜ୍ୟରେ ଅନେକ ଦୁର୍ଗମ ଅଞ୍ଚଳ ଅଛି ଯେଉଁଠାରେ ଅନାହାର ମୃତ୍ୟୁ ଭଳି ଘଟଣାମାନ ଘଟିବାର ନଜିର ରହିଛି। ଏହାର ମୂଳ କାରଣ ଖୋଜିବସିଲେ ଜାଣିବାକୁ ମିଳିବ ଯେ, ଦାରିଦ୍ର୍ୟତା ଯୋଗୁ କିଛି ଲୋକ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୋଇ ନପାରି ଅତ୍ୟନ୍ତ ଦୁଃଖ, ଯନ୍ତ୍ରଣା ଭିତରେ କାଳାତିପାତ କରୁଛନ୍ତି। ସେମାନଙ୍କ ନିକଟରେ ଗମନାଗମନ ଅଭାବରୁ ଶିକ୍ଷା, ସ୍ୱାସ୍ଥ୍ୟସେବା ଭଳି ଅନେକ ମୌଳିକ ଅଧିକାର ପହଞ୍ଚି ପାରୁନାହିଁ। ସେଠାରେ ବିକାଶ ସେମାନଙ୍କ ପାଇଁ ଏକ ଦୁଃସ୍ୱପ୍ନ ଭଳି। ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ଉଦାସିନତା ଏସବୁ ଅଞ୍ଚଳର ଦୈନ୍ୟତା ପାଇଁ ଦାୟୀ ନିଶ୍ଚୟ। ଏହା କେବଳ ଆମ ରାଜ୍ୟ ବା ଦେଶର ଘଟଣା ନୁହେଁ। ସମଗ୍ର ବିଶ୍ୱରେ ସବୁ ଲୋକଙ୍କୁ ଦୁଇଓଳି ଖାଇବାକୁ ମିଳୁନଥିବା ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଛି। କେତେକ ଦେଶରେ କ୍ଷୁଧାର୍ତ୍ତଙ୍କୁ ଗୋଟିଏ ଓଳି ଖାଦ୍ୟ ମଧ୍ୟ ମିଳିପାରୁନାହିଁ। ବିଶ୍ୱବ୍ୟାପୀ ଭୋଜନରୁ ବଞ୍ଚିତ କ୍ଷୁଧାର୍ତ୍ତଙ୍କ ସଂଖ୍ୟା ୮୨ କୋଟି ୧୦ଲକ୍ଷରେ ଏବେ ପହଞ୍ଚିଛି। ଗତ ସୋମବାର ମିଳିତ ଜାତିସଂଘ ରିପୋର୍ଟରେ ପ୍ରକାଶିତ ତଥ୍ୟକୁ ନେଇ ବିଶ୍ୱ ନେତାମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଅପପୁଷ୍ଟି କାରଣରୁ ଭୋକିଲାଙ୍କ ସଂଖ୍ୟା କ୍ରମେ ବୃଦ୍ଧି ପାଇବାକୁ ଲାଗିଛି। ଏହି ରିପୋର୍ଟରେ ଜଳବାୟୁ ପରିବର୍ତ୍ତନ ଓ ଯୁଦ୍ଧ ପିପାସା ଯୋଗୁ ଏଭଳି

ସମ୍ପାଦକୀୟ
ତାରକ ମହାନ୍ତି



ପରିସ୍ଥିତି ଉପୁଜିଛି ବୋଲି କୁହାଯାଇଛି। ୨୦୩୦ ସୁଦ୍ଧା ବିଶ୍ୱରେ ଜଣେ ହେଲେ କେହି ଭୋକିଲା ରହିବେ ନାହିଁ ବୋଲି ମିଳିତ ଜାତିସଂଘ ଆହ୍ୱାନ ଦେଇଥିଲେ ବି ଏହା ବାସ୍ତବ ଅପେକ୍ଷା ସ୍ୱପ୍ନରେ ରହିଯିବାର ଲକ୍ଷ୍ୟଣ ମଧ୍ୟ ପ୍ରକାଶ ପାଇଛି। 'କେହି ଭୋକିଲା ରହିବେ ନାହିଁ' ଲକ୍ଷ୍ୟ ହାସଲ ସମ୍ଭବ ନୁହେଁ ବୋଲି କହିଛନ୍ତି ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ ସଞ୍ଚାଳିତ ଡେଭିଡ ବିଶ୍‌ଲେ। ବିଶ୍‌ଲେ କହିଛନ୍ତି ଯେ, ଖାଦ୍ୟ ନିରାପତ୍ତା ବିନା ବିଶ୍ୱରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଅସମ୍ଭବ। ସେ ଆହୁରି ମଧ୍ୟ ଅଭିଯୋଗ କରିଛନ୍ତି ଯେ, ଭୋକିଲାଙ୍କ ପ୍ରତି ଗଣମାଧ୍ୟମମାନେ ଆଖିବୁଜି ଦେଇଛନ୍ତି। ପ୍ରତିଦିନ ସମ୍ବାଦ ପୃଷ୍ଠାରେ ବ୍ରେକ୍‌ଜିଟ୍ ଓ ଡୋନାଲ୍ଡ ଟ୍ରମ୍ପଙ୍କ ଆଲୋଚନା ଚାଲିଥିଲା ବେଳେ ଅପପୁଷ୍ଟିର ଶିକାର କିମ୍ବା କ୍ଷୁଧାର୍ତ୍ତଙ୍କ ସମ୍ପର୍କରେ ଆଲୋଚନା ନାହିଁ। ଅପପୁଷ୍ଟିର ଶିକାର ହୋଇ ଅକାଳରେ ଝଡି ଯାଉଥିବା ପିଲାଙ୍କ ପ୍ରତି ଗଣମାଧ୍ୟମ ନୈତିକ ମୂଲ୍ୟବୋଧ ହରାଇଥିବା ଅଭିଯୋଗ କରିଛନ୍ତି ବିଶ୍‌ଲେ। ଯେଉଁଥିପାଇଁ କ୍ଷୁଧାର୍ତ୍ତଙ୍କୁ ନିଜର ଅସ୍ତ୍ର ରୂପେ ବ୍ୟବହାର କରୁଛନ୍ତି ଆତଙ୍କୀ ସଂଗଠନ। ଏହି ସଂଗଠନ ଗୁଡିକ ଖାଦ୍ୟ ବିନିମୟରେ କ୍ଷୁଧା ପ୍ରପ୍ରୀଡିତଙ୍କୁ ଆତଙ୍କୀ ସଂଗଠନରେ ସାମିଲ କରାଇ ନିଜର ସ୍ୱାର୍ଥକୁ ସାକାର କରୁଛନ୍ତି। ସ୍ୱାସ୍ଥ୍ୟସେବା ଓ ଶିକ୍ଷା ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରକୁ ବାଦ ଦେଇ ଅନ୍ୟ କ୍ଷେତ୍ରରୁ ଖର୍ଚ୍ଚ କାଟ କରି ଭୋକିଲାଙ୍କୁ ପୁଷ୍ଟିକର ଖାଦ୍ୟ ଯୋଗାଇବା ସହଜକଥା ନୁହେଁ। ଏଥିପାଇଁ ବିଶ୍ୱର ପ୍ରତ୍ୟେକ ରାଷ୍ଟ୍ର ମିଳିତ ଭାବେ କାମ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ବିଶ୍‌ଲେ। କ୍ଷୁଧା ଓ ଅପପୁଷ୍ଟି ଭଳି ଆହୁରି ଭୟଙ୍କର ସମସ୍ୟା ମଧ୍ୟ ରହିଛି। ଏବେ ମଧ୍ୟ ବିଶ୍ୱ ଦରବାରରେ ଲିଙ୍ଗଗତ ଭେଦଭାବ ନିଜର ପ୍ରଭାବ ବିସ୍ତାର କରିଛି। ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅବଳା, ଦୁର୍ବଳା କୁହାଯାଇ ହୀନ ଦୃଷ୍ଟିରେ ଦେଖାଯାଉଛି। ତା'ସହିତ ଜାତିଆଣ ମନୋଭାବର ପ୍ରାଧାନ୍ୟ ମଧ୍ୟ ଗୁରୁତ୍ୱ ହରାଇନାହିଁ। ଆଫ୍ରିକାର ପ୍ରାୟ ୨୦ଭାଗ ଲୋକ ଅପପୁଷ୍ଟିର ଶିକାର ହୋଇଥିବା ବେଳେ ଏସିଆ ମହାଦେଶର ୧୨% ଲୋକ ପୁଷ୍ଟିକର ଖାଦ୍ୟରୁ ବଞ୍ଚିତ ରହୁଛନ୍ତି। ଲାଟିନ୍ ଆମେରିକା ଓ କ୍ୟାରିବିୟାନରେ ୭% ଲୋକ ଅପପୁଷ୍ଟିର ଶିକାର ହୋଇଛନ୍ତି। ବିଶ୍ୱରେ ପ୍ରାୟ ୨୦୦ କୋଟି ଲୋକ ଖାଦ୍ୟ ନିରାପତ୍ତାରୁ ବାଦ୍ ପଡିଥିବା ଜଣାପଡିଛି। ଉତ୍ତର ଆମେରିକା ଓ ୟୁରୋପ ମହାଦେଶରେ ୮% ଲୋକ ଦୈନିକ ପୁଷ୍ଟିକର ଆହାର ପାଉନାହାନ୍ତି। ପୃଥିବୀରେ ପ୍ରାୟ ୧୪ କୋଟି ୪୯ଲକ୍ଷ ପିଲା ଅପପୁଷ୍ଟିର ଶିକାର ହୋଇ ମାନସିକ ଓ ଶାରୀରିକ ବିକାଶରେ ବଞ୍ଚିତ ଥିବା ଏହି ରିପୋର୍ଟରେ ପ୍ରକାଶ ପାଇଛି। ତେଣୁ ଯେପର୍ଯ୍ୟନ୍ତ ସାରା ବିଶ୍ୱରେ ଭୋକିଲାଙ୍କ ସଂଖ୍ୟା କମିନାହିଁ ସେ ପର୍ଯ୍ୟନ୍ତ ଆମେ ପୂର୍ଣ୍ଣ ବିକଶିତ ବା ଅର୍ଦ୍ଧବିକଶିତ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିବା ନାହିଁ। ପ୍ରତ୍ୟେକ ରାଷ୍ଟ୍ର ନିଜ ପାଇଁ ବିକାଶର ମାନଦଣ୍ଡ ନିର୍ଦ୍ଧାରଣ କଲା ବେଳେ କ୍ଷୁଧା ଦୂରୀକରଣ ଓ ଅପପୁଷ୍ଟିର ନିରାକରଣ ଦିଗରେ ଅଧିକ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି। କେବଳ ମହାକାଶ ଅଭିଯାନ କିମ୍ବା ଯୁଦ୍ଧ ଯନ୍ତ୍ରାଂଶ ତିଆରି ଦ୍ୱାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ସମ୍ଭବ ହୋଇପାରିବ ନାହିଁ। ଗୋଟିଏ ରାଷ୍ଟ୍ର ଅନ୍ୟ ରାଷ୍ଟ୍ର ସହିତ ମିଳିତ ହୋଇ ବିକାଶର ବାର୍ତ୍ତାକୁ ସଠିକ୍ ଭାବେ କ୍ଷୁଧାର୍ତ୍ତଙ୍କ ନିକଟରେ ପହଞ୍ଚାଇ ସେମାନଙ୍କ କ୍ଷୁଧା ନିବାରଣ କରିବା ସହିତ ମାନବିକତା ଆଧାରରେ ତାଙ୍କ ପାଇଁ ଯାହା ଆବଶ୍ୟକ ତାହା କରିବା ଦରକାର। ଅସମାନତା ରହିଲେ ଦାରିଦ୍ର୍ୟ ଦୂରୀକରଣ କେବଳ ଗୋଟିଏ ଯୋଜନାର ଛବି ବ୍ୟତୀତ ଆଉ କିଛି ନୁହେଁ। ତେଣୁ ଜାତିସଂଘ ରିପୋର୍ଟରେ ପ୍ରକାଶ ପାଇଥିବା ତଥ୍ୟ ଯେତିକି ଉଦ୍‌ବେଗଜନକ ସେତିକି ସମ୍ବେଦନଶୀଳ ମଧ୍ୟ। କାରଣ ଭୋକିଲାଙ୍କ ସଂଖ୍ୟା ବଢ଼ିଲେ ଏହା ବିକାଶର ଗତିରୋଧ କରିବ। ପ୍ରତ୍ୟେକ ରାଷ୍ଟ୍ର ନିଜ ନିଜର କଲ୍ୟାଣକାରୀ ଯୋଜନା ପ୍ରସ୍ତୁତ କଲା ବେଳେ ମଣିଷ ସମାଜରୁ କ୍ଷୁଧାର ବିଲୋପନ ମୁଖ୍ୟ ଏଜେଣ୍ଡା ଭାବେ ରହିବାର ଆବଶ୍ୟକତା ରହିଛି। ଗୁରୁତ୍ୱପୂର୍ଣ୍ଣ ଦିଗଟିକୁ ବାଦ ଦେଇ ସ୍ୱପ୍ନ ରାଜ୍ୟରେ ଭାସି ଚାଲିଲେ ଏହା ଅବାସ୍ତବ ଓ ଦୂରଦର୍ଶିତାର ଅଭାବ ବୋଲି ଜାଣିବାକୁ ହେବ।


ଯୋଗାଯୋଗ ଠିକଣା
ଏକମାତ୍ର, ପ୍ଲଟ୍-୧୮୬, ଲେନ୍-୨, ବିମାନଘାଟୀ ଅଞ୍ଚଳ
ଭୁବନେଶ୍ୱର-୭୫୧୦୨୦, ଓଡ଼ିଶା
ଦୂରଭାଷ : ୦୯୩୩୮୨୨୫୯୩୦, ୯୪୩୭୧୩୩୭୭୭


# ଗାନ୍ଧୀମୁକ୍ତ କଂଗ୍ରେସ: ଉମେଶ ବାନାର୍ଜୀଙ୍କ ଠାରୁ ରାହୁଲ ଗାନ୍ଧୀ...



ବାଦଲ ଭୂୟାଁ

ଲୋକସଭା ନିର୍ବାଚନରେ ଭାରତର ବଡ଼ ଦଳ କହୁଥିବା କଂଗ୍ରେସ ମୋଦି ସୁନାମୀକୁ ସାମ୍ନା ନ କରିପାରି ମାଟି କାମୁଡ଼ିଲା। କେବଳ ସେତିକି ନୁହେଁ କଂଗ୍ରେସର ଗଡ଼ କୁହାଯାଉଥିବା ଉତ୍ତରପ୍ରଦେଶର ଆମେଥିରେ କଂଗ୍ରେସ ଯୁବରାଜ ରାହୁଲ ଗାନ୍ଧୀ ଚିତ୍‌ପଟାଙ୍ଗ ମାରିଲେ। ରାହୁଲ ଗାନ୍ଧୀ ମେ ୨୫ରେ ଦଳର ପରାଜୟକୁ ମୁଣ୍ଡରେ ନେଇ ଇସ୍ତଫା ଦେଇଛନ୍ତି। କଂଗ୍ରେସ ସଭାପତି ଦୌଡ଼ରେ ଭୋରା, ସିନ୍ଧେ, ଖଡ଼ଗେ, ଜ୍ୟୋତିରାଦିତ୍ୟ, ସଚ୍ଚିନ ପାଇଲଟଙ୍କ ପରି ନେତାଙ୍କ ନାମ ଆଗକୁ ଆସୁଛି। କିନ୍ତୁ ଅନେକ ହୁଏତ ଜାଣିନଥିବେ ଗାନ୍ଧୀ ପରିବାର ବାହାରୁ ୧୩ଜଣ ସଭାପତି ହୋଇଛନ୍ତି। କଂଗ୍ରେସର ଇତିବୃତ୍ତ ଜାଣିବାକୁ ହେଲେ ଚାଲନ୍ତୁ ଟିକେ ପଛକୁ ଫେରିବା। ୧୮୮୫ ମସିହାରେ ଇଂରେଜ ଚିନ୍ତକ ଆଲାନ୍ ଅକ୍ଟୋଭିଆନ ହ୍ୟୁମ୍ କଂଗ୍ରେସ ଗଢ଼ିଥିଲେ। ଯାହାର ପ୍ରଥମ ସଭାପତି ଥିଲେ ଉମେଶ ଚନ୍ଦ୍ର ବାନାର୍ଜୀ। ପରେ ପରେ ଦାଦା ଭାଇ ନାରୋଜୀ, ବଦ୍ରୁଦ୍ଦିନ୍ ତୈୟାବ୍ଜୀ, ଜର୍ଜ ୟୁଲେ, ୱିଲିୟମ୍ ୱେଡ଼ବର୍ଣ୍ଣ, ଫିରୋଜ ଶାହା ମେହେଟ୍ଟା, ଆନନ୍ଦାଚାରୁଲୁ, ଆଲଫର୍ଡ଼ ୱେବ୍, ସୁରେନ୍ଦ୍ର ନାଥ ବାନାର୍ଜୀ, ରହିମତୁଲ୍ଲା ସାୟାନି, ସି.ଶଙ୍କରନ୍ ନାୟାର, ଆନନ୍ଦ ମୋହନ ବୋଷ, ରମେଶ ଚନ୍ଦ୍ର ଦତ୍ତ, ଏନ୍.ଜି ଚନ୍ଦାଭାର୍କର ପ୍ରମୁଖ ୧୯୦୦ ମସିହା ପର୍ଯ୍ୟନ୍ତ ସଭାପତି ଦାୟିତ୍ୱରେ ରହିଥିଲେ। ସେହିପରି ୧୯୦୧ରୁ ୧୯୧୮ ପର୍ଯ୍ୟନ୍ତ କଂଗ୍ରେସ ସଭାପତି ଦାୟିତ୍ୱରେ ରହିଥିଲେ ଦିନ୍ସା ୱାଚା, ସୁରେନ୍ଦ୍ର ନାଥ ବାନାର୍ଜୀ, ଲାଲ୍ ମୋହନ ଘୋଷ, ହେନ୍ରୀ କଟନ୍, ଗୋପାଳ କୃଷ୍ଣ ଗୋଖଲେ, ଦାଦା ଭାଇ ନାରୋଜୀ, ରାସବିହାରୀ ଘୋଷ, ମଦନ ମୋହନ ମାଲବ୍ୟ, ୱିଲିୟମ୍ ୱେଡ୍ବର୍ଣ୍ଣ, ଡି.ଏନ୍‌ଦର, ଆର.ଏନ୍.ମୁଦୁଲକର, ସୟଦ୍ ମହମ୍ମଦ ବାହାଦୂର, ଭୂପେନ୍ଦ୍ର ନାଥ ବୋଷ, ଲର୍ଡ଼ ସତ୍ୟେନ୍ଦ୍ର ପ୍ରସନ୍ନ ସିହ୍ନା, ଅମ୍ବିକା ଚରଣ ମଜୁମ୍ଦାର, ଆନିବେଶାନ୍ତ, ସୟଦ୍ ହାସାନ୍ ଇମାମ୍ ପ୍ରଭୃତି। ୧୩୫ ବର୍ଷ ପୁରୁଣା ଏହି ରାଜନୈତିକ ଦଳ ସ୍ୱାଧୀନତା ଆନ୍ଦୋଳନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ସହ କିନ୍ତୁ ଏହି ଦଳ ବିଭିନ୍ନ ସମୟରେ ୫୭ ବର୍ଷ ଧରି ଦେଶର ଶାସନ ଡ଼ୋରୀ ନିଜ ହାତରେ ରଖିଛି। ବର୍ତ୍ତମାନ କେନ୍ଦ୍ରୀୟ କଂଗ୍ରେସ ସଂସ୍ଥାରେ ଘମାସନ ଚାଲିଛି ୮୮ତମ ସଭାପତି ପଦବୀକୁ ନେଇ। ୧୯୧୭ ପର୍ଯ୍ୟନ୍ତ ଛଅଥର କଂଗ୍ରେସ ସଭାପତି ଦାୟିତ୍ୱରେ ବିଦେଶୀମାନେ ରହିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀ ୧୯୨୪ରେ ବେଲ୍‌ଗାଂ ଅଧିବେଶନରେ କଂଗ୍ରେସ ସଭାପତି ଭାବେ ମାତ୍ର ବର୍ଷକ ପାଇଁ ଥିଲେ।

୧୯୪୭ରୁ ଏଯାବତ୍ କଂଗ୍ରେସର ତମାମ ୧୮ଜଣ ସଭାପତିଙ୍କ ଭିତରୁ ମାତ୍ର ୫ଜଣ ଗାନ୍ଧି ପରିବାର ଭିତରୁ। ୧୯୪୭ରେ କୃପାଳିନୀ କଂଗ୍ରେସ ସଭାପତି ଦାୟିତ୍ୱରେ ଥିବାବେଳେ ପି.ସୀତାରମେୟା ଏହି ଦାୟିତ୍ୱରେ ୧୯୪୮ରୁ ୧୯୪୯ ପର୍ଯ୍ୟନ୍ତ ଥିଲେ। ୧୯୫୦ରେ ପୁରୁଷୋତ୍ତମ ଦାସ ଟଣ୍ଡନ, ୧୯୫୫ରୁ ୧୯୫୯ ପର୍ଯ୍ୟନ୍ତ ୟୁ.ଏନ୍.ଢେବର ଦାୟିତ୍ୱରେ ରହିଥିଲେ। ସେହିପରି ୧୯୬୦ରୁ ୧୯୬୩ ପର୍ଯ୍ୟନ୍ତ ନିଲମ ସଞ୍ଜିବରେଡ୍ଡୀ, ୧୯୬୪ରୁ ୧୯୬୭ କାମରାଜ, ୧୯୬୮ରୁ ୧୯୬୯ ଏସ୍.ନିଜଲିଙ୍ଗୋପା, ୧୯୭୦ରୁ ୧୯୭୧ ପର୍ଯ୍ୟନ୍ତ ବାବୁ ଜଗଜୀବନ ରାମ ସଭାପତି ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି ପରବର୍ତ୍ତୀ ସମୟରେ ଭାରତର ରାଷ୍ଟ୍ରପତି ହୋଇଥିବା ଶଙ୍କର ଦୟାଳ ଶର୍ମା ୧୯୭୨ରୁ ୧୯୭୪ ପର୍ଯ୍ୟନ୍ତ, 'ଇଣ୍ଡିଆ ଇଜ୍ ଇନ୍ଦିରା' ଏବଂ 'ଇନ୍ଦିରା ଇଜ୍ ଇଣ୍ଡିଆ' ସ୍ଲୋଗାନ ଦେଇଥିବା ଚର୍ଚ୍ଚିତ ନେତା ଦେବକାନ୍ତ ବରୁଆ ୧୯୭୫ରୁ ୧୯୭୭ ପର୍ଯ୍ୟନ୍ତ ଦାୟିତ୍ୱରେ ଥିଲେ। ତାଙ୍କରି ସମୟରେ ଦେଶରେ ଇମର୍ଜେନ୍ସି ଲାଗୁ ହୋଇଥିଲା। ୧୯୭୭ରୁ ୧୯୭୮ ପର୍ଯ୍ୟନ୍ତ କଂଗ୍ରେସ ସଭାପତି ଦାୟିତ୍ୱରେ ଥିଲେ ବ୍ରହ୍ମାନନ୍ଦ ରେଡ୍ଡୀ, ୧୯୯୨ରୁ ୧୯୯୬ ପି.ଭି.ନରସିଂହରାଓ, ୧୯୯୬ରୁ ୧୯୯୮ ପର୍ଯ୍ୟନ୍ତ ସୀତାରାମ କେଶରୀ ଓ ୧୯୯୮ରୁ ୨୦୧୭ ପର୍ଯ୍ୟନ୍ତ ସୋନିଆ ଗାନ୍ଧୀ ଥିବାବେଳେ ତାଙ୍କ ପରେ ରାହୁଲ ଗାନ୍ଧୀ ଏହି ଦାୟିତ୍ୱରେ ଥିଲେ। ମୋତିଲାଲ ନେହେରୁ, ଜବାହାରଲାଲ ନେହେରୁ, ଇନ୍ଦିରାଗାନ୍ଧୀ, ରାଜୀବ ଗାନ୍ଧୀ, ସୋନିଆ ଗାନ୍ଧୀ ଓ ରାହୁଲ ଗାନ୍ଧୀ ତମାମ ଏହି ଗାନ୍ଧୀ ପରିବାରର ବିଭିନ୍ନ ସମୟରେ ପାଖାପାଖି ୪୫ ବର୍ଷ କଂଗ୍ରେସର ସଭାପତି ଦାୟିତ୍ୱରେ ରହିଛନ୍ତି। ଚରଣ ସିଂହ ଓ ଚନ୍ଦ୍ରଶେଖରଙ୍କ ଅଣକଂଗ୍ରେସ ସରକାର ଏହି ପରିବାରର ଦୟାରେ ସରକାର ଗଢ଼ିଥିଲା ଓ ଭୁଷୁଡ଼ିଥିଲା ମଧ୍ୟ। ତେବେ ଭାରତରେ ମୋଦି ସୁନାମୀ ପରେ କଂଗ୍ରେସର ଅସ୍ତିତ୍ୱ ମସ୍ତବଡ଼ ସଙ୍କଟରେ ପଡ଼ିଛି। ଓଡ଼ିଶାରେ ବି ସମାନ ଦଶା। ବିରୋଧୀ ଦଳ ମର୍ଯ୍ୟାଦା ପାଇଥିବା କଂଗ୍ରେସ ଓଡ଼ିଶାରେ ମାଟି କାମୁଡ଼ି ତୃତୀୟ ସ୍ଥାନକୁ ଖସି ଆସିଛି। ଯେଉଁ ତିନୋଟି ରାଜ୍ୟରେ ଗତ ବିଧାନସଭା ନିର୍ବାଚନରେ ବିଜେପିକୁ ଧୂଳିସାତ୍ କରି କଂଗ୍ରେସ ସରକାର ଗଢ଼ିଥିଲେ ସେଠି ଲୋକସଭା ନିର୍ବାଚନ ବେଳକୁ ସ୍ଥିତି ସମ୍ପୂର୍ଣ୍ଣ ଓଲଟି ଯାଇଛି। କଂଗ୍ରେସର ବଡ଼ ବଡ଼ ତୁଙ୍ଗ ନେତା ଦଳୀୟ ପ୍ରଚାରରେ ସାମିଲ ନହୋଇ ପାରିବାରିକ ଟିକେଟ ପାଇଁ ପ୍ରଚାର ପାଇଁ ଅଧିକ ସମୟ ଦେବା ଓ ଯୁବରାଜ ରାହୁଲଙ୍କୁ ଆବଶ୍ୟକୀୟ ସହଯୋଗ ନ ଦେଉଥିବା ବୟସ୍କ ତୁଙ୍ଗ ନେତା ମାନଙ୍କ ଆଚରଣ ଓ ଉଚ୍ଚାରଣ ଅଲଗା ରହୁଥିବାରୁ ମନ ଭିତରେ କ୍ଷୋଭ ପ୍ରକାଶ କରି ରାହୁଲ ଗାନ୍ଧୀ ସଭାପତି ଦାୟିତ୍ୱରୁ ନିଜକୁ ମୁକ୍ତ କରିଛନ୍ତି। ଭାରତରେ ପରିବାରବାଦ ରାଜନୀତିର ବଡ଼ ସୁଅ ଆରମ୍ଭ କରିଥିଲା କଂଗ୍ରେସ ଦଳ ଯାହାକି ବର୍ତ୍ତମାନ ବିଭିନ୍ନ ଦଳରେ କ୍ୟାନସର ପରି ବ୍ୟାପିଲାଣି। ଚଳିତ ଲୋକସଭା ନିର୍ବାଚନ ପରେ କଂଗ୍ରେସର ଅସ୍ତିତ୍ୱ ସମଗ୍ର ଭାରତରେ ବଡ଼ ସଙ୍କଟ ମୁହାଁରେ ପଡ଼ିଯାଇଛି। ଓଡ଼ିଶା କଂଗ୍ରେସର ହାଲତ୍ ମଧ୍ୟ ତର୍ଦ୍ଦୁପ। ଏଠି ନିରଞ୍ଜନ ବାବୁଙ୍କ ନେତୃତ୍ୱରେ ଓଡ଼ିଶା ପିସିସି ଜୋରଦାର କାର୍ଯ୍ୟକ୍ରମ କରିବାକୁ ଚାହୁଁଥିଲେ ବି ଗୋଡ ଟାଣିବା ପାଇଁ ଖୋଦ କଂଗ୍ରେସ ଭିତରେ ତୁଙ୍ଗ ନେତା ମାନଙ୍କର ଅଭାବ ବି ନାହିଁ ଯାହାକି ଓଡ଼ିଶା କଂଗ୍ରେସର ସବୁଠାରୁ ଅତି ଦୁଃଖଦ ଚିତ୍ର। ପରିଣତ ବୟସର ତୁଙ୍ଗ ନେତାଙ୍କୁ ଦଳୀୟ ଟିକେଟ ନଦେଇ ନେତୃମଣ୍ଡଳୀରେ ରଖି ନରେନ୍ଦ୍ର ମୋଦିଙ୍କ ବିଜେପି ଯେଉଁ ବାର୍ତ୍ତା ଦେଇଛି ତାହା କଂଗ୍ରେସକୁ ଶିକ୍ଷା ଜରୁରୀ। ଗାନ୍ଧୀମୁକ୍ତ କଂଗ୍ରେସ ଭାରତ କଥା କୁହନ୍ତୁ ବା ଓଡ଼ିଶା। ଭୋଟରଙ୍କ ମାନସିକତା ଉପରେ କେତେ ପ୍ରଭାବ ପକାଇବ ଓ ଅଣକଂଗ୍ରେସ ସଭାପତି ଦଳର ଘୋଡ଼ାକୁ କିପରି ବେଗବାନ କରାଇବେ ତାହାର ଉତ୍ତର ସମୟ ହିଁ କହିବ।

*ପୁରୁଣା ସୋନାରୀ, ଜାମସେଦପୁର*
*ଦୂରଭାଷ : ୭୪୮୮୯୯୮୫୩୨*

# ନିମ୍ନତମ ସହାୟକ ମୂଲ୍ୟ ନା ଉଚ୍ଚତମ ବଜାର ଦର ?

ଅଧ୍ୟାପକ ନୀଳମଣି ସାହୁ

ଆପଣ ଲେଖୁଥିବା ଡଟ୍ ପେନ୍‌ଟିର ଦାମ ଯଦି ପାଞ୍ଚ ଟଙ୍କାରୁ ସାତ ଟଙ୍କାକୁ ବଢ଼ି ଯାଏ, ତେବେ, ଆପଣ ଯଦି ସେହି ଡଟ୍ ପେନ୍ ହିଁ କିଣିବାକୁ ଚାହିଁବେ, ଆପଣଙ୍କୁ ଦୁଇ ଟଙ୍କା ଅଧିକ ଦେବାକୁ ପଡ଼ିବ, କିନ୍ତୁ ବଜାର କମ୍ପମାନ ହେବନି, ଦେଶର ଅର୍ଥନୀତି ଉପରେ କୌଣସି ପ୍ରଭାବ ପଡ଼ିବନି। ଅଥଚ୍ ଆପଣ କିଣୁଥିବା ଚାଉଳର କିଲୋ ପ୍ରତି ଦର ଯଦି ୫୦ ଟଙ୍କାରୁ ୭୦ ଟଙ୍କାକୁ ବୃଦ୍ଧି ପାଏ, ଆପଣ ହୁଏତ ସେହି ମାନର ଚାଉଳକୁ ଆଉ କିଣି ନ ପାରନ୍ତି, ଯଦି କିଣନ୍ତି ପକେଟକୁ ବହୁତ ବାଧିବ। ଆପଣ ନିଜେ ସେ ଚାଉଳ କିଣନ୍ତୁ ବା ନ କିଣନ୍ତୁ, ବଜାର କମ୍ପିବ, ତାର ପ୍ରଭାବ ଅନ୍ୟାନ୍ୟ ଜିନିଷର ଦରଦାମ ଉପରେ ପଡ଼ିବ, ଦେଶର ଅର୍ଥନୀତି ଉପରେ ଘୋର ପ୍ରଭାବ ପକେଇବ। ଦେଶ ପଡ଼ିବ ଉଠିବ, ହାହାକାରମୟ ହେବ। ଚାଉଳ, ଗହମ ଆଦି ଖାଦ୍ୟଶସ୍ୟ ମହଙ୍ଗା ହେଲେ, ଅନ୍ୟମାନଙ୍କ କଥା ତେଣିକି ଥାଉ, କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ହଜାର ହଜାର କୋଟି ଟଙ୍କା ମହଙ୍ଗାଭତ୍ତା ଆକାରରେ ସେମାନଙ୍କର କର୍ମଚ଼ାରୀମାନଙ୍କୁ ଦେବାକୁ ହେବ। ଦେଶର ପୁଞ୍ଜିପତି ଓ ମାଲିକମାନଙ୍କୁ ମଧ୍ୟ ସେହି କଥା କରିବାକୁ ହେବ, ସେମାନଙ୍କର କର୍ମଚ଼ାରୀ ଓ ଶ୍ରମିକମାନଙ୍କୁ ଅଧିକ ଦରମା ଦେବାକୁ ହେବ। ତେଣୁ ସେପରି ପରିସ୍ଥିତିକୁ ଏଡ଼େଇବା ପାଇଁ ଖାଦ୍ୟଶସ୍ୟର ଦରଦାମକୁ ଯଥାସମ୍ଭବ ନିମ୍ନତମ ସ୍ତରରେ ରଖିବା ପାଇଁ ଉଦ୍ୟମ ଜାରି ରହିଛି କି ବୋଲି ମନରେ ପ୍ରଶ୍ନ ଉଠେ। ତେଣୁ, "ନିମ୍ନତମ ସହାୟକ ମୂଲ୍ୟ ନା ଉଚ୍ଚତମ ବଜାର ଦର ?" ଭଳି ଏକ ପ୍ରଶ୍ନର ଆଲୋଚ଼ନା।

ଭାରତ ସ୍ୱାଧୀନତା ପାଇଲା ବେଳକୁ ମୁଁ ଛୁଆଟିଏ ଥିଲି। ସେତେବେଳେ ମୁଁ ଶୁଣୁଥିଲି ଧାନ ଶଗଡ଼ କୋଡ଼ିଏ ଟଙ୍କାକୁ ସୁନା ତୋଳାଏ କୋଡ଼ିଏ ଟଙ୍କା। ଶଗଡ଼େ ଧାନ କହିଲେ ୫୪୦ କିଲୋ। ନିମ୍ନତମ ସହାୟକ ମୂଲ୍ୟ ଧାର୍ଯ୍ୟ କରି ଏ ବର୍ଷ ସରକାର କିଲୋ ପ୍ରତି ୧୬ ଟଙ୍କା ୬୫ ପଇସା ଦେଉଛନ୍ତି ବୋଲି ଶୁଣିଲି। ତା ମାନେ ଶଗଡ଼େ ବା ୫୪୦ କିଲୋ ଧାନକୁ ସରକାର ଦେଉଛନ୍ତି ୮,୯୯୧ ଟଙ୍କା। ବର୍ତ୍ତମାନ ସୁନା ୧୦ ଗ୍ରାମ୍‌ର ଦର ପାଖାପାଖି ୩୪ ହଜାର ଟଙ୍କା। ତୋଳାଏ ସୁନା ଗ୍ରାମ୍‌ରେ ୧୧ ଗ୍ରାମ ୬୬୪ ମିଲିଗ୍ରାମ। ତେଣୁ ତୋଳାଏ ସୁନାର ଦାମ ହେବ ପାଖାପାଖି ୩୯,୫୦୦ ଟଙ୍କା। ସ୍ୱାଧୀନତା ପ୍ରାପ୍ତିର ଆଖପାଖରେ ତୋଳାଏ ସୁନା କିଣିବାକୁ ହେଲେ ଚାଷୀକୁ ଶଗଡ଼େ ଧାନ ବିକିବାକୁ ପଡୁଥିଲା। ଆଜି ସେଥିପାଇଁ ପାଖାପାଖି ସାଢ଼େ ଚାରି ଶଗଡ଼ ଧାନ ବିକିବାକୁ ହେବ। ତାର ମାନେ ସ୍ୱାଧୀନତା ପ୍ରାପ୍ତି ବେଳକୁ ଶଗଡ଼େ ଧାନ ପାଇଁ ଚାଷୀ ଯାହା ପାଉଥିଲା, ଆଜି ତାର ଚଉଠେରୁ କମ୍ ପାଉଛି। ଋଣଭାରରେ ଚାଷୀ ବୁଡିବନି ତ ଆଉ କଅଣ ସୌଖୀନ ଢଙ୍ଗରେ ବସି ମଉଜ ମଜଲିସ୍ କରିବ ? ଚାଷୀ ସମସ୍ତଙ୍କୁ ଆହାର ଦେଉଥିଲେ ବି ନିଜେ ଭୋକଉପାସରେ ରହୁଛି, ଋଣଭାରରେ ଆତ୍ମହତ୍ୟା କରୁଛି।

ଚାଷୀମାନଙ୍କର ଏହି ଦୟନୀୟ ଅବସ୍ଥା ପାଇଁ, କୁମ୍ଭୀରକାନ୍ଦଣା ହେଉ ବା ନହେଉ, ସମସ୍ତେ କାନ୍ଦୁଛନ୍ତି। କେନ୍ଦ୍ର ସରକାର, ରାଜ୍ୟ ସରକାର ବି କାନ୍ଦୁଛନ୍ତି। ଧାନ କଥା ନିଆଯାଉ। ଅଭାବୀ ବିକ୍ରି ଯୋଗୁଁ ଧାନର ଯଥାର୍ଥ ମୂଲ୍ୟ ଚାଷୀ ପାଉନାହିଁ ବୋଲି ବିଚ଼ାର କରି ସରକାର ନିମ୍ନତମ ସହାୟକ ମୂଲ୍ୟ ଧାର୍ଯ୍ୟ କରୁଛନ୍ତି।

ଗରିବ କିଏ ? କିଏ ଗରିବ କିଏ ଗରିବ ନୁହେଁ ଏହି କଥା ଜାଣି ପାରୁ ନାହାନ୍ତି ବୋଲି ଗାର ଖୋଜା ଚାଲିଛି। ଗାର ତଳକୁ ଯିଏ ରହିବ ସିଏ ଗରିବ ଆଉ ଗାର ଉପରକୁ ଯିଏ ରହିବ ସିଏ ଗରିବ ନୁହେଁ। ନାନା ମୁନି ନାନା ମତ ଭଳି ଏ ସମ୍ପର୍କରେ ଚିନ୍ତା କରୁଥିବା ନେତାମାନଙ୍କ ଠାରୁ ଆରମ୍ଭ କରି ପଣ୍ଡିତମାନଙ୍କ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ମତ ଦେଉଛନ୍ତି। କେହି କେହି ଗରିବମାନଙ୍କ ମଧ୍ୟରେ କିଏ ନିରଙ୍କୁଶ ଗରିବ (ବା ପେଟରେ ଓଦା କନା ପକା ଗରିବ) ଓ କିଏ ଆପେକ୍ଷିକ ଗରିବ (ବା ତା ତୁଳନାରେ ଇଏ ଗରିବ) ଖୋଜୁଛନ୍ତି ତ ଆଉ କେହି ଜଣକୁ ଜୀଇଁ ରହିବା ପାଇଁ ଅତି କମରେ କେତେ କେଲୋରି ଖାଦ୍ୟ ଦରକାର ତାରି ଭିତ୍ତିରେ ଗରିବୀ ରେଖା ଟାଣିବାକୁ ଚେଷ୍ଟା କରୁଛନ୍ତି। ଦଳେ ପରିବାରକୁ ଭିତ୍ତି କରି ଗରିବୀ ରେଖା ଟାଣିଲା ବେଳେ ଆଉ ଦଳେ ବ୍ୟକ୍ତିକୁ ଭିତ୍ତି କରି ଟାଣୁଛନ୍ତି। ଜଣେ ବାର୍ଷିକ ରୋଜଗାରକୁ ଭିତ୍ତି କରି ଗରିବୀ ରେଖା ଟାଣି ବାହାବା ନେବା ବେଳେ ତାଙ୍କର ସମାଲୋଚକମାନେ ସେହି ବାର୍ଷିକ ରୋଜଗାରକୁ ଭାଗ ଭାଗ କରି ଦିନକର ରୋଜଗାର ଦର୍ଶେଇ ତାଙ୍କର ସମାଲୋଚନା କରୁଛନ୍ତି। କିଏ ଦେଶ କଥା ଛାଡ଼ି ଆନ୍ତର୍ଜାତିକ ଗରିବୀ ରେଖା ଟାଣିବାକୁ ଚେଷ୍ଟା କରୁଛି ତ କିଏ ତମ ଦେଶର ଧନୀ ଆମ ଦେଶରେ ଗରିବ କହି ଅବା ଆମ ଦେଶର ଗରିବ ତମ ଦେଶରେ ଧନୀ କହି ତାର ବିରୋଧ କରୁଛନ୍ତି। କିଏ ମଣିଷର କ୍ରୟଶକ୍ତିକୁ ଭିତ୍ତି କଲାବେଳେ ଆଉ କିଏ ଆଉ କାହାକୁ ଭିତ୍ତି କରି ଗରିବୀ ରେଖା ଟାଣିବାରେ ବ୍ୟସ୍ତ। ଗରିବ ବାପୁଡ଼ାକୁ ପ୍ରହେଳିକାରେ ପକେଇଛନ୍ତି ଆଉ ସିଏ ପାଟି ଆଁ କରି ସରକାରୀ ସାହାଯ୍ୟକୁ ଚାହିଁ ବସିଛି। ଆମ ଦେଶରେ କେନ୍ଦ୍ର ସରକାରଙ୍କର ଗରିବୀ ରେଖା ଓ ଓଡ଼ିଶା ସରକାରଙ୍କର ଗରିବୀ ରେଖା ମଧ୍ୟରେ ତାଳମେଳ ହେଉନାହିଁ ବୋଲି ଅନୁଦାନ ମିଳିବାରେ ଏପଟ ସେପଟ ହେଉଛି। ସେହିଭଳି ନିମ୍ନତମ ସହାୟକ ମୂଲ୍ୟ ସ୍ଥିର କଲାବେଳେ ମଧ୍ୟ ଚାଷୀଙ୍କୁ ପ୍ରହେଳିକାରେ ପକେଇଲା ଭଳି ମନେ ହୁଏ। ସରକାର ତ କହିଲା ବେଳେ ଅତି ସରଳ ଭାବରେ କହୁଛନ୍ତି, ଉତ୍ପାଦନ ଖର୍ଚ୍ଚର ଦେଢ଼ଗୁଣା ଦେବୁ। ସେହି ଉତ୍ପାଦନ ଖର୍ଚ୍ଚ କିପରି ନିର୍ଦ୍ଧାରଣ କରାଯାଉଛି, ସେ ଏକ ଗୁଡ଼ ପ୍ରଶ୍ନ। ତଥାପି ନିମ୍ନତମ ସହାୟକ ମୂଲ୍ୟ ସ୍ଥିର କଲାବେଳେ ଉତ୍ପାଦନ ବ୍ୟୟ, ଉତ୍ପାଦନ ପାଇଁ ଆବଶ୍ୟକୀୟ ବସ୍ତୁଗୁଡ଼ିକର ଦରରେ ପରିବର୍ତ୍ତନ, ଉତ୍ପାଦନ ପାଇଁ ଆବଶ୍ୟକୀୟ ବସ୍ତୁଗୁଡ଼ିକର ଦର ଓ ଉତ୍ପାଦିତ ବସ୍ତୁର ଦର ମଧ୍ୟରେ ସମତୁଲ୍ୟତା, ବଜାରରେ ବିଭିନ୍ନ ଜିନିଷର ଦରର ସାଧାରଣ ଗତି, ଚାହିଦା ଓ ଯୋଗାଣ, ବିଭିନ୍ନ କୃଷିଜାତ ଦ୍ରବ୍ୟର ମୂଲ୍ୟରେ ସମତୁଲ୍ୟତା, ଶିଳ୍ପକ୍ଷେତ୍ରର ବ୍ୟୟ ବ୍ୟବସ୍ଥା ଉପରେ ପ୍ରଭାବ, ଏକ ନିର୍ଦ୍ଦିଷ୍ଟମାନର ଜୀବନ ଯାପନ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ଉପରେ ପ୍ରଭାବ, ସାଧାରଣ ଦର ସ୍ତର ଉପରେ ପ୍ରଭାବ, ଆନ୍ତର୍ଜାତିକ ଦରର ସ୍ଥିତି, ଚାଷୀମାନେ ବ୍ୟୟ କରିଥିବା ଓ ପାଇଥିବା ମୂଲ୍ୟ ମଧ୍ୟରେ ସମତୁଲ୍ୟତା, ପ୍ରାରମ୍ଭିକ ନିର୍ଦ୍ଧାରିତ ଦର ଓ ରିହାତି ପାଇଁ ଦାବୀ ସମ୍ଭାବନା ଉପରେ ପ୍ରଭାବ ଭଳି ୧୨ ଟି ଦିଗରୁ ବିଚ଼ାର କରି ନିମ୍ନତମ ସହାୟକ ମୂଲ୍ୟ ସ୍ଥିର କରାଯାଇ ଥାଏ ବୋଲି କୁହାଯାଏ। ସହାୟକ ମୂଲ୍ୟ ସ୍ଥିର କଲାବେଳେ ସେଗୁଡ଼ିକ ଭିତରୁ (୪) ବଜାରରେ ବିଭିନ୍ନ ଜିନିଷର ଦରର ସାଧାରଣ ଗତି, ବିଭିନ୍ନ କୃଷିଜାତ ଦ୍ରବ୍ୟର ମୂଲ୍ୟରେ ସମତୁଲ୍ୟତା, (୭) ଶିଳ୍ପକ୍ଷେତ୍ରର ବ୍ୟୟ ବ୍ୟବସ୍ଥା ଉପରେ ପ୍ରଭାବ, ଏକ ନିର୍ଦ୍ଦିଷ୍ଟମାନର ଜୀବନ ଯାପନ ପାଇଁ ଆବଶ୍ୟକୀୟ ଖର୍ଚ୍ଚ ଉପରେ ପ୍ରଭାବ ଓ (୯) ସାଧାରଣ ଦର ସ୍ତର ଉପରେ ପ୍ରଭାବ ଉପରେ ଯଦି ଜୋର ଦିଆଯାଏ, ତେବେ ଧାନ ଗହମର ସହାୟକ ମୂଲ୍ୟ ଯଥା ସମ୍ଭବ ନିମ୍ନତର ସ୍ତରରେ ରଖିବା ପାଇଁ ଚେଷ୍ଟା କରାଯିବ। ପୁଣି ଧାନ ଗହମର ନିମ୍ନତମ ସହାୟକ ମୂଲ୍ୟକୁ ଯଦି ବଢ଼େଇ ଦିଆଯିବ, ତେବେ ସରକାରଙ୍କୁ ଦୁଇ ପଟୁ କ୍ଷତି ସହିବାକୁ ପଡ଼ିବ। ଏକ ପକ୍ଷରେ, ବର୍ଦ୍ଧିତ ସହାୟକ ମୂଲ୍ୟ ଯୋଗୁଁ ଚାଷୀମାନଙ୍କୁ ହଜାର ହଜାର କୋଟି ଟଙ୍କା ଦେବାକୁ ପଡ଼ିବ; ଅନ୍ୟ ପକ୍ଷରେ, ସହାୟକ ମୂଲ୍ୟବୃଦ୍ଧିର ପ୍ରଭାବ ୪, ୬, ୭, ୮ ଓ ୯ ଉପରେ ନିଶ୍ଚିତ ରୂପେ ପଡ଼ିବ, ଫଳରେ ଅନ୍ୟାନ୍ୟ ଜିନିଷର ଦରଦାମ ବଢ଼ିବ ଓ ସରକାରୀ କର୍ମଚ଼ାରୀମାନଙ୍କୁ ମହଙ୍ଗାଭତ୍ତା ଆକାରରେ ସରକାରଙ୍କୁ ପୁଣି ହଜାର ହଜାର କୋଟି ଟଙ୍କା ଗଣିବାକୁ ପଡ଼ିବ। ଶିଳ୍ପକ୍ଷେତ୍ରରେ ପୁଞ୍ଜିପତିମାନଙ୍କୁ ବି ସେୟା କରିବାକୁ ପଡ଼ିବ। ଉଣା ଅଧିକେ ଅନ୍ୟମାନେ ବି ବାଦ ପଡ଼ିବେନି। ତେଣୁ ଖାଦ୍ୟଶସ୍ୟର ନିମ୍ନତମ ସହାୟକ ମୂଲ୍ୟକୁ ଯଥା ସମ୍ଭବ ନିମ୍ନତର ସ୍ତରରେ ରଖିବାକୁ ଚେଷ୍ଟା କରାଯାଉନି କି ବୋଲି ମନରେ ପ୍ରଶ୍ନ ଉଠେ।

ଆଜିକାଲି କେବଳ ନିମ୍ନତମ ସହାୟକ ମୂଲ୍ୟ କଥା କୁହା ଯାଉଛି। କିନ୍ତୁ କିଛି ବର୍ଷ ପୂର୍ବେ ନିମ୍ନତମ ସହାୟକ ମୂଲ୍ୟ ସାଙ୍ଗକୁ ସରକାରଙ୍କ ତରଫରୁ ଧାନ ଗହମ ସଂଗ୍ରହ ପାଇଁ ସଂଗ୍ରହ ଦର ରହୁଥିଲା। ସେତେବେଳେ ଚାଷୀମାନେ ନିମ୍ନତମ ସହାୟକ ମୂଲ୍ୟ ଭିତ୍ତିରେ ସରକାରଙ୍କୁ ଧାନ ଗହମ ଦେଉ ନଥିଲେ। ବେପାରୀଙ୍କଠାରୁ ଦି ପଇସା ଅଧିକ ପାଉଥିଲେ, ବେପାରୀଙ୍କୁ ଦେଉଥିଲେ। ସାଧାରଣ ଲୋକେ ବି ନିଜ ନିଜ ଘରର ଆବଶ୍ୟକତାକୁ ଧରି ନିଜେ ଧାନ କିଣି ଚାଉଳ କରୁଥିଲେ। ଛୋଟ ଛୋଟ ବେପାରୀ ଓ ଘରୁଆଘରୀ ଲୋକଙ୍କ ପାଇଁ ଢିଙ୍କି ଓ ହଲର ମିଲ୍ ଥିଲା। ଆଜିକାଲି ଢିଙ୍କି ଦେଖିବାକୁ ମିଳେନା, ହଲର ମିଲ୍ ବି ଉଭେଇବାରେ ଲାଗିଛି। ତା ବଦଳରେ ଦେଖା ଦେଉଛି ହଜାର ହଜାର ବସ୍ତା ଧାନକୁ ଚାଉଳ କଲାଭଳି ସାଲର ମିଲ୍। ଢିଙ୍କି ଓ ହଲର ମିଲ୍ ସହ ବଜାରରୁ ଉଭେଇ ଗଲେ ଛୋଟ ଛୋଟ ବେପାରୀ ଓ ଘରୁଆଘରୀ ଗ୍ରାହକ। ଆଗ ଆପଦକାଳୀନ ଅବସ୍ଥା ତଥା କଳାବଜାରୀଙ୍କ ଉତ୍ପାତର ମୁକାବିଲା ପାଇଁ ସରକାର ଧାନ ଗହମ କିଣି ମହଜୁତ୍ ରଖୁଥିଲେ। ଆଜିକାଲି ସରକାରଙ୍କ ଦାୟିତ୍ୱ ବଢ଼ି ଯାଇଛି। ବିପିଏଲ୍ ଗୋଷ୍ଠୀର କୋଟି କୋଟି ଲୋକଙ୍କୁ କିଲୋ ପ୍ରତି ଏକ ଟଙ୍କା ଦରରେ ଚାଉଳ ଦେଉଛନ୍ତି। ତେଣୁ ଧାନ ଗହମର ଅସଲ ଗ୍ରାହକ ହେଲେ ସରକାର ଓ ବଡ଼ ବଡ଼ ମିଲ୍ ମାଲିକ। ବଜାରରେ ଆଉ କେହି ନାହିଁ କହିଲେ ଚଳେ। ସେମାନେ ଯେଉଁ ଦର ସ୍ଥିର କରିବେ ସେହି ଦରରେ ବିକିବା ପାଇଁ ଚାଷୀ ଏକ ରକମ୍ ବାଧ୍ୟ। ଆଉ ସଂଗ୍ରହ ଦରର ଆବଶ୍ୟକତା ନାହିଁ।

ଚାହିଦା ଓ ଯୋଗାଣ ଦୃଷ୍ଟିରୁ ବିଚ଼ାର କରି କେହି କେହି କହି ପାରନ୍ତି ଯେ ଆଗେ ଚାହିଦା ତୁଳନାରେ ଧାନ ଗହମର ଉତ୍ପାଦନ କମ୍ ହେଉଥିଲା, କିନ୍ତୁ ଆଜିକାଲି ଉତ୍ପାଦନ ଚାହିଦାଠୁଁ ବଳି ପଡୁଛି। ଏହା ସତ ଯେ ସବୁଜ ବିପ୍ଳବ ଫଳରେ ଦେଶରେ ଧାନ ଗହମର ଉତ୍ପାଦନ ବଢ଼ିଛି। ତେଣୁ କହି ପାରନ୍ତି ଦର କମ୍। ଯଦି ସ୍ଥିତି ତାହା, ତେବେ ଆଞ୍ଚଳିକ ଭାବେ ବଳି ପଡୁଥିବା ଧାନ ଗହମକୁ ଜାତୀୟ ବା ଆନ୍ତର୍ଜାତୀୟ ବଜାରରେ ବିକ୍ରି ବ୍ୟବସ୍ଥା କରିବା ଦାୟିତ୍ୱ ସରକାରଙ୍କର। ଯଦି ଜାତୀୟ ଓ ଆନ୍ତର୍ଜାତୀୟ ବଜାରରେ ବି ଚାହିଦା ଠାରୁ ଉତ୍ପାଦନ ବଳି ପଡୁଛି, ତେବେ କୃଷିର ଗତି ବଦଳେଇବା ଆବଶ୍ୟକତା ରହିଛି। ଧାନ ଗହମ ବଦଳରେ ଅନ୍ୟ ଫସଲର ଆବଶ୍ୟକତା ରହିଛି। ଆମ ଓଡ଼ିଶା କଥା ନିଆଯାଉ। ଆଳୁ ପିଆଜ ଠାରୁ ଆରମ୍ଭ କରି କେତେ ପ୍ରକାରର ଖାଦ୍ୟଶସ୍ୟ ଅନ୍ୟ ପ୍ରଦେଶମାନଙ୍କରୁ ଆମଦାନୀ ହେଉଛି। ଏପରି କି ଖରାଦିନେ ଧନିଆଁ ପତ୍ର ବେଙ୍ଗଲୁରୁ ଆଡୁ ଆଣି ଭୁବନେଶ୍ୱରରେ କିଲୋ ଦେଢ଼ଶ, ଦୁଇଶ ଟଙ୍କାରେ ବିକ୍ରି ହେଉଛି। ଓଡ଼ିଶାର ବିଭିନ୍ନ ଅଞ୍ଚଳର ଜଳବାୟୁରେ ବିଭିନ୍ନତା ରହିଛି। କେଉଁ ଅଞ୍ଚଳରେ କେଉଁ ଫସଲ ଭଲ ହେବ ଓଡ଼ିଶାର କୃଷିବିଭାଗ ନିର୍ଦ୍ଧାରଣ କରି ଚାଷୀମାନଙ୍କୁ ସେଇ ଦିଗରେ ପ୍ରୋତ୍ସାହିତ କରନ୍ତୁ। ସବୁଠାରୁ ଭଲ ହେବ: ପଞ୍ଚାୟତ ସ୍ତରରେ କୃଷି ବିଭାଗର କର୍ମୀ ରହିଛନ୍ତି। ସରକାରୀ ଜମି ହେଉ ଅବା ଲିଜ୍‌ରେ ଜମି ନେଇ ଏକରେ ଦୁଇ ଏକର ଜମି ସହ ଆବଶ୍ୟକୀୟ ପାଣି ସେମାନଙ୍କୁ ଦେଲେ କେଉଁ ଅଞ୍ଚଳରେ କେଉଁ ଫସଲ ଭଲ ହେବ, କେତେ ଖର୍ଚ୍ଚ ହେଲା, କେତେ ଆଦାୟ ହେଲା, ଲାଭଦାୟକ କରିବା ପାଇଁ କେଉଁ କେଉଁ ଭିତ୍ତିଭୂମି ଆବଶ୍ୟକ, ଇତ୍ୟାଦି ବିଷୟରେ ସେମାନେ ସରକାରଙ୍କୁ ଜଣେଇବେ। ଦେଶର କୃଷି ଓ କୃଷକଙ୍କୁ ସ୍ୱାସ୍ଥ୍ୟବାନ କରି ରଖିବା ଦାୟିତ୍ୱ ସରକାରଙ୍କର। ମହାରାଷ୍ଟ୍ରର ମରୁଡ଼ି କଥା ବାରମ୍ବାର ଖବରକାଗଜରେ ବାହାରୁଛି। ଚାଷୀମାନେ ବି ଆନ୍ଦୋଳନ କରୁଛନ୍ତି। ମରୁଡ଼ିର ପ୍ରତିକାର ପାଇଁ କୌଣସି ପଦକ୍ଷେପ ନେଉଥିବା ମନେ ହୁଏନା। ହଜାର ହଜାର କୋଟି ଟଙ୍କା ବ୍ୟୟରେ ଅହମଦାବାଦରୁ ମୁମ୍ବାଇ ବୁଲେଟ୍ ଟ୍ରେନ୍‌ର ବ୍ୟବସ୍ଥା ହେଉଛି। (କ୍ରମଶଃ)

# ମାଟିର ମଣିଷ ମନୁଆ ପାଢ଼ୀ



ବିନୟ ଭୂଷଣ ପାଣିଗ୍ରାହୀ



ପାଟଣା ସାହି ବଜାର ବିଗତ ଦୁଇ ଦଶନ୍ଧି ଭିତରେ ବଢ଼ିବଢ଼ି ଏତେବଡ ହେଇ ଯାଇଛି ଯେ, ଗୋଟେ ଛୋଟ ସହରର ଭ୍ରମ ସୃଷ୍ଟି କରୁଛି। ନ'ନମ୍ବର ରାଜ୍ୟ ରାଜପଥ ଉପରେ ହେଇଥିଲେ ମଧ୍ୟ ମଫସଲି ଗ୍ରାମ ପରିବେଷ୍ଟିତ ଏ ଅଞ୍ଚଳ ଦିନେ ଏତେ ବିକଶିତ ହେଇଯିବ ବୋଲି ଯେତେବେଳେ କେହି କଳ୍ପନା କରିନଥିଲେ ସେତେବେଳେ ମାଇଁନର ଫେଲ ମନୁଆ ପାଢ଼ୀ ଏଇ ବଜାରରେ ତେଜରାତି ଦୋକାନ ଦେଲା ବେଳେ ସେ ବିଷୟରେ ଭାବିଥିଲା କି ଭାବି ନଥିଲା ତାକୁ ହିଁ ଜଣା। ଆମର ଏଇ ପାଟା ସାହି ଅଞ୍ଚଳରେ ସବୁଠାରୁ ସଫଳ ବ୍ୟବସାୟୀ ହେବା ସହ ଆମ ଏ ବ୍ଲକର ସବୁଠାରୁ ବଡ ଧନୀ ହେବାର ମାନ୍ୟତା ମଧ୍ୟ ଅର୍ଜନ କରିଛି ମନୁଆ ପାଢ଼ୀ। ଲୁହାରଡ, ସିମେଣ୍ଟ, ଗୁଆ ଓ ବିଭିନ୍ନ ପ୍ରକାରର ଭୁଷାମାଲର ହୋଲସେଲ ଡିଷ୍ଟ୍ରିବ୍ୟୁଟର ହେବା ସାଙ୍ଗକୁ ଏ ଅଞ୍ଚଳରେ ଥିବା ରାଇସ ମିଲ, ଚୁଡା ମିଲ ଓ କାଠ ମିଲର ମାଲିକ ମଧ୍ୟ ସିଏ। ଅଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ ତଥା ଶିକ୍ଷିତଙ୍କୁ ମିଶେଇ ପାଖାପାଖି ଦୁଇ ହଜାର ଲୋକଙ୍କୁ କର୍ମରେ ନିୟୋଜିତ କରିପାରିଛି ସେ। ଏସବୁ ତାକୁ ଏମିତି ସହଜରେ ରାତାରାତି ମିଳିଯାଇନାହିଁ, ସବୁଯାକ ସେ ଦୀର୍ଘଦିନ ଧରି କରିଥିବା କଠୋର ପରିଶ୍ରମର ଫଳ। ଦିନେ ମୁଣ୍ଡ ଗୁଞ୍ଜିବା ପାଇଁ ବିଶୁଏ ଘରଡିହ ନଥିବା ଲୋକର ସମ୍ପତ୍ତି ବାଡିର ହିସାବ କରିବା ବଡବଡ ହିସାବୀଙ୍କ ପାଇଁ ମଧ୍ୟ ସହଜ କାମ ହେଇ ରହିନାହିଁ ଆଜିର ଦିନରେ।

ବିସ୍ତାରିତ ସଂସ୍ଥାମାନଙ୍କର ପରିଚାଳନା ଦାୟିତ୍ୱ ଉପଯୁକ୍ତ ତଥା ବିଶ୍ୱସ୍ତ ଲୋକମାନଙ୍କ ହାତରେ ଦେଇ ଦେଇଛି ମନୁଆ। ହେଲେ, ତେଜରାତି ଦୋକାନରେ ଆଜି ପର୍ଯ୍ୟନ୍ତ ସେ ନିଜେ ବସୁଛି। ଅର୍ଥ ବଢ଼ିଛି, ସମ୍ପତ୍ତି ଓ ସମ୍ମାନ ବଢ଼ିଛି ମାତ୍ର ପ୍ରତିପତ୍ତି ବଢ଼େଇବାର ମୋହଠୁଁ ଯଥେଷ୍ଟ ଦୂରରେ ରଖିପାରିଛି ସେ ନିଜକୁ। ସେଥିପାଇଁ ସେ ସମସ୍ତଙ୍କର ଶ୍ରଦ୍ଧାଭାଜନ ହେଇ ରହିପାରିଛି ଏତେଦିନ ଧରି। ସେ ସବୁବେଳେ ଗୋଟେ କଥା କହେ, ମଣିଷ ପାଇଁ ଅର୍ଥ ବହୁତ ଆବଶ୍ୟକ ସତ ମାତ୍ର ଅର୍ଥ ମଣିଷ ଜୀବନର ସବୁକିଛି ନୁହେଁ। ଏଇ ଚିନ୍ତାଧାରା ଯୋଗୁଁ ଆଜି ମଧ୍ୟ ଖୋର୍ଦ୍ଧା ଲୁଙ୍ଗି ଓ ଗାମୁଛା ପିନ୍ଧୁଥିବା ମନୁଆ ଭିତରେ ମଣିଷ ପଣିଆ ତାକୁ ସମସ୍ତଙ୍କ ନଜରରେ ଉଚ୍ଚ ଆସନ ଦେଇ ରଖିଛି। ଏମିତି ବି ନୁହେଁ ଯେ ତାକୁ କେହି ଈର୍ଷା କରନ୍ତି ନାହିଁ ବା ତା'ର ଶତ୍ରୁ କେହିନାହିଁ। ତା' ସାତ ପଛରେ ଦୋକାନ ଦେଇ ନିଷ୍ଠାର ଅଭାବ, ଶ୍ରମ କାତରତା, ଅସାଧୁ ଉପାୟ ଅବଲମ୍ବନ ମାଧ୍ୟମରେ ଅଧିକ ଲାଭ କମେଇବାର ମନୋବୃତ୍ତି ଇତ୍ୟାଦି ଅନେକ କାରଣରୁ ସଫଳକାମ ହେଇ ନପାରିଥିବା ବହୁ ବ୍ୟକ୍ତି ସେମାନଙ୍କ ବିଫଳତା ପାଇଁ ମନୁଆକୁ ପ୍ରତ୍ୟକ୍ଷରେ ହେଉ ଅବା ପରୋକ୍ଷରେ ଦୋଷୀ ମନେ କରିଛନ୍ତି। ଅନେକ ସମୟରେ ଆକ୍ରୋଶମୂଳକ ପନ୍ଥା ଆପେଣଇବାକୁ ମଧ୍ୟ ପଛାଇ ନାହାନ୍ତି। କିନ୍ତୁ, ସ୍ୱଚ୍ଛ ମନୋବୃତ୍ତି, କଠୋର ଶ୍ରମ ଓ ଦୃଢ଼ ମନୋବଳ ସମ୍ପନ୍ନ ବ୍ୟକ୍ତି କେବେ ପ୍ରତିକୂଳ ପରିସ୍ଥିତିରେ ପଛକୁ ଫେରିଯାଏ ନାହିଁ। ସେ ଦୃଷ୍ଟିରୁ, ମନୁଆ ବେପାରୀ କମ, ବିଜେତା ବେଶି। ତାକୁ ହାନି ପହଞ୍ଚେଇବାକୁ ଚେଷ୍ଟା କରିଥିବା ବ୍ୟକ୍ତିମାନେ ପରବର୍ତ୍ତୀ ସମୟରେ ନିଜର ଭୁଲ ବୁଝିପାରି ମନୁଆ ପାଖରେ ମୁଣ୍ଡ ନୁଆଁଇଛନ୍ତି। ପଛକଥାକୁ ପଛକରି ଦେଇ ମନୁଆ ସେମାନଙ୍କୁ କ୍ଷମା କରିଦେବା ସହ ସେମାନଙ୍କ ଭଲରେ ମନ୍ଦରେ ଅକୁଣ୍ଠ ଚିତ୍ତରେ ସାହାଯ୍ୟ ସହଯୋଗର ହାତ ବଢ଼େଇ ଦେଇଛି।

ବେପାର କରି ଦି'ପଇସା କମେଇବା ପରେ ଘରଡିହ ଖଣ୍ଡେ କିଣି ତା' ଉପରେ ଘର ଦି'ବଖରା କରିସାରି ବାହା ହେଲା ବେଳକୁ ବୟସ ଦି'କୋଡି ପାର ହେଇଯାଇ ସାରିଥିଲା। କୌଣସି କାରରୁ ବିବାହର ପାଞ୍ଚବର୍ଷ ପର୍ଯ୍ୟନ୍ତ କିଛି ପିଲାପିଲି ନହେବାରୁ ସ୍ୱାମୀ-ସ୍ତ୍ରୀ ଦୁହେଁ ସିଦ୍ଧ, ତାନ୍ତ୍ରିକ ଓ ବାବାଙ୍କଠାରୁ ଆରମ୍ଭ କରି ଡାକ୍ତର, ବଇଦ ସମସ୍ତଙ୍କ ପାଖକୁ ଯାଇ ନିରାଶ ହେଲାପରେ ମା' ତାରିଣୀଙ୍କ ପାଖରେ ମାନସିକ ରଖି କେତେ ବ୍ରତ ଉପବାସ କଲାପରେ ମା'ଙ୍କ ଦୟାରୁ କନ୍ୟା ସନ୍ତାନଟିଏ ପାଇ ଆନନ୍ଦରେ ଆତ୍ମହରା ହେଇଯାଇଥିଲେ। ସେଥିପାଇଁ ମନୁଆ କହେ, ମାନୁଛି ଆଜିକାଲି ବିଜ୍ଞାନ ବହୁତ ଆଗେଇଛି, ହେଲେ ଦୈବୀ ଶକ୍ତିଠାରୁ ନା ଆଗକୁ ଯାଇ ପାରିଛି ନା ଯାଇ ପାରିବ।

ବୟସ ବଢ଼ିବା ସହ ଶାରୀରିକ କ୍ଷମତା କମିଯିବା ପରେ ପ୍ରତ୍ୟେକ ମଣିଷର ଶାରୀରିକ ସକ୍ଷମତା ସହ ମାନସିକ ପାରିଲାପଣ ମଧ୍ୟ ଧିରେ ଧିରେ ନିମ୍ନମୁଖୀ ହୁଏ। ସେଇ କ୍ରମବର୍ଦ୍ଧନଶୀଳ ଅପାରଗତାକୁ ଅନ୍ୟମାନଙ୍କଠାରୁ ଲୁଚେଇ ରଖିବାକୁ ପାରୁପର୍ଯ୍ୟନ୍ତ ପ୍ରୟାସ କରିବା ମଣିଷର ଏକ ସହଜାତ ପ୍ରବୃତ୍ତି ହେଇଥିଲେ ସୁଦ୍ଧା ଏମିତି ଗୋଟେ ସମୟ ଆସେ ଯେତେବେଳେ ସେମିତି କରିବା ଅପେକ୍ଷା ନିଜର ବାର୍ଦ୍ଧକ୍ୟ ଜନିତ ଅସହାୟତାକୁ ସାର୍ବଜନୀନ କରିଦେବାକୁ ଶ୍ରେୟସ୍କର ମଣେ ସେଇ ମଣିଷଟି। ମନୁଆ ମଧ୍ୟ ଆଜିକାଲି ଧିରେ ଧିରେ ନିଜ କାନ୍ଧ ଉପରେ ନିଜେ ଲଦି ଦେଇ ଯାଉଥିବା ପରି ଅନୁଭବ କରୁଛି। ସତୁରି-ବାସ୍ତରୀ ବର୍ଷ ବୟସରେ ଏଣିକି ସେ ଆଗଭଳି ପ୍ରତିଦିନ ଭୋର ଚାରିଟା ବେଳୁ ଉଠି, ନିତ୍ୟକର୍ମ ସାରି, ପୂଜାର୍ଚ୍ଚନା ସମ୍ପନ୍ନ କରି ସକାଳ ସାତଟା ବେଳକୁ ଦୋକାନର ତାଲା ଖୋଲି ଝୁଣାଧୂପ ଦେଇସାରି ବଜାରର ପ୍ରଥମ ଗରାଖ ହାତରୁ ବହିନି କରି ପାରୁନାହିଁ। ବହୁତ ସମୟରେ ଭାବୁଛି ମେଲେଇ ଦେଇଥିବା ସବୁଯାକ ସଂସ୍ଥାକୁ କମ ଦାମରେ ହେଉପଛେ ବିକିଭାଙ୍ଗି ଦେଇ ସବୁଯାକ ଅର୍ଥକୁ ବ୍ୟାଙ୍କ ଖାତାରେ ଜମା କରିଦେବା ପାଇଁ। କିନ୍ତୁ ପ୍ରତିଥର ନିଜେ ନିଜର ଭାବନାକୁ ପ୍ରତିହତ କରି ଶେଷ ମୁହୂର୍ତ୍ତରେ ନିଷ୍ପତ୍ତି ପରିବର୍ତ୍ତନ କରି ନିଜକୁ ଆଶ୍ୱସ୍ତ କରିଛି ମନୁଆ।

ଉତ୍ତରାଧିକାରୀ କହିଲେ ଏକମାତ୍ର ଝିଅ ତାରିଣୀ। ଆମେରିକାରେ ଡାକ୍ତରୀ ପଢ଼ି ସାରିବା ପରେ ସେଇ ସହରର ଗୋଟେ ସୁନାମଧନ୍ୟ ହସ୍ପିଟାଲରେ ଇଣ୍ଟର୍ଣ୍ଣସିପ କରୁଛି। ସେଇଠି ତା'ସାଙ୍ଗରେ ଡାକ୍ତରୀ ପଢୁଥିବା ଜଣେ ସାଙ୍ଗକୁ ଭଲପାଇ ବାହା ହେବା ପାଇଁ ମନସ୍ଥ କରି ଯେତେବେଳେ ମା'-ବାପା ଉଭୟଙ୍କ ସହମତି ଲୋଡିଥିଲା ସେତେବେଳେ ସେମାନଙ୍କ ମନରେ ଯେ ଦୁଃଖ ଦେଇ ନଥିଲା ତା ନୁହେଁ, ତେବେ, ଏକମାତ୍ର ଗେହ୍ଲେଇ ଝିଅର ମନ ଭାଙ୍ଗିଦେଇ ତାକୁ ଆଜୀବନ ଦୁଃଖୀ କରିଦେବା ଅପେକ୍ଷା ନିଜେ ଟିକେ ଦୁଃଖ ସହିନେବାକୁ ଯଥାର୍ଥ ମଣି ଝିଅର ପ୍ରସ୍ତାବରେ ରାଜି ହୋଇଯାଇଥିଲେ ସ୍ୱାମୀ-ସ୍ତ୍ରୀ ଦୁହେଁ। ପିଲାର ବାପା ଭାରତୀୟ ବଂଶୋଦ୍ଭବ ମାରୱାଡି ବ୍ରାହ୍ମଣ ସମ୍ପ୍ରଦାୟର ଲୋକ ଏବଂ ଆମେରିକାର ସାନ ଫ୍ରାନ୍ସିସ୍କୋ ସହରରେ ଜଣେ ସଫଳ ଉଦ୍ୟୋଗପତି। ତାରିଣୀକୁ ଆମେରିକାରେ ସ୍ଥାୟୀ ଭାବେ ରହିବା ପସନ୍ଦ। ସିଏ ବି ବାରମ୍ବାର କହୁଛି, ଡାଡ, ଇଣ୍ଡିଆରେ କ'ଣ ଅଛି ଯେ, ତମେ ସେଠି ପଡି ରହିବ? ବେଟର, ତମେ ସବୁ ପ୍ରପର୍ଟି ଡିସପୋଜ କରିଦେଇ ୟୁଏସ୍ ପଳେଇ ଆସ। ଏଠି ସବୁ ପ୍ରକାରର ସୁବିଧା ଅଛି ଲାଇଫକୁ ନିଜ ଇଚ୍ଛାରେ ବଞ୍ଚିବା ପାଇଁ। ଟେକ୍ନୋଲୋଜିକାଲି ଆଡଭାନ୍ସଡ କଣ୍ଟ୍ରି। ଇଣ୍ଡିଆ ଭଳି ଏଠି ସାମାଜିକ ଭେଦଭାବ ନାହିଁ। ଲୋକମାନେ ମଧ୍ୟ ଭେରୀ କୋପେରେଟିଭ। ଆଟଲିଷ୍ଟ, ମୁଁ ଜବ କରିବା ସହିତ ତମମାନଙ୍କର ଯଥେଷ୍ଟ କେୟାର ନେଇ ପାରିବି। ଓଲଡ ଏଜରେ ତମେମାନେ ସେଠି ଏକୁଟିଆ ରହିଲେ ହେଲ୍ପଲେସ ଫିଲ କରିବ। କାହିଁକି ପଡି ରହିବ ସେଠି ଅଯଥାରେ।

ତାରିଣୀର କହିବା କଥାକୁ ମନୁଆ ସମ୍ପୂର୍ଣ୍ଣ ଅଯୌକ୍ତିକ ବୋଲି ନ'କହି ପାରିଲେ ବି ଶତ ପ୍ରତିଶତ ଯଥାର୍ଥ ବୋଲି ମାନି ନେଇ ପାରୁନଥିଲା। ପାଟଣାଗଡର ମାଟି, ପାଣି ଓ ପବନରେ ଗଢ଼ା ଦେହ ଓ ମନରୁ ସେ ସବୁକୁ ଦୂରେଇ ଦେଇ ସୁଦୂର ଆମେରିକାରେ ନିଜ ଚାହିଁବା ମୁତାବକ ଜୀବନଟିଏ ଜୀଇଁ ପାରିବ ବୋଲି ସାମାନ୍ୟ ବିଶ୍ୱାସ କରିପାରୁ ନଥିଲା ସେ। ଏଠି ଯେମିତି ଏତେବଡ ଅଞ୍ଚଳରେ ମନୁଆ କହିଲେ ଲୋକେ ତାକୁ ହିଁ ବୁଝୁଛନ୍ତି ଆମେରିକାରେ ସେଇ ପରିଚୟ ସୃଷ୍ଟି କରିବା ପାଇଁ ତା ହାତରେ ସେତିକି ସମୟ ଆଉ କାହିଁ। ତା' ଦୋକାନରୁ ଚତୁର୍ମାସିଆ ଅଭାବୀ ଦିନରେ ବାକିରେ ତେଲ ଲୁଣ ନେଇ ଅମଳ ପରେ ସୁଝିବାକୁ ସେଠି କେହି ଗରାଖ କ'ଣ ତା'ପାଖକୁ ଧାଇଁ ଆସିବେ ନା ସେ ସେମାନଙ୍କୁ ଭରସା ଦେଇ କହିବ, ଆରେ, ସେଥିପାଇଁ ଏତେ ଚିନ୍ତା କରୁଛ କାହିଁକି? ମନୁଆନା ଦୁକାନ କ'ଣ ତମ ମାନଙ୍କର ଦୁକାନ ନୁହେଁ। ଯେତେବେଳେ ଯାହା ଦରକାର ବାକି ଖାତାରେ ଲେଖିଦେଇ ନେଇଯିବ, ସୁବିଧା ହେଲେ ସୁଝିଦେବ। ତମେ ଖଟି ଖାଇବା ଲୋକ, କେବେ କାହାର ଖାଇ ଫାଙ୍କି ଦେଇଛ ନା ଦେବ। ଫାଙ୍କି ଦେଲେ ବି କୋଉ ମନୁଆନା କରମକୁ ନେଇ କୁଆଡେ ପଳେଇ ଯିବ।

ସମ୍ଭବତଃ, ବାପା-ମା'ଙ୍କ ମନରେ ପୁରାତନ ଘଆ ପରି ଚକଡା ବାନ୍ଧିଥିବା ଗାଆଁ ମାଟି ପ୍ରତି ଅନବଦମିତ ମୋହକୁ ଦୂର କରି ଆମେରିକାର ସୁସଂଯତ ଜୀବନଶୈଳୀ ପ୍ରତି ଆକର୍ଷଣ ବଢ଼େଇବା ଲକ୍ଷରେ କିଛି ନ ପଚାରି ଆମେରିକା ଯିବା ପାଇଁ ପାସପୋର୍ଟ ଓ ଭିସା କରେଇ ପଠାଇ ଦେଇସାରି ତାରିଣୀ ଗତ ରବିବାର ଦିନ ଫୋନ କରିଥିଲା ତା' ମାଆ ପାଖକୁ। କହିଲା, ମୁଁ ଜାଣିଛି ମମ୍ମି, ଡାଡ ଆଉ ତମେ ସବୁଦିନ ପାଇଁ ଇଣ୍ଡିଆ ଛାଡି ୟୁଏସରେ ସେଟଲ ହେବାକୁ ଚାହୁଁନାହଁ। ସେଥିପାଇଁ ମୁଁ ମଧ୍ୟ ବାଧ କରି ତମ ମାନଙ୍କ ମନରେ ଆଘାତ ଦେବାକୁ ଚାହୁଁନାହିଁ। ସେ ଯାହାହେଉ, ମୁଁ ଅନଲାଇନରେ ଟୁରିଷ୍ଟ ଭିସା କରି ପଠେଇ ଦେଇଛି। ଜୁଲାଇ ପନ୍ଦର ତାରିଖରେ ମୋର ଜଣେ ସାଙ୍ଗ କଟକରୁ ସେଇ ଫ୍ଲାଇଟରେ ଆସୁଛି। ସେ ଚଉଦ ତାରିଖ ଦିନ ଆମ ଗାଆଁକୁ ଯାଇ ତମକୁ ସାଥିରେ ଆଣି ଏଠି ପହଞ୍ଚେଇ ଦେଲାପରେ ଏଠି ଦଶ-ପନ୍ଦର ଦିନ ବୁଲାବୁଲି କରି ଫେରଯିବ। ଡାଡଙ୍କୁ କହି ରାଜି କରେଇଦେବ ପ୍ଲିଜ୍।

ଆଜିକୁ ଚାରିଦିନ ହେଲାଣି, ପ୍ରତିଦିନ ରାତିରେ ଠିକ ବିଛଣାକୁ ଗଲା ପରେ ପରେ ମନୁଆ ଆଖିର ନିଦ ଆମେରିକାକୁ ଲମ୍ବିଥିବା ଅଜଣା ରାସ୍ତାରେ ବାଟବଣା ହେଇଯାଉଛି। ବିଛଣାରେ ପଡି ଛଟପଟ ହେବା ଭିତରେ ଘରପାଖ ଆମ୍ବଗଛରେ ବସାବାନ୍ଧି ରହିଥିବା କାଉକୋଇଲିଙ୍କ ରାତି ପାହି ସକାଳ ହେଇଯାଉଛି। ଆମେରିକା ଯିବାର ଦିନ ଆହୁରି ଦେଢ଼ମାସ ଆଗକୁ ଅଛି। ସେ ଭାବୁଥିଲା ଆମେରିକା ଯିବା ପାଇଁ ଆହୁରି ଦେଢ଼ମାସ ଏମିତି ଅନିଦ୍ରା ରହିବାକୁ ପଡିବ ତାକୁ, ସେ କ'ଣ ପାରିବ! ସକାଳ ହେଲେ ଦୁକାନ ଯିବାକୁ ପଡିବ, ମିଲ ମାନଙ୍କରେ କାମ କରୁଥିବା ଲୋକମାନଙ୍କର ଭଲମନ୍ଦ ବୁଝିବାକୁ ପଡିବ, ଅଭାବରେ ପଡି ବାକି ସୁଝି ନପାରିଥିବା କାରଣରୁ ମନଉଣା କରି ତେଲ ଲୁଣ ଭଲମନ୍ଦ ନେବାକୁ ନ ଆସି ପିଲାଛୁଆଙ୍କ ଭୋକିଲା ମୁହଁକୁ ଚାହିଁ ଦୁଃଖୀ ହେଇଯାଉଥିବା ଲୋକମାନଙ୍କ ଘରକୁ ଯାଇ ବୁଝାସୁଝା କରିବାକୁ ପଡିବ, ଏମିତି କେତେକଣ କାମ କରିବାକୁ ପଡିବ ତାକୁ। ଏ ବିଷୟରେ ସେ ଯେତେଯେତେ ଭାବୁଥିଲା, ପାଟଣା ଗଡର ପ୍ରତିଟି ମଣିଷ ତା'ର ସେତେବେଶୀ ଆପଣାର ହେଇ ଚାଲିଥିଲେ।

ତାରିଣୀ ଯେତେବେଳେ ତା' ମା' ଗର୍ଭରେ ଥିଲା ସେତେବେଳେ ମନୁଆ ଆଉ ତା' ସ୍ତ୍ରୀ ଦୁହେଁ ମିଶି ମାନସିକ କରିଥିଲେ, ପୁଅ ହେଉ କି ଝିଅ ହେଉ, ତା'ର ନାଁ ତାରିଣୀ ରଖିବେ ଆଉ ଗାଆଁ ମୁଣ୍ଡରେ ମାଆ ତାରିଣୀଙ୍କର ମନ୍ଦିରଟିଏ ତୋଳାଇ ହାତଗୋଡ ଚଳୁଥିବା ଯାକେ ପ୍ରତିଦିନ ସକାଳେ ନାଲି ମନ୍ଦାର ଓ ବେଲପତ୍ର ଚଢ଼େଇବା ପାଇଁ। ଦୁନିଆ ଓଲଟ ପାଲଟ ହେଇଗଲେ ମଧ୍ୟ ଆଜିଯାଏଁ କେବେଦିନେ ସେଥିରେ ଅବହେଳା କରିନାହାନ୍ତି ସେମାନେ। ଆମେରିକା ତ ଆଉ ପାଞ୍ଚସାତ କୋଶ ଦୂରରେ ନୁହେଁ ଯେ ସକାଳେ ଯାଇ ସଞ୍ଜକୁ ଫେରି ଆସିହେବ। ଖାଲି ଯିବା ପାଇଁ ଦି'ଦିନର ବାଟ। ସେଠିକି ଯାଇ ଦଶପନ୍ଦର ଦିନ ରହି ଫେରିଲା ବେଳକୁ ନିହାତି କୋଡିଏ ଦିନ ଲାଗିଯିବ। ମାନସିକ ପୂରଣ ନକଲେ ମା' ତାରିଣୀଙ୍କର ସିନା କିଛି ହାନି ହେଇଯିବନାହିଁ, ତାରିଣୀଙ୍କର ଅମଙ୍ଗଳ ନିଶ୍ଚୟ ହେବ। ସୁଦୂର ଆମେରିକାରେ ରହୁଥିବା ଆଜିକାଲିର ଉଚ୍ଚଶିକ୍ଷିତ ପିଲା ହିସାବରେ ତାରିଣୀ ହୁଏତ ସବୁକୁ ଅନ୍ଧବିଶ୍ୱାସ କହିଦେଇ ପାରିବ, ସେମାନେ କେମିତି ସେମିତିକା ଭୁଲ କରି ପାରିବେ।

ରାତି ଅଧିଆ ଶିଆଳ ଭୁକିଲା ବେଳକୁ ହଠାତ ତାରିଣୀ ବୋଉର ନିଦ ଭାଙ୍ଗିଗଲା। ବିଛଣାରେ ହାତ ବୁଲେଇ ଆଣି ମନୁଆକୁ ନପାଇ ବିଛଣାରେ ଉଠି ବସିଲା ପରେ ଦେଖିଲା ଝରକାର ରେଲିଂକୁ ଧରି ଠିଆହେଇ ବାହାରକୁ ଚାହିଁ ରହିଛି ମନୁଆ। ପୁନେଇଁ ରାତିର ଜହ୍ନ ଆଲୁଅ ମେଲା ଝରକା ଦେଇ ଘର ଭିତରକୁ ପଶି ଆସୁ ଆସୁ ମନୁଆ ଦେହରେ ଦେହ ଯୋଡି ଅଟକି ଯାଇଛି ସେଇ ଝରକା ପାଖରେ। ପଲଙ୍କ ଉପରୁ ତଳକୁ ଓହ୍ଲେଇ ପାଦ ଚିପିଚିପି ଆସି ମନୁଆ ପାଖରେ ପହଞ୍ଚିଲା ତାରିଣୀ ବୋଉ। କିଛି ମୁହୂର୍ତ୍ତ ନିରବତରେ ଛିଡା ହେଲାପରେ ଧୀରେ ମନୁଆର ପିଠିକୁ ଛୁଇଁ ପଚାରିଲା, ହେଇଏ, ନ ଶୋଇ ଏଠି ଠିଆହେଇ କ'ଣ ଦେଖୁଛ କି ଏତେ ରାତିରେ

ମନୁଆ ନଗଦ ନିଦରୁ ଉଠିଲା ଭଳି ସ୍ୱରରେ କହିଲା, ତମେ କିଛି ଶୁଣି ପାରୁଛ ନା ତାରିଣୀ ବୋଉ?

ହଁ, ଶିଆଳ ମାନେ ଭୁକୁଛନ୍ତି। ସବୁଦିନ ତ ଭୁକନ୍ତି, ଆଜି କୋଇ ନୂଆ କଥା କି?

ବିରକ୍ତ ନହୋଇ ମନୁଆ କହିଲା, ନାହିଁ ମ, ଆଉଟିକେ କାନ ପାରି ଶୁଣ, ପାଟଣାଗଡର ମାଟି, ପାଣି, ଆଉ ଜ୍ହନକୁ ଶୁଣ। ସମସ୍ତେ କେମିତି ଉଦାସ ସ୍ୱରରେ ମୋତେ କହୁଛନ୍ତି ସେମାନଙ୍କୁ ଛାଡି ଦୂରକୁ ନ'ଯିବା ପାଇଁ। ଏଇ ଦେଖ, ପାଟଣାଗଡର ଜହ୍ନ କେମିତି କେତେବେଳୁ ସେଇ ଗୋଟିଏ ଜାଗାରେ ଅଟକି ଯାଇ ମୋତେ ବି ଏଇଠି ଅଟକି ଯିବା ପାଇଁ କହୁଛି। ତମେ ଶୁଣି ପାରୁଛ ଟି?

ତାରିଣୀ ବୋଉ ମନୁଆର ସାମ୍ନା ପଟକୁ ଆସି ତା'ର ଦୁଇହାତକୁ ଚାପିଧରି ପ୍ରତ୍ୟୟପୂର୍ଣ୍ଣ ସ୍ୱରରେ ଖୁବ୍ ଧିରେ କହିଲ, ହଁ, ସବୁକିଛି ଶୁଣି ପାରୁଛି ତାରିଣୀ ବାବା। ପାଟଣାଗଡର ମାଟି ତମକୁ ଛାଡି ମୁହୂର୍ତ୍ତେ ରହିପାରିବନି। ସକାଳ ପାହିଲେ ଝିଅକୁ ଫୋନ କରି ଟିକେଟ କ୍ୟାନ୍ସଲ କରିଦେବା ପାଇଁ କହିଦେବି। ତମେ ଯାଇ ଶୋଇଲ ଜଲଦି, ଆଜି ଟିକେ ସହଳ ମନ୍ଦିରକୁ ଯିବା।

ମନୁଆକୁ ଲାଗିଲା ସତେ ଯେପରି ତାରିଣୀ ବୋଉ ତା'ମୁଣ୍ଡ ଉପରେ ଲଦିହେଇ ରହିଥିବା ଭାରି ବୋଝଟିକୁ ଓହ୍ଲାଇ ଦେଇଛନ୍ତି। ତାରିଣୀ ବୋଉର ହାତ ଧରି ପଲଙ୍କ ଆଡକୁ ପାଦ ବଢ଼େଇଲା ବେଳେ ମନୁଆ ଦେଖିଲା ଆମେରିକା ଯିବା ବାଟରେ ବାଟବଣା ହେଇଯାଇଥିବା ପାଞ୍ଚ ରାତିର ନିଦ ସବୁ ବାଟଖୋଜି ଫେରି ଆସିଥିଲେ ତା' ଆଖି ପତାକୁ।


*ହରସିଂହପୁର, ପୀରହାଟ ବଜାର, ଭଦ୍ରକ-୩୧*

*ଦୂରଭାଷ : ୯୯୩୭୫୪୮୪୩୧*

# କିଛି ମନେ ନାହିଁ



ରକ୍ଷକ ନାୟକ



ମନେ ରହିଲା ଭଳି
ଆମେ କଲେ କ'ଣ ?
ଆମ ଦିଜଣଙ୍କୁ ଅରଣ୍ୟରେ
ଏକାଠି କଲା କିଏ? ଆଖପାଖରେ
କୌଣସି ଆଖି ରଖିଲାନି
କେବଳ ଉପରେ ତାରାକୀର୍ଣ୍ଣ ଆକାଶ
ପବନ ତ ନୁହେଁ, ବାଷ୍ପୀୟ ମଦ
ତଥାପି ଆମେ ଭାବୁଛେ
ପଥ ଭୁଲି ପହଂଚିଯାଇଛେ ।
ଭୁଲ ବାଟ କ'ଣ କେବେ ଭଲ ହେଇପାରେ !
ମୁଁ ଗଛରେ ଚଢ଼ିଲି
ତଳକୁ ଫଳ ପକେଇଲି
କଂଟାଲାଗି ଦେହରୁ ଥୋପା ଥୋପା ରକ୍ତ
ତୁମର କ୍ଷୁଧା ତୃଷା ମେଣ୍ଟାଇଲି ।
ତୁମେ ନଈରେ ବୁଡ଼ିଲ
ସାତ ତାଳ ପାଣି ବିଦାରି
ଯାହା ଆଣି ଦେଲ
ସେଥିରେ ମୋ ପେଟ ପୂରିଗଲା ।



ଭୋକ, ଆମକୁ ଆମ ସମୟକୁ
ସଂପୂର୍ଣ୍ଣ ଗିଳି ଦେଉଥିଲା ।
ଯାହାକୁ ଦେଖିଲେ; ସେ ସୂର୍ଯ୍ୟୋଦୟ ହେଉ
କି ସୂର୍ଯ୍ୟାସ୍ତ; ଜଂଗଲର ହିଂସ୍ର ଜନ୍ତୁଜୁନ୍ତା
ରହସ୍ୟମୟ ଛାଇ, ଦଗାବାଜ ଦିଗ୍‌ବଳୟ
ସବୁଠି ଭୋକ ପାଇଁ ଭିକ ମାଗିଲେ ।
ଥାଳ ପୂରେଇବା
ପୁଣି ଶୂନ୍ୟ କରିବା
ପୁଣି ଥାଳ ଧରି ବ୍ୟାପିଯିବା
ଏଇଥିରେ ସମୟ ଗଲା ।
ଏବେ ଫେରିବାର ବେଳ ।
ଆମେ ଆପେ ଆପେ
ନିଜ ନିଜ ବାଟ ପାଇଗଲେ ।
ଆମକୁ ପୁଣି କିଏ ବାଟ ଦେଖାଇଲା ?
ତୁମେ ପଚାରୁଛ ଯେ
ହୁଏତ ଆଉ ଜୀବନରେ
କେବେ ବି ଦେଖା ହେଇନପାରେ
ମନେ ପକେଇବ ତ?
ଚେଷ୍ଟା କରିବି ସତ
ହେଲେ ମନେ ରଖିଲା ଭଳି
ଆମେ କିଛି କରିଛେ ତ !


*ରାଜଭବନ, ଭୁବନେଶ୍ୱର-୮*

# ସମ୍ବନ୍ଧ



ଉପାଲୀ ଦାଶ

ସମ୍ବନ୍ଧରେ...
ବାନ୍ଧି ପାରିଲେ
ମଧୁ ଠୁ ମଧୁର
କ୍ଷୀରର ସାଗର
ଅର୍ଘ୍ୟ ଅନୁରାଗର,
ନ ବାନ୍ଧି ପାରିଲେ
ଖୁଣ୍ଟା ବରଗଛ
ଶୂନ୍ୟ ଅଗଣାର।
ସମ୍ବନ୍ଧରେ ...
ନ ଶୁଣି ବି
ବୁଝିହୁଏ ଅକୁହା କଥା
ଛାତି ତଳର ବ୍ୟଥା,
ଯିଏ ଚିହ୍ନେ ମନକୁ
ହୃଦୟରେ ରହିଯାଏ
ନ ଚିହ୍ନିଲେ
ହାତ ଛାଡି
ବାଟ ଭାଙ୍ଗି ଚାଲିଯାଏ।
ସମ୍ବନ୍ଧରେ...
କ୍ଷତ କି କ୍ଷତି
ହୁଏନା କାହାର




ପ୍ରଶ୍ନ ଉଠେ
ବ୍ୟବହାର
ବିଚାର, ଅବିଚାର
କୋମଳତା, କଠୋରତା
ତ୍ୟାଗ ଆଉ ସ୍ୱାର୍ଥର।
ସମ୍ବନ୍ଧରେ...
ମାପି ହୁଏନା
ଆଘାତ ଦାଗର
ମାପଚୁପ କରୁ କରୁ
ଖସିଯାଏ ସମୟଟା
ହାତ ପାପୁଲିରୁ
ଝରିପଡେ ବୟସର ଗଙ୍ଗଶିଉଳି
ସମ୍ପର୍କର ହେତୁ ଫୁଲ
ପଡେ ଝାଉଁଳି
ସମ୍ବନ୍ଧର ସେତୁବନ୍ଧ
ଯାଏ ଉଜୁଡି।

*ଅହମ୍ମଦାବାଦ, ଗୁଜୁରାଟ*


# ପିଲାଙ୍କ ଦୁନିଆ







ଆୟୁଶୀ ଶ୍ରୀଚନ୍ଦନ
ଷ୍ଟାଣ୍ଡାର୍ଡ-୫
କେନ୍ଦ୍ରୀୟ ବିଦ୍ୟାଳୟ-୪
ଭୁବନେଶ୍ୱର



ପ୍ରିୟାନୀ ପ୍ରିୟଦର୍ଶିନୀ
ଷ୍ଟାଣ୍ଡାର୍ଡ-୭
ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର
ନୀଳାଦ୍ରି ବିହାର



# ବିଜେପି ଯୁବ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା




**ଭୁବନେଶ୍ୱର :** ଗତ ଜୁଲାଇ ୬ ତାରିଖରୁ ଦେଶବ୍ୟାପୀ ବିଜେପିର ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ରାଜ୍ୟରେ ମଧ୍ୟ ବିଜେପିର ସଦସ୍ୟତା କାର୍ଯ୍ୟକ୍ରମ ଚାଲିଛି । ଏହି ପରିପ୍ରେକ୍ଷୀରେ ବିଜେପି ରାଜ୍ୟ ଯୁବ ମୋର୍ଚ୍ଚାର ସଭାପତି ଟଙ୍କଧର ତ୍ରିପାଠୀଙ୍କ ନେତୃତ୍ୱରେ ଯୁବ ମୋର୍ଚ୍ଚାର ସଦସ୍ୟତା ଅଭିଯାନ କର୍ମଶାଳା ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଛି । ଆଗାମୀ ଦିନରେ ରାଜ୍ୟରେ ସମସ୍ତ ଯୁବକ ଯୁବତୀଙ୍କ ସହ ନୂତନ ଭୋଟରଙ୍କୁ ନେଇ ସଦସ୍ୟତା ଅଭିଯାନକୁ ଆହୁରି ସୁଦୃଢ କରାଯିବ ବୋଲି ଏହି କର୍ମଶାଳାରେ ଆଲୋଚନା ହୋଇଛି। ଏହି ଅଭିଯାନରେ ସମାଜର ବିଭିନ୍ନ ବର୍ଗର ଯୁବପିଢ଼ିଙ୍କୁ ସଦସ୍ୟ କରି ବିଜେପିକୁ ସର୍ବ ବ୍ୟାପି-ସର୍ବ ସ୍ପର୍ଶୀ କରିବାର ଲକ୍ଷ୍ୟ ସ୍ଥିର କରାଯାଇଛି। ଜିଲ୍ଲା ଏବଂ ରାଜ୍ୟସ୍ତରୀୟ ସମସ୍ତ ପ୍ରମୁଖ ନେତୃବୃନ୍ଦ ସଦସ୍ୟତା ଗ୍ରହଣ ଅଭିଯାନରେ ସକ୍ରିୟ ସହଭାଗୀ ହେବାର ସଂକଳ୍ପ ନେଇଥିଲେ। ଗ୍ରାମରୁ ସହର ଯାଏଁ ଥିବା ଶ୍ରମଜିବୀଙ୍କ ଠାରୁ ଆରମ୍ଭ କରି ବିଦ୍ୟାଳୟ ଓ ମହାବିଦ୍ୟାଳୟ ମାନଙ୍କରେ ଥିବା ଛାତ୍ରଛାତ୍ରୀମାନଙ୍କୁ ମଧ୍ୟ ସଙ୍ଗଠନରେ ସହଭାଗିତା କରାଯିବ ବୋଲି ବିଜେପି ଯୁବ ମୋର୍ଚ୍ଚାର ରାଷ୍ଟ୍ରୀୟ ଉପସଭାପତି ତଥା ସଦସ୍ୟତା ଅଭିଯାନର ପ୍ରମୁଖ ଅତୁଲ କୁମାର କହିଛନ୍ତି । ବିଜେପିରେ ପ୍ରତି ୩ ବର୍ଷରେ ଥରେ ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ ହୋଇଥାଏ । ଚଳିତ ବର୍ଷ ଉଭୟ ଅନଲାଇନ ଏବଂ ଅଫ ଲାଇନ ମାଧ୍ୟମରେ ସଦସ୍ୟତା ଗ୍ରହଣ କରାଯିବ । ଏଥି ସହ ନିଜ ମୋବାଇଲ ନମ୍ବର '୮୯୮୦୮-୦୮୦୮୦' ନମ୍ବରରେ ମିସ୍ କଲ୍ ଦେଇ ସଦସ୍ୟତା ଗ୍ରହଣ କରିପାରିବେ। ନରେନ୍ଦ୍ର ମୋଦି ଆପକୁ ଯାଇ ମଧ୍ୟ ସାଧାରଣ ଲୋକ ସଦସ୍ୟତା ନେଇ ପାରିବେ । ଟୁଇଟର ଏବଂ ୱେବସାଇଟ ମାଧ୍ୟମରେ ସଦସ୍ୟତା ଗ୍ରହଣ କରିହେବ । ଯେଉଁଠାରେ ମୋବାଇଲ ସେବା ଉପଲବ୍ଧ ନାହିଁ ସେଠାରେ ବ୍ୟକ୍ତିଗତ ଭାବରେ ସଦସ୍ୟତା ଫର୍ମ ପୂରଣ କରି ସଦସ୍ୟତା ଗ୍ରହଣ କରାଯାଇପାରିବ । ଗୋଟିଏ ମୋବାଇଲ ନମ୍ବରରୁ ସର୍ବାଧିକ ୪ ଜଣ ସଦସ୍ୟତା ନେଇପାରିବେ ବୋଲି ଯୁବ ମୋର୍ଚ୍ଚା ସଭାପତି ଟଙ୍କଧର ତ୍ରିପାଠୀ କହିଛନ୍ତି । ଏହି କର୍ମଶାଳାରେ ରାଜ୍ୟ ଉପସଭାପତି ସମୀର ମହାନ୍ତି, ରାଜ୍ୟ ସଂପାଦକ ଓ ଯୁବ ମୋର୍ଚ୍ଚା ରାଜ୍ୟ ପ୍ରଭାରୀ କାଳନ୍ଦୀ ସାମଲ, ରାଜ୍ୟ ସାଧାରଣ ସଂପାଦକ ରଂଜନ ପଟେଲ, ସଦସ୍ୟତା ସହପ୍ରଭାରୀ ଶାରଦା ପ୍ରସାଦ ଶତପଥୀ, ଯୁବ ମୋର୍ଚ୍ଚା ରାଷ୍ଟ୍ରୀୟ ଉପସଭାପତି ଠାକୁର ରଂଜିତ ଦାସ, ରାଜ୍ୟ ଯୁବ ମୋର୍ଚ୍ଚା ସାଧାରଣ ସଂପାଦକ ବିଶ୍ୱରଂଜନ ବଡଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଭାଗବତଟୁଙ୍ଗୀର ପୁନରୁଦ୍ଧାର ଗ୍ରନ୍ଥ ଉନ୍ମୋଚିତ




**ଭୁବନେଶ୍ୱର :** ଓଡ଼ିଶାରେ ଭାଗବତଟୁଙ୍ଗୀର ପୁନରୁଦ୍ଧାରର ସଂକଳ୍ପ ଧରି ପବିତ୍ର ଗୁରୁପୂର୍ଣ୍ଣିମାତିଥିରେ ପୁରୀ ଗୋବର୍ଦ୍ଧନପୀଠରୁ ଆରମ୍ଭ ହୋଇଛି ଉଦ୍ୟମ। ବୁଧବାର ସନ୍ଧ୍ୟାରେ ପୀଠରେ ଅନୁଷ୍ଠିତ ହୋଇଥିବା ଦ୍ୱିଦିବସୀୟ ଆଦିତ୍ୟ ବାହିନୀ ଓ ରାମରାଜ୍ୟ ପରିଷଦର ରାଷ୍ଟ୍ରୀୟ ଅଧିବେଶନରେ 'ମିଶନ ଭାଗବତ'ପକ୍ଷରୁ ପ୍ରକାଶ ପାଇଥିବା ଅତିବଡ଼ୀଶ୍ରୀଜଗନ୍ନାଥ ଦାସ ପ୍ରଣୀତ ଶ୍ରୀମଦ୍ ଭାଗବତମହାପୁରାଣର ସରଳ ବ୍ୟାଖ୍ୟାନ 'ଅବଧୂତବାବାଙ୍କ ଭାଗବତଟୁଙ୍ଗୀ' ପ୍ରଥମସ୍କନ୍ଧ ଗ୍ରନ୍ଥ ସହିତେ ୱେବ୍‌ସାଇଟ୍ www.bhagavatpuran.comକୁ ଗୋବର୍ଦ୍ଧନପୀଠର ପରମପୂଜ୍ୟ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ସ୍ୱାମୀ ଶ୍ରୀନିଶ୍ଚଳାନନ୍ଦ ସରସ୍ୱତୀଜୀଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ଏହି ଲୋକାର୍ପଣ ଉତ୍ସବରେ ରାମରାଜ୍ୟ ପରିଷଦର ରାଷ୍ଟ୍ରୀୟଅଧ୍ୟକ୍ଷ ଶ୍ରୀ ମନୋଜ ରଥ କହିଥିଲେଯେ ଭକ୍ତ ଭଗବାନଙ୍କ ମଧ୍ୟରେ ଦୂରତ୍ୱ ବୃଦ୍ଧି ପାଉଥିବାରୁ ଗାଁ ଗାଁରେ କଳିର ତାଣ୍ଡବଲୀଳା ବୃଦ୍ଧିପାଇଛି। ଯୌଥ ଗ୍ରାମ୍ୟଜୀବନ, ପାରିବାରିକ ସ୍ନେହଶ୍ରଦ୍ଧାର ବନ୍ଧନରେ ବିଶୃଙ୍ଖଳା ଦେଖାଦେଇଛି। ଅତୀତରେ ପ୍ରତିଗ୍ରାମରେ ଥିବା ଭାଗବତଟୁଙ୍ଗୀ ଗୁଡ଼ିକ ଭାଙ୍ଗିଯିବାଦ୍ୱାରା ଏପରି ସ୍ଥିତି ଉପୁଜିଛି। ଭଗବାନଶ୍ରୀକୃଷ୍ଣଙ୍କ ଗୁଣଚରିତ ଭାଗବତରସ ସର୍ବଶ୍ରେଷ୍ଠ ଜ୍ଞାନର ଭଣ୍ଡାର। ଏହି ରସ ମନୁଷ୍ୟ ହୃଦୟରେ ବାସ କରୁଥିବା ପରମାତ୍ମାଙ୍କ ଉପସ୍ଥିତିକୁ ସ୍ମରଣ କରାଇଥାଏ। ଶ୍ରୀମଦ୍ ଭଗବଦ୍‌ଗୀତା, ଶ୍ରୀମଦ୍ ଭାଗବତମହାପୁରାଣ ମନୁଷ୍ୟର ଦୁଇବାହୁ ସଦୃଶ୍ୟ ଯେଉଁ ଶକ୍ତି ସଦାସର୍ବଦା ବିପଦରୁ ରକ୍ଷା କରିଥାନ୍ତି। ମୋକ୍ଷର ପଥ ପ୍ରଦର୍ଶନ କରାଇଥାନ୍ତି। ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତାରେ ରହୁଥିବା ଯୋଗୀ ଗଣେଶ୍ୱରଙ୍କ ଏପରି ଭଗବତୀ ଉଦ୍ୟମ ଉତ୍କଳବାସୀଙ୍କ ହୃଦୟରେ ଭକ୍ତିର ଜାଗରଣ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ। ପ୍ରବକ୍ତା ଶ୍ରୀଯୋଗୀ କହିଥିଲେ ଯେ ଜଗଦ୍‌ଗୁରୁ ଭଗବାନ ଶଙ୍କରାଚାର୍ଯ୍ୟ ଯେଉଁ କଲ୍ୟାଣ କରିଛନ୍ତି ତାହା ଉତ୍କଳବାସୀଙ୍କ ଉଦ୍ଦେଶ୍ୟରେ ପ୍ରେରଣ କରିଛନ୍ତି। ପ୍ରତିଟି ଗୃହରେ ଭାଗବତପୁରାଣ ପାଠକରାଗଲେ ଦୈବୀଦୁର୍ବିପାକରୁ ରକ୍ଷା ମିଳିବା ସହିତେ ଭ୍ରମିତମନକୁ ଆୟତ କରିବା ସମ୍ଭବ ହେବ। ପ୍ରତ୍ୟେକ ଗ୍ରାମବାସୀ ନିଜଗ୍ରାମରେ ଭାଗବତଟୁଙ୍ଗୀ ପୁନଃର୍ଗଠନ କରିବା ପାଇଁ ଉଦ୍ୟମ ଜାରି ରଖିଲେ ନିଶ୍ଚିତଭାବେ ଭକ୍ତ-ଭଗବାନଙ୍କର ପୁନଃର୍ମିଳନ ହୋଇପାରିବ। ପୂଜ୍ୟଗୁରୁଜୀଙ୍କ ଆଶୀର୍ବାଦ ମଥାରେ ଧରି ଆଗାମୀ ୧୦ବର୍ଷ ମଧ୍ୟରେ ଓଡ଼ିଶାର ପ୍ରତିଟି ଘରେ ଭାଗବତପୁରାଣ ପଠନ ଶ୍ରବଣ କରାଇବା ନିମନ୍ତେ ଉଦ୍ୟମ ଜାରି ରଖିବେ ବୋଲି ଦୃଢ଼କଣ୍ଠରେ କହିଛନ୍ତି ଶ୍ରୀଯୋଗୀ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିଜୟ ...

ରାଜନୀତିରେ ପରିବର୍ତ୍ତନର ଚିତ୍ର ଦେଖିବାକୁ ବେଶୀ ସମୟ ଲାଗେନାହିଁ। ତେଣୁ ପାଟକୁରା ଆସନରେ ବିଜେଡିର ବିଜୟ ହେବ ବୋଲି ସ୍ପଷ୍ଟ ଭାବେ କହିହେବନାହିଁ। କାରଣ ବିଜେପି ପ୍ରାର୍ଥୀ ବିଜୟଙ୍କ ପାଇଁ ଦଳର ବହୁ ତୁଙ୍ଗନେତା, କେନ୍ଦ୍ର ମନ୍ତ୍ରୀ ଏଠାରେ ପ୍ରଚାର ମଇଦାନରେ ପହଞ୍ଚିଥିଲେ। କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱଚ୍ଛ ଶାସନ ପ୍ରଚାରରେ ସ୍ଥାନ ପାଇଥିଲା ବେଳେ ବିଜୟ ଯେ ବିଧାନସଭା ପାଇଁ ଉପଯୁକ୍ତ ପ୍ରାର୍ଥୀ ତାହା ଭୋଟରଙ୍କ ମନରେ ପ୍ରଭାବ ପକାଇଥିବା ଜାଣିବାକୁ ମିଳିଛି। କିନ୍ତୁ ବିଜୟଙ୍କ ବିଜୟରେ ପ୍ରତିବନ୍ଧକ ସୃଷ୍ଟି କରିବା ପାଇଁ ବିଜେଡିର ବହୁ ନେତା, ମନ୍ତ୍ରୀ ପାଟକୁରାରେ ଡେରା ପକାଇଥିଲା ବେଳେ ଖୋଦ୍ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରଚାରର ଶେଷଦିନ ଏଠାରେ ରୋଡ ଶୋ' କରିଥିଲେ। ଏହି ରୋଡ ଶୋ'ରେ ମୁଖ୍ୟମନ୍ତ୍ରୀ କହିଥିଲେ ପାଟକୁରା ବିକାଶ ମୁଁ ନିଜେ ଦେଖିବି, ଆପଣମାନେ ସାବିତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ। ଠିକ୍ ସମାନ କଥା ବିଜେପୁର ନିର୍ବାଚନ ବେଳେ କହିଥିଲେ ନବୀନ। ସେତେବେଳେ ନବୀନ ଦୁଇଟି ବିଧାନସଭା ଆସନରୁ ପ୍ରାର୍ଥୀ ହୋଇ ଏହା କହିଥିଲା ବେଳେ ନିର୍ବାଚନ ପରେ ପରିସ୍ଥିତି କିନ୍ତୁ ଭିନ୍ନ ହୋଇଗଲା। ହିଞ୍ଜିଳି ଆସନଟିକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିଥିଲା ବେଳେ ବିଜେପୁର ପାଇଁ ପୁଣି ଏକ ଉପନିର୍ବାଚନର ବୋଝ ଲଦିଦେଲେ। ସେତେବେଳେ ବିଜେପୁରବାସୀ ଭାବିଥିଲେ ମୁଖ୍ୟମନ୍ତ୍ରୀ ଏଠାରୁ ପ୍ରାର୍ଥୀ ହୋଇଥିବାରୁ ଏହି ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ଊର୍ଦ୍ଧ୍ୱମୁଖୀ ହେବ। ତେଣୁ ସେମାନେ ବିଜେପି ପ୍ରାର୍ଥୀଙ୍କୁ ଗୁରୁତ୍ୱ ନଦେଇ ବିଜେଡି ଉପରେ ଅଧିକ ଆସ୍ଥା ପ୍ରକଟ କରିଥିଲେ। ହେଲେ ସେଭଳି କିଛି ସୁଫଳ ପାଇଲେନି। କିନ୍ତୁ ନିର୍ବାଚନ ଜିତିବାର କୌଶଳ ବିଜେଡି ଯେଭଳି ଜାଣିଛି ତାହା ରାଜ୍ୟ ଅନ୍ୟ କୌଣସି ଦଳ ଶିଖିପାରି ନାହାନ୍ତି। ପାଟକୁରାରେ ବିଜୟଙ୍କ ପଲ୍ଲା ଭାରୀ ଥିଲା ବେଳେ ସାବିତ୍ରୀ ମଧ୍ୟ ପଛରେ ନାହାନ୍ତି। ବର୍ତ୍ତମାନ ପରିପ୍ରେକ୍ଷୀରେ ଏଠାରେ କାହାର ବିଜୟ ହେବ ତାହା ସଠିକ୍ କହିବା ସମ୍ଭବ ନୁହେଁ। ତେଣୁ ଇଭିଏମ୍‌ରେ ସିଲ୍ ହୋଇଥିବା ପ୍ରାର୍ଥୀଙ୍କ ଭାଗ୍ୟ କାହା ମୁଣ୍ଡରେ ପାଟକୁରାର ମୁକୁଟ ପିନ୍ଧାଇବ ତାହା ଭୋଟ ଗଣତି ପରେ ଜଣାପଡିବ। ହେଲେ ପାଟକୁରା ନିର୍ବାଚନ ମୁଖ୍ୟମନ୍ତ୍ରୀ ଓ ବିଜୟଙ୍କ ପାଇଁ ସମ୍ମାନର ପ୍ରଶ୍ନ।

### ବର୍ଷା ଅଭାବରୁ ...

ଏହି ସରକାର ଦାୟୀ ରହିବେ। ଚାଷୀ ଆତ୍ମହତ୍ୟା କରିବନି ତ କରିବ କ'ଣ ବୋଲି ଶ୍ରୀ ସାଲୁଜା ପ୍ରଶ୍ନ କରିଥିଲେ। ସେ ଆହୁରି କହିଥିଲେ ଯେ ବଲାଙ୍ଗିର, ବରଗଡ଼, ବାଲେଶ୍ୱର ସମେତ ୫ ଟି ଜିଲ୍ଲାରେ ଚଳିତ ବର୍ଷ ୪୦ ପ୍ରତିଶତରୁ କମ୍ ବୃଷ୍ଟିପାତ ହୋଇଛି। ରାଜ୍ୟ ସରକାର ମରୁଡ଼ିର ମୁକାବିଲା ପାଇଁ କୌଣସି ବ୍ୟବସ୍ଥା କରୁନାହାନ୍ତି। ଲୋକମାନେ ପୋକ ମାଛି ପରି ମୃତ୍ୟୁ ବରଣ କରିବେ। ସରକାର ସତର୍କ ରୁହନ୍ତୁ। ତେଣୁ ଏହି ସବୁ ଜିଲ୍ଲାକୁ ମରୁଡ଼ି ପ୍ରବଣ ଜିଲ୍ଲା ଭାବେ ଘୋଷଣା କରିବାକୁ ସେ ଦାବି କରିଛନ୍ତି। ଶ୍ରୀ ସାଲୁଜାଙ୍କ ଉଦବେଗକୁ ସମର୍ଥନ ଜଣାଇ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର କହିଥିଲେ, ସାରା ଓଡ଼ିଶାର ବିଭିନ୍ନ ସ୍ଥାନରେ ମରୁଡ଼ିର ପଦଧ୍ୱନୀ ଦେଖାଦେଲାଣି। ଚାଷ ଚୁଲିକୁ ଗଲାଣି। ମୌସୁମୀ ବର୍ଷା ଲୁଚକାଳି ଖେଳୁଛି। ସ୍ୱାଭାବିକ ବର୍ଷା ହେଉନଥିବାରୁ ଚାଷ କାର୍ଯ୍ୟ ବ୍ୟାହତ ହେଉଛି। ଜଳାଭାବ ଯୋଗୁଁ ବହୁ ଜମି ପଡ଼ିଆ ପଡ଼ିଛି। ଯେଉଁ ଜମିରେ ତଳି ପଡ଼ିଥିଲା ତାହା ବର୍ଷା ଅଭାବରୁ ଗଜା ମରୁଡ଼ି ହୋଇଛି। ବୁଣା ରୁଆ ଯାଇଥିବା ଜମି ଓ ତଳି ପଡ଼ିଥିବା ଜମିରେ ବର୍ଷା ଅଭାବରୁ ଧାନ ଗଛ ମରିବାକୁ ବସିଛି। ରାଜ୍ୟର ଅନେକ ସ୍ଥାନରେ ଚାଷ ଜମି ଫାଟି ଆଁ କଲାଣି। ହତାଶ ହୋଇ ବର୍ଷାକୁ ଅନେଇ ବସିବା ଅପେକ୍ଷା ଚାଷୀ ପାଖରେ ଅନ୍ୟ ଉପାୟନାହିଁ। ଜଳସେଚନ ହେଉନାହିଁ। ପିଇବା ପାଇଁ ପାଣି ନାହିଁ। ବଞ୍ଚିବା ମରିବା ସ୍ଥିତି ସୃଷ୍ଟି ହେଲାଣି। ମନ୍ତ୍ରୀ କହୁଛନ୍ତି ବଲାଙ୍ଗିର ଜିଲ୍ଲାରେ ୩୩ ପ୍ରତିଶତ ଜଳ ସେଚନ ହୋଇଛି। ସ୍ୱାଧିନତାକୁ ୭୨ ବର୍ଷ ପୂରିଲାଣି। ରାଜ୍ୟ ସରକାର ବହୁ ଗୋଲାପି ଚିତ୍ର ଦେଖାଉଛନ୍ତି। ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଅଲଗା। ମରୁଡ଼ି ସମସ୍ୟା ନେଇ ଗୃହରେ ମନ୍ତ୍ରୀ ବିବୃତ୍ତି ରଖନ୍ତୁ। ବଲାଙ୍ଗିରରେ ଜଳ ସେଚନ ନେଇ ଯଦି ମନ୍ତ୍ରୀ ଆମ ତଥ୍ୟରେ ଅବିଶ୍ୱାସ କରୁଛନ୍ତି, ତାହେଲେ ଏକ କମିଟି ଗଠନ କରାଯାଉ। ଏହି କମିଟି ବଲାଙ୍ଗିରର ସ୍ଥିତି ଅନୁଧ୍ୟାନ କରିବାକୁ ଯାଆନ୍ତୁ। ପ୍ରକୃତ କଥା ଜାଣିପାରିବେ। ବରଗଡ଼ ଜିଲ୍ଲାରେ ଚାଷୀ ଆତ୍ମହତ୍ୟା କରିବା ପରେ ଏକ କମିଟି ସେଠାକାର ସ୍ଥିତି ଅନୁଧ୍ୟାନ କରିଥିଲା। ହେଲେ ସେ କମିଟି ଗୃହକୁ ରିପୋର୍ଟ ଦେଲାନି। ଚଳିତ ବର୍ଷ ଦୁଇ ସପ୍ତାହ ବିଳମ୍ବରେ ମୌସୁମୀ ଆସିଥିଲା। ତା'ପରେ ପୁଣି ଗାଏବ୍ ହୋଇଯାଇଥିଲା। ତେଣୁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଗଜା ମରୁଡ଼ିସ୍ଥିତି ସୃଷ୍ଟି ହୋଇଛି। ଏଭଳି ସ୍ଥିତିରେ ଚାଷୀକୂଳ କ'ଣ କରିବେ ? ସାମାନ୍ୟ ବର୍ଷାର ବ୍ୟତିକ୍ରମ ହେଲେ ଚାଷୀମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ସରକାରଙ୍କ ଫସଲ ବୀମା ଯୋଜନା କାମ ଦେଉନି। ସରକାର ଏ ଦିଗରେ ତୁରନ୍ତ ଆଲୋଚନା କରି ପଦକ୍ଷେପ ନିଅନ୍ତୁ ବୋଲି ଗୃହରେ ଶ୍ରୀ ମିଶ୍ର ଦାବି କରିଥିଲେ।

### ପ୍ରସ୍ତାବରେ ...

ପରେ ସ୍ଥାପନ କରାଯିବ। ବିଧାନସଭା ପ୍ରଶ୍ନୋତ୍ତର ବେଳେ ଏହି ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁଦାମ ମାରାଣ୍ଡି। ବିଜେଡି ସଭ୍ୟ ଅଶ୍ୱନୀ କୁମାର ପାତ୍ର ମୂଳ ପ୍ରଶ୍ନରେ କହିଥିଲେ ଯେ, ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା କରିବାକୁ ସରକାର କି ପ୍ରକାର ବୈଜ୍ଞାନିକ ପଦ୍ଧତି ଅବଲମ୍ବନ କରୁଛନ୍ତି। ମନ୍ତ୍ରୀ କହିଥିଲେ ଯେ, ବାତ୍ୟା ଫନି ପୂର୍ବରୁ ପ୍ରଭାବିତ ହେବାକୁ ଥିବା ଅଞ୍ଚଳର ୧ କୋଟି ୮୦ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରାକ୍ ସୂଚନା ଦିଆଯାଇଥିଲା। ଏଥିସହିତ ଆଲର୍ଟ ସାଇରନ୍ ଟାୱାର ଜରିଆରେ ମଧ୍ୟ ବାତ୍ୟା ସମ୍ବନ୍ଧୀୟ ସୂଚନା ଲୋକଙ୍କ ନିକଟରେ ପହଞ୍ଚା ଯାଇଥିଲା। ବଜ୍ରପାତ ଯୋଗୁ ରାଜ୍ୟରେ ବହୁ ଅମୂଲ୍ୟ ଜୀବନ ଚାଲିଯାଉଛି। ଏଥିରୁ ଲୋକଙ୍କୁ ସୁରକ୍ଷା ଦେବା ସକାଶେ ବଲାଙ୍ଗିର, କେନ୍ଦୁଝର, ବ୍ରହ୍ମପୁର, ଜୟପୁର, ରାଉରକେଲା ଏବଂ ପାଣିକୋଇଲି ଆଦି ୬ଟି ସ୍ଥାନରେ ଲାଇଟିନିଂ ଡେଟେକ୍‌ସନ୍ ସେଣ୍ଟର ଲଗାଯାଇଛି। ୩୦ରୁ ୪୦ ମିନିଟ୍ ପୂର୍ବରୁ ବଜ୍ରପାତ ସମ୍ପର୍କରେ ସୂଚନା ଦିଆଯାଇଛି। ଏହାଛଡା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ଦ୍ୱାରା ଜନସାଧାରଣଙ୍କୁ ବିପର୍ଯ୍ୟୟ ସମ୍ପର୍କରେ ପ୍ରାକ୍ ସୂଚନା ଦେବା ଲାଗି 'ସତର୍କ' ନାମରେ ଏକ ମୋବାଇଲ ଆପ୍ ପ୍ରସ୍ତୁତ କରାଯାଇଛି। ଏହି ଆପ୍ ଜରିଆରେ ବନ୍ୟା, ବାତ୍ୟା, ଗୀଷ୍ମପ୍ରବାହ, ବଜ୍ରପାତ, ମରୁଡି, ସୁନାମି, ସଡକ ଦୁର୍ଘଟଣା ଭଳି ବିପର୍ଯ୍ୟୟର ପ୍ରାକ୍ ସୂଚନା ମିଳିପାରିବ। ଏତଦ୍‌ବ୍ୟତୀତ ପ୍ରତ୍ୟେକ ବ୍ଲକରେ ସ୍ୱୟଂଚାଳିତ ପାଣିପାଗ ମାପକ ଯନ୍ତ୍ର ଏବଂ ପ୍ରତ୍ୟେକ ପଞ୍ଚାୟତରେ ସ୍ୱୟଂଚାଳିତ ବୃଷ୍ଟିମାପକ ଯନ୍ତ୍ର ସ୍ଥାପନ କରାଯିବାର ବ୍ୟବସ୍ଥା ରହିଛି। ଏହାଦ୍ୱାରା ପ୍ରତ୍ୟେକ ଅଞ୍ଚଳର ତାପମାତ୍ରା, ବାୟୁର ଚାପ ଓ ଆର୍ଦ୍ରତା, ପବନର ଦିଗ ଓ ବେଗ, ସୂର୍ଯ୍ୟ ତାପର ପରିମାଣ, ଉତ୍ତାପ, ବୃଷ୍ଟିର ପରିମାଣ ଇତ୍ୟାଦି ପ୍ରତି ଘଣ୍ଟାରେ ମିଳିପାରିବ। ଏହିସବୁ ତଥ୍ୟକୁ ବୈଜ୍ଞାନିକ ପଦ୍ଧତିରେ ବିଶ୍ଳେଷଣ କରାଯିବ। ଚାଷୀମାନଙ୍କୁ ଯୋଗାଇ ଦିଆଯାଉଥିବା ବିଭିନ୍ନ କୃଷିବୀମା ଆଦି କ୍ଷେତ୍ରରେ ଏହା ବିଶେଷ ଭାବେ ସହାୟକ ହେବ। ଏଥିସହିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟରେ ଏକ ଜିଓଗ୍ରାଫିକ ଇନ୍‌ଫରମେସନ ସିଷ୍ଟମ ସ୍ଥାପନ କରାଯାଇଛି। ଏହାକୁ ବ୍ୟବହାର କରି ବାତ୍ୟା ଗତିପଥର ନିରୂପଣ କରାଯାଇ ପାରିବ। ଏହାଦ୍ୱାରା ବନ୍ୟା ପରିଚାଳନା ମଧ୍ୟ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ବିଜେଡି ସଭ୍ୟ ପ୍ରଫୁଲ୍ଲ ସାମଲ, ନୃସିଂହ ଚରଣ ସାହୁ, ଅନନ୍ତ ଦାସ, ମୁକେଶ ପାଲ, ରଘୁନାଥ ଗମାଙ୍ଗ ଏବଂ ଭାଜପା ସଭ୍ୟ ବିଷ୍ଣୁଚରଣ ସେଠୀ ପ୍ରମୁଖ ଅତିରିକ୍ତ ପ୍ରଶ୍ନରେ ବାତ୍ୟାର ଗତି ଓ ବେଗ ବଦଳାଇବା ପାଇଁ ରାଜ୍ୟ ସରକାର କିଛି ଆଧୁନିକ ଜ୍ଞାନକୌଶଳ ଆପଣାଇଛନ୍ତି କି ? ଧାମରାରେ ଏକ ଡପ୍‌ଲା ରାଡର ସ୍ଥାପନ କରିବା, ବାତ୍ୟା ଆଶ୍ରୟସ୍ଥଳୀ ଗୁଡିକରେ ଦୂରତ୍ୱ ୧୦କିମି ବ୍ୟବଧାନକୁ ହଟାଇବା ଓ ବଜ୍ରପାତ ସମ୍ପର୍କରେ ପୂର୍ବ ସୂଚନା ଦେବା ପାଇଁ ବ୍ୟବସ୍ଥା କରିବାକୁ କ'ଣ ପଦକ୍ଷେପ ନିଆଯାଇଛି। ମନ୍ତ୍ରୀ ଉତ୍ତରରେ କହିଛନ୍ତି ଯେ, ଅନ୍ୟ ଦେଶର ଆଧୁନିକ ଜ୍ଞାନକୌଶଳ ବ୍ୟବହାର କରି ଲୋକମାନଙ୍କୁ ବନ୍ୟା ବାତ୍ୟାରୁ ରକ୍ଷା କରିବା ସକାଶେ ବ୍ୟବସ୍ଥା କରାଯାଉଛି।

### ଭୁବନେଶ୍ୱରରୁ ...

ଗୋଟିଏ ଇଞ୍ଜିନରେ ଯୋଡି ହୋଇ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରୁଛି। ଉପରୋକ୍ତ ବ୍ୟବସ୍ଥା ବିଶେଷ ଭାବରେ କଳାହାଣ୍ଡି ଟ୍ରେନ୍ ଯାତ୍ରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି । ଜଟିଳ ବ୍ୟବସ୍ଥା ସମ୍ପର୍କରେ ସଚେତନତା ନଥିବା ଯାତ୍ରୀମାନେ ଅନେକ ସମୟରେ ସଠିକ୍ ବଗିରେ ଚଢିପାରୁନାହାନ୍ତି । ତେଣୁ ଉପରୋକ୍ତ ପ୍ରସ୍ତାବ ସ୍ୱୀକୃତ ହେଲେ ରାଜଧାନୀ ଭୁବନେଶ୍ୱର ଓ କଳାହାଣ୍ଡି ମଧ୍ୟରେ ଯାତାୟତ ଲାଗି ଯାତ୍ରୀଙ୍କ ଆଗ୍ରହ ଅଧିକ ଥିବାରୁ ଟ୍ରେନରେ ଯାତ୍ରୀ ଭିଡ ଅଧିକ ରହିବ ଏବଂ ପୂର୍ଣ୍ଣ ଯାତ୍ରୀ କ୍ଷମତାରେ ଚଳାଚଳ କରିବ। ଏହାବ୍ୟତୀତ ଯାତ୍ରୀଙ୍କ ପାଇଁ ଅଧିକ ସଂଖ୍ୟକ ସଂରକ୍ଷିତ ବଗି ଉପଲବ୍ଧ ହୋଇପାରିବ। ତେଣୁ ଏହି ପ୍ରସଙ୍ଗରେ ଶ୍ରୀ ପ୍ରଧାନ ଚିଠି ଲେଖି କେନ୍ଦ୍ର ରେଳମନ୍ତ୍ରୀ ପିୟୂଷ ଗୋଏଲଙ୍କ ବ୍ୟକ୍ତିଗତ ହସ୍ତକ୍ଷେପ ଲୋଡିଛନ୍ତି।

### ମୁକ୍ତି ନେଇ ...

ଅଧ୍ୟୟନ କରି ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ମୁଁ ଅଭିନନ୍ଦନ ଜଣାଉଛି। ମୋର ବିଶ୍ୱାସ, କୁଳଭୂଷଣଙ୍କୁ ଉପଯୁକ୍ତ ନ୍ୟାୟ ମିଳିବ। ପାକିସ୍ତାନ ସାମରିକ କୋର୍ଟଦ୍ୱାରା କୁଳଭୂଷଣଙ୍କୁ ଦିଆଯାଇଥିବା ମୃତ୍ୟୁଦଣ୍ଡ ଆଦେଶ ଉପରେ ଅନ୍ତର୍ଜାତୀୟ ନ୍ୟାୟାଳୟ ରହିତାଦେଶ ଜାରି କରିଛନ୍ତି। କୁଳଭୂଷଣଙ୍କୁ ଅନ୍ତର୍ଜାତୀୟ କୂଟନୈତିକ ନିୟମ ଅନୁସାରେ କନସୁଲାର ଆକସେସ୍ ଦେବାକୁ ଓ ପାକିସ୍ତାନ ସରକାର ଏହି ମାମଲାର ପୁନଃସମୀକ୍ଷା କରିବାକୁ କୋର୍ଟ ଆଦେଶ ଦେଇଛନ୍ତି। ଆଇସିଜେର ଏହି ରାୟ ଫଳରେ ଭାରତକୁ ଆଶ୍ୱସ୍ତି ମିଳିଛି। ଏହି ମାମଲାରେ ଆଇସିଜେର ୧୬ଜଣ ବିଚାରପତିଙ୍କ ମଧ୍ୟରୁ ୧୫ଜଣ ଭାରତ ରଖିଥିବା ମତକୁ ସମର୍ଥନ ଜଣାଇଥିବାବେଳେ କୋର୍ଟ କହିଛନ୍ତି ଯେ ପାକିସ୍ତାନ ଏହି ମାମଲାର ପୁନର୍ବାର ସମୀକ୍ଷା ଶେଷ ନକରିବା ପର୍ଯ୍ୟନ୍ତ କୁଳଭୂଷଣଙ୍କୁ ଫାଶୀଦଣ୍ଡ ଦେଇପାରିବନାହିଁ। ପାକିସ୍ତାନ ଭିଏନା ଚୁକ୍ତିନାମାକୁ ଠିକ୍ ଭାବେ ପାଳନ କରିନି। କୁଳଭୂଷଣଙ୍କ ମାନବାଧିକାରକୁ ହତ୍ୟା କରାଯାଇଛି। ପାକିସ୍ତାନର ବିରୋଧକୁ ରୋକ୍‌ଠୋକ ଅଗ୍ରାହ୍ୟ କରି କୁଳଭୂଷଣଙ୍କୁ ନିଜ ଆଇନଗତ ପକ୍ଷ ରଖିବା ପାଇଁ ପାକିସ୍ତାନ ସୁଯୋଗ ଦେବାକୁ କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଆଇସିଜେ ରାୟ ପାକିସ୍ତାନକୁ ଝଟ୍‌କା ସାବ୍ୟସ୍ତ ହୋଇଛି।

### ଧାରା ଶ୍ରାବଣରେ ...

ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଥିଲେ ମଧ୍ୟ ତାହା ଲଘୁଚାପରେ ପରିଣତ ହୋଇପାରୁନାହିଁ। ଯଦିଓ କାଁ ଭାଁ ଲଘୁଚାପ ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହୋଇଛି, ପବନର ବେଗ ଅଧିକ ରହୁନଥିବାରୁ ଲଘୁଚାପ ଘନିଭୂତ ହୋଇପାରୁନାହିଁ। ଫଳରେ ମୌସୁମୀ ସକ୍ରିୟ ହେବାରେ ବାଧାସୃଷ୍ଟି ହେଉଥିବାରୁ ଭଲ ବର୍ଷା ହେଉନାହିଁ। ତେବେ ରାଜ୍ୟର ପ୍ରମୁଖ ଜିଲ୍ଲାଗୁଡ଼ିକରେ ବର୍ଷା ହେଉନଥିବାରୁ ଚାଷୀକୁଳ ମଧ୍ୟ ଚିନ୍ତାରେ ପଡ଼ିଲେଣି। କାରଣ ଜୁନ ମାସରୁ ଆଜି ସୁଦ୍ଧା ରାଜ୍ୟରେ ୨୬ ପ୍ରତିଶତ୍ କମ୍ ବର୍ଷା ହୋଇଛି। ୧୯ ଜିଲ୍ଲାରେ ମଧ୍ୟ ସ୍ୱାଭାବିକଠାରୁ କମ୍ ବର୍ଷା ରେକର୍ଡ କରାଯାଇଛି। ଗଜପତି ଜିଲ୍ଲା ସର୍ବାଧିକ ପ୍ରଭାବିତ ହୋଇଛି। ଏଠାରେ ୫୧ ପ୍ରତିଶତ କମ୍ ବର୍ଷା ହୋଇଛି। ତେବେ ଧାରା ଶ୍ରାବଣରେ ଟାଇଁ ଟାଇଁ ଖରା ହେଉଥିବାରୁ ଆଗକୁ ସ୍ଥିତି ଆହୁରି ସଙ୍ଗିନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି।

### ରୋଗ ବାଣ୍ଟୁଛି ...

ଗାଧୁଆ ଓ ଲୁଗା ସଫା ପାଣି ଆଦି ଅପରିଷ୍କାର ଦୂଷିତ ପାଣି ଝିଞ୍ଚିରିବନ୍ଧ ଜଳାଶୟରେ ମିଶିଲା । ସେହିପରି ଦିନ ପରିବା ମାର୍କେଟର ଛେଳି , କୁକୁଡ଼ା ଓ ମାଛ ବଜାର ସହ ପରିବା ବଜାରରୁ ବାହାରୁଥିବା ଅଳିଆ ଆବର୍ଜନା ମଧ୍ୟ ଜଳାଶୟରେ ମିଶିଲା । ଆସ୍ତେ ଆସ୍ତେ ଝିଞ୍ଚିରିବନ୍ଧ ଜଳାଶୟ ପ୍ରଦୂଷଣ ହୋଇ ବର୍ତ୍ତମାନ ଏପରି ଅବସ୍ଥାରେ ପହଁଞ୍ଚିଯାଇଛି , ସନ୍ଧ୍ୟା ଓ ପ୍ରାତଃ ସମୟରେ ଉକ୍ତ ରାସ୍ତାରେ ଚଳପ୍ରଚଳ କରିବା କଷ୍ଟଦାୟକ ହୋଇପଡ଼ିଛି । ମିଥେନ ଗ୍ୟାସ ଭଳି ଦୁର୍ଗନ୍ଧ ବାହାରୁଛି । ମିଥେନ ଗ୍ୟାସ ବା ମାର୍ସ ଗ୍ୟାସ ଉତ୍ପନ୍ନ ହୋଇ ବାୟୁମଣ୍ଡଳକୁ ନିର୍ଗତ ହେଉଛି । ଜୈବିକ ବା ସବୁଜ ଗୃହ ଗ୍ୟାସ ଭାବେ ବାୟୁ ମଣ୍ଡଳରେ ଅନ୍ୟାନ୍ୟ ପ୍ରଦୂଷକମାନଙ୍କ ସହ ମିଶି ଅନେକ ପ୍ରକାରର ଅନର୍ଥର କାରଣ ପାଲଟୁଛି । ବାୟୁ ମଣ୍ଡଳରେ ଏହାର ପରିମାଣ ବୃଦ୍ଧି କାରଣରୁ ତାପମାତ୍ରାରେ ବୃଦ୍ଧି ଘଟିବା ସହ ଟ୍ରାପୋମଣ୍ଡଳକୁ ପାର କରି ଷ୍ଟ୍ରାଟୋମଣ୍ଡଳରେ ପହଁଞ୍ଚି ଓଜନସ୍ତରକୁ କ୍ଷତି ପହଁଞ୍ଚାଉଥିବାର ବୁଦ୍ଧିଜୀବୀମାନେ ମତପୋଷଣ କରିଛନ୍ତି । ସେହିପରି ଝିଞ୍ଚିରିବନ୍ଧସାହିର ଅଧିବାସୀମାନଙ୍କର ଜୀବନଧାରଣ ଦୁର୍ବିସହ ହୋଇପଡ଼ିଛି । ଜ୍ୱର, କାଶ ଆଦି ବିଭିନ୍ନ ପ୍ରକାରର ରୋଗ ପ୍ରାୟତଃ ପ୍ରତ୍ୟେକ ପରିବାର ସହ ବନ୍ଧୁବାନ୍ଧି ସାରିଛି । ବାରିପଦା ପୌର ନିର୍ବାହୀ ଅଧିକାରୀ, ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଗୁହାରି ଜଣାଇ ଆସୁଥିଲେ ମଧ୍ୟ ଏମାନଙ୍କ ସମସ୍ୟା ବୁଝିବା ନିମନ୍ତେ କାହାରି ପାଖରେ ସମୟନଥିବା ଭଳି ମନେ ହେଉଛି । ଗ୍ରୀନ ଟ୍ରିବ୍ୟୁନାଲର ନିର୍ଦ୍ଦେଶକୁ ବାରିପଦା ପୌରପରିଷଦ ପକ୍ଷରୁ କାର୍ଯ୍ୟକାରୀ କରାଯାଉ ନାହିଁ । ଝିଞ୍ଚିରିବନ୍ଧର ପାଣିକୁ ଶୋଧନ କରାଯାଇ ବୁଢ଼ାବଳଙ୍ଗ ନଦୀକୁ ଛାଡ଼ିବା ନିମନ୍ତେ ଏକ ଶୋଧନାଗାର(ଫିଲଟର ପ୍ଲାଣ୍ଟ) ବସାଇବା କ୍ଷେତ୍ରରେ ଟାଳଟୁଳ ନୀତି ଆପଣେଇ ଚାଲିଛି ବାରିପଦା ପୌରପରିଷଦ । ପ୍ରଦୂଷଣ ବୋର୍ଡ଼ ଏଦିଗରେ ଧୃତରାଷ୍ଟ୍ର ସାଜି କିଛି ନଦେଖିବା ଭଳି ଅଭିନୟ କରିବାରେ ଲାଗିଛି । ମୁଖ୍ୟମନ୍ତ୍ରୀ ନବୀନଙ୍କର ବିଭିନ୍ନ ସମୟରେ ବାରିପଦା ଗସ୍ତରେ ଆସୁଥିବା ବେଳେ ଝିଞ୍ଚିରିବନ୍ଧର ପୁର୍ନଉଦ୍ଧାର କରାଯିବ ବୋଲି ଘୋଷଣା କରିଚାଲିଛନ୍ତି । ୨୦୧୯ ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ନବୀନ ବାରିପଦା ଛଉପଡ଼ିଆଠାରେ ସାଧାରଣ ସଭାରେ ମଧ୍ୟ ଝିଞ୍ଚିରିବନ୍ଧ ପୁର୍ନଉଦ୍ଧାର କରାଯିବାର ଘୋଷଣା କରିବା ପରେ ୨୦୧୯ ଫେବୃଆରୀ ୧୨ରେ ପୌରପାଳ ବବିତା ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାନସଭାର ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବନ୍ଧର ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣର ଭିତ୍ତିପ୍ରସ୍ତର ସ୍ଥାପନ କରାଇଥିଲେ । ଏହାପରେ ବାରିପଦା ପୌରପରିଷଦ ପକ୍ଷରୁ ପତ୍ର ସଂଖ୍ୟା ୧୦୫୮୪/ ୨୬.୧୨.୨୦୧୮ ଅନୁସାରେ ୩ କୋଟି ୯୯ଲକ୍ଷ ୭୬ ହଜାର ଟଙ୍କା ବ୍ୟୟ ଅଟକଳର ଏକ ଡିପିଆର ଆପ୍ରୋଭାଲ ନିମନ୍ତେ ଭୁବନେଶ୍ୱର ନଗର ଉନ୍ନୟନ ବିଭାଗକୁ ପଠାଇଥିବାର ଜଣାପଡ଼ିଛି । ତେବେ ଏହା ମଧ୍ୟରେ ୭ ମାସ ଅତିକ୍ରାନ୍ତ ହେବାକୁ ବସିଥିଲେ ମଧ୍ୟ ଭୂବନେଶ୍ୱର ନଗର ଉନ୍ନୟନ ବିଭାଗ ପକ୍ଷରୁ କୌଣସି ଉତ୍ତର ଆସିପାରି ନାହିଁ । ପୁଣି, ବାରିପଦା ପୌରପରିଷଦ ପକ୍ଷରୁ ଝିଞ୍ଚିରିବନ୍ଧର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ନିମନ୍ତେ ପ୍ଲାନ ଏଷ୍ଟିମେଣ୍ଟରେ ହୋଇଥିବା ଅଟକଳକୁ ନେଇ ପ୍ରଶ୍ନ ଉଠିଛି । ପୌରପରିଷଦର ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ପ୍ଲାନ ଓ ଏଷ୍ଟିମେଣ୍ଟ ମାଧ୍ୟମରେ ଅଟକଳ କରାଯାଇଥିବା ଅର୍ଥରେ ଉନ୍ନତି କରଣ ଓ ସୌନ୍ଦର୍ଯ୍ୟକରଣର କାର୍ଯ୍ୟ କଣ ସମ୍ଭବ ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ ଉଠାଇଛନ୍ତି । ପୁଣି, ପ୍ରତ୍ୟେକ ଦିନ ବଜାରର ଦରରେ ବୃଦ୍ଧି ଘଟୁଥିବା ବେଳେ କାର୍ଯ୍ୟ ଆରମ୍ଭ ସମୟରେ ଇଞ୍ଜିନିୟରିଂ ବିଭାଗ ପ୍ଲାନ ଓ ଏଷ୍ଟିମେଣ୍ଟ ଅନୁସାରେ ବଜାର ମୂଲ୍ୟ ସ୍ଥିର ରହିଥିବା କି ବୋଲି ପ୍ରଶ୍ନ ଉଠିଛି । ତେବେ ଝିଞ୍ଚିରିବନ୍ଧର ଜଳ ଉତ୍ସ ଆମ ପରିବେଶ ଓ ପୌରବାସୀଙ୍କ ପାଇଁ ବିପଦର କାରଣ ପାଲଟିଯାଇଥିବା ବେଳେ ସରକାର, ପ୍ରଶାସନ ଓ ପୌରପରିଷଦ ଏଦିଗରେ ଅଧିକ ଯତ୍ନବାନ ନହେଲେ ଭବିଷ୍ୟତରେ ଜନସାଧାରଣଙ୍କ ଜୀବନହାନୀର ସମ୍ଭାବନାକୁ ଏଡ଼ାଇଯାଇ ହେବନାହିଁ । ଉକ୍ତ ଜଳ ଉତ୍ସ ମିଥେନ ଗ୍ୟାସ ଫର୍ମେଶନ କରାଉଛି । ମାଛ ଓ ମାଂସ ମାର୍କେଟରୁ ବାହାରୁଥିବା ପରିତ୍ୟକ୍ତ ଆବର୍ଜନା ଓ ପାଣି ମିଶି ଏନ୍‌ଏରୋବିକ୍ ରିଏକସନ ମାଧ୍ୟମରେ ଏହି ଗ୍ୟାସ ଉତ୍ପନ କରାଉଛି । ସେହିପରି ସମୟ ସମୟରେ ମୃତ ଜୀବଜନ୍ତୁ ମଧ୍ୟ ବନ୍ଧରେ ପଡୁଥିବାର ଦେଖିବାକୁ ମିଳିଥାଏ । ଝିଞ୍ଚିରିବନ୍ଧ ଜଳ ଉତ୍ସର ଉପର ଅଂଶ ଦଳରେ ଆଚ୍ଛାଦିତ ହୋଇଥିବା ଫଳରେ ସୂର୍ଯ୍ୟାଲୋକ ପାଣିକୁ ସ୍ପର୍ଶ କରିନପାରିବା ଫଳରେ ବିଘନ ଘଟି ମିଥେନ ଗ୍ୟାସ ସୃଷ୍ଟି କରାଉଥିବାର ସନ୍ଦେହ କରାଯାଉଛି । ଫଳରେ ଏହା ସ୍ଥାନୀୟ ବସ୍ତିବାସିନ୍ଦା ସହ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପାଇଁ ହାଜାଡ଼ସ ପରିସ୍ଥିତି ସୃଷ୍ଟି କରାଇବାର ସମ୍ଭାବନା ଅଧିକ ରହିଛି । ବନ୍ଧରୁ ପ୍ରବାହିତ ଜଳ ଉତ୍ସ ବୁଢ଼ାବଳଙ୍ଗ ନଦୀରେ ମିଶୁ ଥିବାରୁ ଏହା ନଦୀରେ ଥିବା ଜଳଚର ପ୍ରାଣୀ, ଉଦ୍ଭିଦ ଉପରେ କୁପ୍ରଭାବ ପକାଉଥିବା ବେଳେ ପାଣିରେ ସ୍ନାନ କରୁଥିବା ବ୍ୟକ୍ତିଙ୍କ ଶରୀରରେ ଚର୍ମ ରୋଗ ସହ ଅଥବା ବ୍ୟବହାର କରୁଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବ ପକାଇବ । ସେହିପରି ନଦୀର ମାଛକୁ ଖାଉଥିବା ବ୍ୟକ୍ତିଙ୍କ ଶରୀରରେ ଟକସିକ୍ ପ୍ରକ୍ରିୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଛି । ତେଣୁ ପରିବେଶର ସୁରକ୍ଷା ସହ ଜନସାଧାରଣଙ୍କ ସାମୂହିକ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଝିଞ୍ଚିରିବନ୍ଧର ପାଣିକୁ ବିଶୋଧନ କରାଯିବାର ଆବଶ୍ୟକତା ରହିଛି । ଉକ୍ତ ବନ୍ଧ ଉପରେ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟର କେମେଷ୍ଟ୍ରି, ବାଇଓ-କେମେଷ୍ଟ୍ରି ବିଭାଗ ପକ୍ଷରୁ ଗବେଷଣା କରାଗଲେ ଅଧିକ ତଥ୍ୟ ମିଳିପାରନ୍ତା ବୋଲି କେନ୍ଦୁଆ ମହାବିଦ୍ୟାଳୟର ବୋଟାନୀ ବିଭାଗର ଅଧ୍ୟାପକ ରାଜେଶ କୁମାର ମିଶ୍ର କହିଛନ୍ତି ।

# କାଞ୍ଜିଆହୁଦା ନିର୍ମାଣ କେବେ ?

## ବୁଲା ଗୋରୁଙ୍କ କବ୍‌ଜାରେ ସୁବର୍ଣ୍ଣପୁର ସହର



**ସୋନପୁର:** ସୋନପୁର ଜିଲା ସଦର ମହକୁମା ଏବେ ବୁଲା ଗୋରୁଗାଈଙ୍କ କବଜାରେ ରହିଛି। ଏହା ଏବେ ସହର ବାସୀଙ୍କ ପାଇଁ ଚିନ୍ତାର କାରଣ ବି ପାଲଟିଛି । ଦିନ ହେଉ ବା ରାତି ହେଉ ସୋନପୁର ପୌରାଞ୍ଚଳର କଲେଜ ରୋଡ, କଚରି ଛକ, ବ୍ଲକ ଛକ, ଜୟଗୁରୁ ମାର୍କେଟ, ପଟାଭାଡିଛକ, କସ୍ତୁରୀଛକ ଗୁଡିକରେ ଓ ସମସ୍ତ ମୂଖ୍ୟ ରାସ୍ତାରେ ଗୋରୁଗାଈ ମାନଙ୍କର ଗହଳି ଲାଗିରହୁଛି। ଫଳରେ ଜନସାଧାରଣ ଯାନବାହାନ ଚଳାଚଳ ସମୟରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥସହ ବିଭିନ୍ନ ସମୟରେ ଦୁର୍ଘଟଣା ଘଟୁଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ବାରମ୍ବାର ଗୁହାରୀ କଲେମଧ୍ୟ କୌଣସି ସୁଫଳ ମିଳୁନାହିଁ। ବୁଲା ଗୋରୁ ମାନଙ୍କୁ ନିୟନ୍ତ୍ରଣ କରିବା ନିମନ୍ତେ ସୁବର୍ଣ୍ଣପୁର ପୌରପରିଷଦକୁ କାଞ୍ଜିଆହୁଦା ନିର୍ମାଣ ଯେତେ ସୁପାରିସ କଲେବି ତାହା ସୁଣିବାକୁ ନାରାଜ । ଫଳରେ ବୁଲା ଗୋରୁଗାଈ ମାନଙ୍କର ଉପଦ୍ରବ ଦିନକୁଦିନ ବୃଦ୍ଧି ପାଇବା ସହ ଏନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏଣୁ ସୁବର୍ଣ୍ଣପୁର ପୌରପରିଷଦ କର୍ତ୍ତୃପକ୍ଷ ଏହି ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା ପ୍ରଶସ୍ତିକରଣ ପାଇଁ ଜବର ଦଖଲ ଉଚ୍ଛେଦ



**ଖଇରା:** କୁପାରୀ-ଆଗରପଡା ରାସ୍ତା ପ୍ରଶସ୍ତିକରଣ ପାଇଁ ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧିନ ବର୍ତ୍ତନା ଆରଆଇ ବର୍ତ୍ତନା ବଜାରରେ ଦୀର୍ଘଦିନଧରି ବେଆଇନ ଭାବରେ ଦଖଲ କରିଆସୁଥିବା ଦୋକାନ ଘର ଗୁଡିକୁ ତହସିଲ ପ୍ରଶାସନ ଭାଙ୍ଗି ଦେଇଛି। ଏହି ଦୋକାନୀମାନେ ବେଆଇନ ଭାବରେ ଘରକରି ଦୀର୍ଘ ଦିନ ହେବ ଦୋକନ କରି ଜୀବିକା ନିର୍ବାହ କରିଆସୁଥିଲେ। ରାସ୍ତାର ପ୍ରଶସ୍ତିକରଣ ପାଇଁ ଜାଗାର ଆବଶ୍ୟକତା ହେବାରୁ ରାସ୍ତା କଡର ବେଆଇନ ଜବର ଦଖଲ ଘର ଗୁଡିକୁ ଭାଙ୍ଗି ଦିଆଯାଇଛି। ଉଚ୍ଛେଦ ହେବାନେଇ ତହସିଲଦାର ପ୍ରଦୀପ କୁମାର ସାହୁ ଜବର ଦଖଲକାରିମାନଙ୍କୁ ପୂର୍ବରୁ ନୋଟିସ କରିଥିଲେ। ତହସିଦାରଙ୍କ ନୋଟିସ ପାଇଲାପରେ ଦୋକାନୀମାନେ ମଧ୍ୟ ନିଜେ ନିଜେ ସେମାନଙ୍କ ଦୋକାନ ଗୃହଗୁଡିକୁ ଖୋଲାଖୋଲି ଆରମ୍ଭ କରିଥିଲେ। ଏହି ଉଚ୍ଛେଦ କାର୍ଯ୍ୟକ୍ରମରେ ତହରିଲଦାର ପ୍ରଦୀପ କୁମାର ସାହୁ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଉପସ୍ଥିତ ଥିଲେ। ବରିଷ୍ଠ ରାଜସ୍ୱ ସହାୟକ ବନୋଜ କୁମାର ସ୍ୱାଇଁ,କନିଷ୍ଠ ରାଜସ୍ୱ ସହାୟକ ହରିହର ଶିଅଳ, ବରିଷ୍ଠ ଅମିନ୍ ଦାମୋଦର ଶିଅଳ, ଅମିନ୍ ଅଶୋକ ରାଉଳ, ଭାରପ୍ରାପ୍ତ ବର୍ତ୍ତନା ଆରଆଇ ଚନ୍ଦନ ରାଉତ, ପୂର୍ବତନ ଭାରପ୍ରାପ୍ତବର୍ତ୍ତନା ଆରଆଇ ବସନ୍ତ ପାତ୍ର ପ୍ରମୁଖ ତହସିଦାରଙ୍କୁ ସହଯୋଗ କରିଥିଲେ। କଳ୍ପନା ବେହେରା, ଇତିଶ୍ରୀ ବେହେରା, ଚିତ୍ତରଞ୍ଜନ ନାୟକ, ଗୋବିନ୍ଦ ଚନ୍ଦ୍ର ବେହେରା, ବିଦ୍ୟାଧର ପାଣିଗ୍ରାହୀ, ସୁଦର୍ଶନ ଦାସ, ରାମଚନ୍ଦ୍ର ବେହେରା, ପତିତପାବନ କର, ନିରଞ୍ଜନ ବେହେରା, ଗୋପାଳ ସ୍ୱାଇଁ ଓ କୈଳାସ ରାଉତଙ୍କ ସମେତ ମୋଟ ୫୪ଟି ଘରକୁ ଭାଙ୍ଗି ଦିଆଯାଇଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ତହସିଲ ପ୍ରଶାସନ ତରଫରୁ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଏବାବଦରେ ତହସିଲଦାର ଶ୍ରୀ ସାହୁଙ୍କୁ ଯୋଗାଯୋଗ କରିବାରୁ ଉଚ୍ଛେଦ ସମୟରେ କୌଣସି ପ୍ରକାର ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇନଥିବାର ପ୍ରକାଶ କରିଥିଲେ।

# ଶିରିଡ଼ି ଧାମ ଓ ସାଇବାବା



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ





ପବିତ୍ର ତୀର୍ଥ ଶିରିଡ଼ି ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲାର କୋପରଗାଉଁ ତାଲୁକାରେ ଅବସ୍ଥିତ। ମୁମ୍ବାଇ ଠାରୁ ୩୦୦ କିମି, ଅହମ୍ମଦ ନଗରରୁ ୮୩ କିମି ଓ କୋପରଗାଉଁ ଠାରୁ ୧୫ କିମି ଦୂରରେ ଅବସ୍ଥିତ ଶିରିଡ଼ି ଏକ ଅତ୍ୟନ୍ତ ପୂଣ୍ୟ କ୍ଷେତ୍ର। ପବିତ୍ର ଗୋଦାବରୀ ନଦୀ ଅତିକ୍ରମ କରିବାର ଆଠ କିମି ପରେ ନିମଗାଉଁ ଠାରୁ ଶିରିଡ଼ି ଦୃଷ୍ଟିଗୋଚର ହୁଏ। କୃଷ୍ଣାନଦୀ ତଟରେ ଅବସ୍ଥିତ ଶିରିଡ଼ି ଗ୍ରାମ ସଦ୍‌ଗୁରୁ ସାଇବାବାଙ୍କ ଚରଣ ସ୍ପର୍ଶକରି ଆଜି ସମଗ୍ର ବିଶ୍ୱରେ ପ୍ରସିଦ୍ଧ ତୀର୍ଥକ୍ଷେତ୍ରର ମାନ୍ୟତା ଅର୍ଜନ କରିଛି। ଶ୍ରୀ ସାଇନାଥ ମହାରାଜ ଶିରିଡ଼ିରେ ଆବିର୍ଭାବ ହୋଇ ସ ଲୀଳା ଖେଳା କରି ଏହାକୁ ପବିତ୍ର ଧାମରେ ପରିଣତ କରିଛନ୍ତି। ରେଳ ଯୋଗେ ଭୁବନେଶ୍ୱରରୁ ସାଇନଗରର ଶିରିଡ଼ି ଏକ୍ସପ୍ରେସ୍ ଯୋଗେ ସିଧାସଳଖ ଶିରିଡ଼ିରେ ପହଞ୍ଚିହେବ। ଏଥିପାଇଁ ଅତିକମ୍‌ରେ ୩୨ଘଣ୍ଟା ସମୟ ଲାଗେ। ଏହି ଟ୍ରେନରେ ସମ୍ପୂର୍ଣ୍ଣ ନିରାମିଷ ଖାଦ୍ୟ ପରିବେଷଣ କରାଯାଏ। ଭୁବନେଶ୍ୱରରୁ ମନ୍‌ମଡ଼ ପର୍ଯ୍ୟନ୍ତ ରେଳଯାତ୍ରା କରି ସେଠାରୁ ଟାକ୍ସି, ବସ କିମ୍ବା ଅଟୋରିକ୍ସା ଯୋଗେ ଶିରିଡ଼ି ଯାତ୍ରା କରିହେବ। ଭୁବନେଶ୍ୱରରୁ ଶିରିଡ଼ିକୁ ଉଡ଼ାଜାହାଜ ଯାତ୍ରୀ ଉପଲବ୍ଧ। ନଚେତ ଉଡାଜାହାଜରେ ମୁମ୍ବାଇ ପର୍ଯ୍ୟନ୍ତ ଯାତ୍ରା କରି ସେଠାରୁ ଅନ୍ୟ ରେଳ, ବସ କିମ୍ବା ଟାକ୍ସିରେ ଶିରିଡ଼ି ଯାତ୍ରା କରିହେବ। ଏବେ ଭୁବନେଶ୍ୱରରୁ ବସ ଯୋଗେ ସିଧା ଶିରିଡ଼ି ଯିବାକୁ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ମୁମ୍ବାଇ, ପୁନେ, ଅହମ୍ମଦନଗର ଓ ନାସିକ୍‌ରୁ ମଧ ସରକାରୀ ଓ ଘରୋଇ ବସ ସବୁ ସମୟରେ ଶିରିଡ଼ିକୁ ଯାତାୟାତ କରନ୍ତି। ଶିରିଡ଼ିରେ ରହିବା ପାଇଁ ଅନେକ ହୋଟେଲ ଓ ଧର୍ମଶାଳା ରହିଛି। ୧୧୦ରୁ ଉର୍ଦ୍ଧ୍ୱ ହୋଟେଲ ଭକ୍ତମାନେ ନିଜର ସୁବିଧା ଅନୁଯାୟୀ ରହିପାରିବେ। ଏଥିପାଇଁ ବହୁ ଆଗରୁ ଅନଲାଇନ ରିଜର୍ଭ କରିପାରିବେ। ଶ୍ରୀ ସାଇବାବା ସଂସ୍ଥାନ



ତରଫରୁ ଭକ୍ତମାନଙ୍କ ପାଇଁ ରହିବା ଓ ଖାଇବାର ସମସ୍ତ ବନ୍ଦୋବସ୍ତ କରାଯାଇଥାଏ। ସାଇ ଆଶ୍ରମ ଫେଜ-୧ରେ ୧୫୩୬ଟି ରୁମ୍‌ରେ ୯୦୦୦ ଯାତ୍ରୀ ରହିବାର ସୁବିଧା ଉପଲବ୍ଧ। ଏଥିରୁ ୩୮୪ଟି ରୁମ ଶୀତତାପ ନିୟନ୍ତ୍ରିତ। ଭକ୍ତମାନଙ୍କ ପାଇଁ ଏକ ବିରାଟ ଭୋଜନାଳୟ ଓ ଭଜନ କୀର୍ତ୍ତନ ପାଇଁ ଏକ ମୁକ୍ତବାୟୁ ପ୍ରେକ୍ଷାଳୟ ରହିଛି। ଏହାଛଡ଼ା ଶ୍ରୀ ସାଇବାବା ସଂସ୍ଥାନ ତରଫରୁ ବସଷ୍ଟାଣ୍ଡ ନିକଟରେ ୨୦୦୮ ମସିହାରେ ଦ୍ୱାରାବତୀ ଆବାସ ନିର୍ମାଣ କରାଯାଇଛି। ଏଥିରେ ୮୦ଟି ଶୀତତାପ ନିୟନ୍ତ୍ରିତ ରୁମ ଗ୍ରୁପ୍‌ରେ ରହିବା ପାଇଁ ସମସ୍ତ ପ୍ରକାର ସୁବନ୍ଦୋବସ୍ତ କରାଯାଇଛି। ଶ୍ରୀ ସାଇବାବା ସଂସ୍ଥାନ ତରଫରୁ ସାଇବାବା ଭକ୍ତ ନିବାସ ସ୍ଥାନରେ ବିଭିନ୍ନ ଶ୍ରେଣୀର ୫୪୨ ରୁମ ରହିଅଛି। ମନ୍ଦିର ଠାରୁ ୧କିମି ଦୂରରେ ଅବସ୍ଥିତ ଏହି ଭକ୍ତ ନିବାସରୁ ଯାତ୍ରୀ ମାନଙ୍କ ସୁବିଧା ପାଇଁ ଦିନଯାକ ମନ୍ଦିରକୁ ବସ ଚଳାଚଳ କରେ।

ଅତ୍ୟାଧୁନିକ ରନ୍ଧନଶାଳା ଓ ପରିବେଷଣ ପଦ୍ଧତିରେ ଏକକାଳୀନ ବହୁଭକ୍ତ ଏଠାରେ ଭୋଜନ କରିପାରନ୍ତି। ଶ୍ରୀ ସାଇବାବାଙ୍କ ମାତା, ପିତା, ତାଙ୍କର ଜନ୍ମ ସମୟ ଓ ଜନ୍ମ ସ୍ଥାନ ସମ୍ପର୍କରେ କାହା ପାଖରେ ସଠିକ ଉତ୍ତର ନାହିଁ।

ଅନେକ ସ୍ଥାନ ମହାପୁରୁଷ ମାନଙ୍କ ପଦ ସ୍ପର୍ଷରେ ଧନ୍ୟ ହୋଇଅଛି। ଅଯୋଧ୍ୟା ଶ୍ରୀରାମଙ୍କ ପାଇଁ, ଦ୍ୱାରିକା ଶ୍ରୀକୃଷ୍ଣଙ୍କ ପାଇଁ, ନଦିଆ ଶ୍ରୀ ଚୈତନ୍ୟଙ୍କ ପାଇଁ ଯେପରି ପବିତ୍ର, ଶିରିଡ଼ିରେ ଶ୍ରୀ ସାଇନାଥ ମହାରାଜଙ୍କ ଆବିର୍ଭାବ ସେ ସ୍ଥାନକୁ ଏକ ପବିତ୍ର ତୀର୍ଥସ୍ଥାନରେ ପରିଣତ କରିଛି। ସାକ୍ଷାତ ଭଗବାନ ହିଁ ମାନବ ରୂପରେ ସେଠାରେ ବାସ କରୁଥିଲେ। ସେ ଲୋକଙ୍କର ସାଂସାରିକ ଛୋଟବଡ଼ ସମସ୍ୟା ଅନାୟାସରେ ଦୂର କରିବା ସହ ସମକାଳୀନ ଭାଗ୍ୟବାନ ଲୋକମାନଙ୍କୁ ସାଂସାରିକ ମୋହରୁ ମୁକ୍ତ କରି ଆଧ୍ୟାତ୍ମିକ ମାର୍ଗ ଦର୍ଶନ କରାଉଥିଲେ। ଶିରିଡ଼ିରେ ସାରା ଜୀବନ ବିତାଇଥିଲେ ମଧ ସେ କେବେ କାହା ଘରେ ରହି ନଥିଲେ। ସେ ସର୍ବଦା ଦ୍ୱାରକାମାୟୀ ମସଜିଦ୍‌ରେ ରହୁଥିଲେ ଓ ନିକଟ ଗ୍ରାମରେ ଭିକ୍ଷାମାଗି ଚଳୁଥିଲେ। ଅଧିକ ଭିକ୍ଷା ହେଲେ ବାଣ୍ଟି ଦେଉଥିଲେ। ଗରିବଙ୍କ ସେବା କରିବା ତଥା ସେମାନଙ୍କୁ ଅନୁଦାନ ଦେବା ତାଙ୍କ ଜୀବନର ଲକ୍ଷ୍ୟ ଥିଲା। ବାବା ହିନ୍ଦୁ କିମ୍ବା ମୁସଲିମ୍ ତାର କୌଣସି ପ୍ରମାଣ ନାହିଁ। ସେ ଜାତି, ଧର୍ମରେ ବିଶ୍ୱାସ କରୁ ନଥିଲେ। ସେ କାହାକୁ ଜାତି କିମ୍ବା ଧର୍ମ ପରିବର୍ତ୍ତନ କରିବାକୁ କହୁ ନଥିଲେ। ଜଣେ ହିନ୍ଦୁ ଭଲ ହିନ୍ଦୁ ହେଉ ଏବଂ ଜଣେ ମୁସଲିମ ଭଲ ମୁସଲିମଟିଏ ହେଉ। ଏହା ଥିଲା ବାବାଙ୍କର ଉପଦେଶ। ଶିରିଡ଼ିରେ ସେ ଯେଉଁ ମସଜିଦ୍‌ରେ ବାସ କରୁଥିଲେ ତାର ନାମ ଦେଇଥିଲେ ଦ୍ୱାରକାମାୟୀ। ସେ ସବୁବେଳେ କହୁଥିଲେ ଆଲ୍ଲା ମାଲିକ ଅର୍ଥାତ୍ ଭଗବାନ ହେଉଛନ୍ତି ଏହି ବିଶ୍ୱ ବ୍ରହ୍ମାଣ୍ଡର ସମ୍ରାଟ ଏବଂ ସବ୍‌କା ମାଲିକ ଏକ। ଅର୍ଥାତ୍ ଏ ବିଶ୍ୱରେ କେବଳ ଭଗବାନ ହେଉଛନ୍ତି ସମସ୍ତ ପ୍ରାଣୀଙ୍କର ମାଲିକ। ଏହି ଦୁଇଟି କଥା ଉଭୟ ହିନ୍ଦୁ ଓ ମୁସଲିମ ଧର୍ମର ଲୋକଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। ତାଙ୍କର ମୁଖ୍ୟ ଉପଦେଶ ଥିଲା ଶ୍ରଦ୍ଧା ସବୁରୀ। ଅର୍ଥାତ୍ ସବୁ ପ୍ରାଣୀଙ୍କ ଠାରୁ ଭଗବାନ ଅଛନ୍ତି ବୋଲି ହୃଦୟଙ୍ଗମ କରି ସମସ୍ତଙ୍କୁ ଶ୍ରଦ୍ଧା କର ଓ ଧୈର୍ଯ୍ୟର ସହିତ ସବୁ କିଛି ସହନ କର। ସେ ମୁସଲମାନ ମାନଙ୍କୁ କୋରାନ ପଢ଼ିବାକୁ ଓ ହିନ୍ଦୁ ମାନଙ୍କୁ ରାମାୟଣ, ମହାଭାରତ, ଭଗବତଗୀତା ଓ ଯୋଗ ବିଶିଷ୍ଟ ଆଜି ପଢ଼ି ତାର ଅନ୍ତର୍ନିହିତ ଭାବାର୍ଥ ବୁଝି ଜୀବନରେ ଉପଯୋଗ କରିବା ପାଇଁ ଉପଦେଶ ଦେଉଥିଲେ। ଶ୍ରୀ ସାଇନାଥଙ୍କ ଅନନ୍ତ ମହିମା, ଭକ୍ତମାନଙ୍କ ଅନୁଭୂତି ତଥା ବାବାଙ୍କର ମୁଖନିଃସୃତ ଅମୃତମୟ ବାଣୀ ବିଷୟରେ ଅଧିକ ଜାଣିବା ପାଇଁ ଆମେ ବାବାଙ୍କ ଅତ୍ୟନ୍ତ ଅନୁଗତ୍ୟ ଭକ୍ତ ଗୋବିନ୍ଦ ରାଓ ରଘୁନାଥ ଦାଭୋଲକର ଓରଫ ହିମଜପନ୍ଥଙ୍କ ରଚିତ 'ଶ୍ରୀ ସାଇ ସତ୍‌ଚରିତ' ପାଠ କରି ପାରିବା। ଏହା ଏକ ପାରାୟଣ ଗ୍ରନ୍ଥ। ଶ୍ରୀ ସାଇବାବାଙ୍କ ଯୋଗୁଁ ଶିରିଡ଼ି ସାରା ବିଶ୍ୱରେ ଏକ ବିଖ୍ୟାତ ତୀର୍ଥକ୍ଷେତ୍ର ହୋଇପାରିଛି। ବର୍ତ୍ତମାନ ପ୍ରତିଦିନ ପ୍ରାୟ ୨୫୦୦୦ ତୀର୍ଥଯାତ୍ରୀ ଶିରିଡ଼ି ଆସି ବାବାଙ୍କୁ ଦର୍ଶନ କରନ୍ତି। ପର୍ବପର୍ବାଣୀ ମାନଙ୍କରେ ଲକ୍ଷାଧିକ ଲୋକ ଆଗମନ କରନ୍ତି। ଏଠାରେ ମନ୍ଦିରର ସମସ୍ତ କାର୍ଯ୍ୟ ଶ୍ରୀ ସାଇବାବା ସଂସ୍ଥାନ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହୁଏ। ମନ୍ଦିର ମଧ୍ୟରେ ଥିବା ବାବାଙ୍କ ମାର୍ବଲ ମୂର୍ତ୍ତି ଅତ୍ୟନ୍ତ ସୁନ୍ଦର ଓ କମନୀୟ। ସୁନାର ମୁକୁଟ ପାଟବସ୍ତ୍ର ଓ ସୁନ୍ଦର ସତେଜ ପୁଷ୍ପମାଲ୍ୟ ପରିଧାନ କରି ବାବା ଜୀବନ୍ତ ପ୍ରତୀୟମାନ ହୁଅନ୍ତି। ମନ୍ଦିରର କାନ୍ଥ ଓ ଚଟାଣ ମାର୍ବଲ ଆଚ୍ଛାଦିତ। ମାତ୍ର ମନ୍ଦିରର କୋଣାର୍କର ଅଗ୍ରଭାଗ ପର୍ଯ୍ୟନ୍ତ ବାହାର ଓ ଭିତର ସୁବର୍ଣ୍ଣ ଆଚ୍ଛାଦିତ। ମନ୍ଦିରର ପୂଜା ପଦ୍ଧତି ବାବାଙ୍କ ଜୀବିତାବସ୍ଥାରୁ ଯାହାଥିଲା ତାହା ହିଁ ଅନୁସରଣ ହୋଇ ଆସୁଅଛି। ପ୍ରତିଦିନ ବାବାଙ୍କୁ ଦିନର ବିଭିନ୍ନ ସମୟରେ ଚାରିଗୋଟି ଆରତୀ ପ୍ରଦାନ କରାଯାଏ। ତାହାହେଲା ପ୍ରାତଃ ୪ଟା ୩୦ ମିନିଟରେ କାକଡ଼ ଆରତୀ, ଦିନ ୧୨.୦୦ଟାରେ ମଧ୍ୟାହ୍ନ ଆରତୀ, ସନ୍ଧ୍ୟା ୬ଟା୩୦ମିନିଟରେ ଧୂପ ଆରତୀ ଓ ରାତି ୧୦ଟା ୩୦ ମିନିଟରେ ଶେଷ ଆରତୀ।



ଶିରିଡ଼ିରେ ତିନୋଟି ମୁଖ୍ୟ ପାଳନ କରାଯାଏ। ତାହାହେଲା ରାମନବମୀ, ଗୁରୁପୂର୍ଣ୍ଣମା ଓ ବିଜୟାଦଶମୀ। ଏହି ପର୍ବ ମାନଙ୍କରେ ସାରା ବିଶ୍ୱରୁ ହଜାର ହଜାର ଭକ୍ତ ଶିରିଡ଼ି ଆସନ୍ତି। ୧୮୯୭ ମସିହାରେ କୋପରମାଓଁର ଗୋପାଳରାଓ ଗୁଣ୍ଡ ବହୁଦିନ ପରେ ଏକ ସନ୍ତାନପ୍ରାପ୍ତି ହୋଇଥିବାରୁ ରାମନବମୀ ଦିନ ଉର୍ସ ପର୍ବ ପାଳନ କରିବାକୁ ବାବାଙ୍କ ଅନୁମତି ଭିକ୍ଷା କଲେ। ବାବା ଏଥିରେ ସହମତି ପ୍ରଦାନ କରିଥିଲେ। କାରଣ ଉର୍ସ ଓ ରାମନବମୀ ଉତ୍ସବ ଗୋଟିଏ ଦିନରେ ପାଳନ କରିବା ଅର୍ଥ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଏକତା ପ୍ରତିଷ୍ଠା କରିବା। ଏହିଦିନ ଦ୍ୱାରକାମାୟୀରେ ପୁରୁଣା ବସ୍ତାରେ ଥିବା ଗହମରେ ପ୍ରସାଦ ରନ୍ଧାଯାଏ ଓ ନୂଆ ଗହମ ରଖାଯାଏ। ଦ୍ୱିତୀୟରେ ଦ୍ୱାରକାମାୟୀରେ ନୂତନ ପତାକା ସ୍ଥାପନ କରାଯାଏ। ଶ୍ରାବଣ ପୂର୍ଣ୍ଣିମା ଦିନ ଗୁରୁବ୍ୟାସଦେବଙ୍କ ଜନ୍ମତିଥିରେ ଏଠାରେ ଗୁରୁପୂର୍ଣ୍ଣିମା ପାଳନ କରାଯାଏ। ଭାରତୀୟ ଗୁରୁ ପରମ୍ପରା ଅନୁସାରେ ଏହିଦିନ ଗୁରୁଙ୍କୁ ପୂଜନ କରିବା ପାଇଁ ସାଇବାବା ନିଜେ ଏହି ପର୍ବ ପାଳନ କରିବା ପାଇଁ ଆଦେଶ ଦେଇଥିଲେ। ବିଜୟା ଦଶମୀ ବାବାଙ୍କର ସମାଧି ଦିବସ। ଭକ୍ତମାନେ ବହୁ ସଂଖ୍ୟାରେ ଏହି ଦିନ ଶିରିଡ଼ିରେ ଏକତ୍ରିତ ହୋଇଥାଆନ୍ତି। ଏକକ ଭାରତର ଅଧିକାଂଶ ରାଜ୍ୟରେ ବିଶେଷତଃ ମହାରାଷ୍ଟ୍ର, ଓଡ଼ିଶା, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, ତାମିଲନାଡୁ, ଗୁଜୁରାଟରେ ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ହୋଇ ବାବା ପୂଜା ପାଉଛନ୍ତି। ଏହାଛଡ଼ା ବିଦେଶରେ ମଧ ବାବାଙ୍କ ଭକ୍ତମାନେ ମନ୍ଦିର ପ୍ରତିଷ୍ଠା କରି ପୂଜା ବିଧାନ ସମ୍ପନ୍ନ କରୁଛନ୍ତି। କାନାଡ଼ା, ନେପାଳ, ଯୁକ୍ତରାଷ୍ଟ୍ର ଆମେରିକା, ଅଷ୍ଟ୍ରେଲିଆ, ସଂଯୁକ୍ତ ଆରମ ରାଷ୍ଟ୍ର, ମାଲେସିଆ, ଇଂଲଣ୍ଡ, ଜର୍ମାନୀ, ଫ୍ରାନ୍ସ ଓ ସିଙ୍ଗାପୁରରେ ଭକ୍ତମାନଙ୍କ ଦ୍ୱାରା ମନ୍ଦିର ପ୍ରତିଷ୍ଠା କରାଯାଇଛି। ଶିରିଡ଼ି ସାଇ ବାବାଙ୍କ ଉପରେ ଭାରତୀୟ ଚଳଚ୍ଚିତ୍ର ନିଗମ ହିନ୍ଦୀ ସମେତ ଅନ୍ୟ ବହୁତ ଭାଷାରେ ସିନେମା ନିର୍ମାଣ କରିସାରିଛି। ଓଡ଼ିଆ ତଥା ବିଭିନ୍ନ ପ୍ରାଦେଶିକ ଭାଷାରେ ଧାରାବାହିକ ନିମର୍କାଣ କରାଯାଇ ବାବାଙ୍କ ବିଷୟରେ ଟେଲିଭିଜନରେ ପ୍ରଦର୍ଶିତ ହେଉଛି। ଏହାଦ୍ୱାରା ଭକ୍ତମାନେ ସବିଶେଷ ବିବରଣୀ ପାଇ ପାରୁଛନ୍ତି। ଯାତ୍ରୀମାନେ ଶିରିଡ଼ି ଦର୍ଶନ କରିସାରି ନିକଟବର୍ତ୍ତୀ କେତେକ ବିଶିଷ୍ଟ ସ୍ଥାନ ପରିଦର୍ଶନ କରିପାରିବେ, ନିଜେ ଟାକ୍ସି କରି କିମ୍ବା ଟ୍ରାଭେଲ ଏଜେଣ୍ଟଙ୍କ ଜରିଆରେ ନାସିକ୍ ତ୍ରେମ୍ବକେଶ୍ୱର ଜ୍ୟୋର୍ତିଲିଙ୍ଗ, ପଞ୍ଚବଟୀ, ଶନି, ଅଷ୍ଟବିନାୟକ, ଘୃଷ୍ଣେଶ୍ୱର ଜ୍ୟୋତିର୍ଲିଙ୍ଗ, ଏଲୋରା ଗୁମ୍ଫା ଇତ୍ୟାଦି ପ୍ରସିଦ୍ଧ ସ୍ଥାନମାନ ସମୟ ଓ ସୁବିଧା ଅନୁସାରେ ଯାତ୍ରା କରିପାରିବେ। ବାବା ସବୁବେଳେ ଭକ୍ତମାନଙ୍କ ହିତ ଚିନ୍ତା କରୁଥିଲେ। ସେ କୌଣସି ଭକ୍ତକୁ କୌଣସି ମନ୍ତ୍ର ଦେବା, ଆସନପ୍ରାଣାୟାମ କରାଇବା, ପଞ୍ଚାଗ୍ନି, ତପ, ତ୍ୟାଗ, ଅଷ୍ଟାଙ୍ଗ ଯୋଗ ଆଦି କରିବାକୁ ଉପଦେଶ ଦେଉନଥିଲେ। ସେ କହୁଥିଲେ ଚତୁରତା ତ୍ୟାଗ କରି ସର୍ବଦା ସାଇ ସାଇ ସ୍ମରଣ କର। ଏହିପରି ଆଚରଣ କରିବା ଦ୍ୱାରା ସମସ୍ତ ବନ୍ଧନ ତୁଟିଯିବ ଏବଂ ତୁମର ମୁକ୍ତି ହୋଇଯିବ। ମନ୍‌କେ ହାରେ ହାର୍‌ହେ ମନକେ ଜିତେଜିତ୍। କରମ ପ୍ରଧାନ ବିଶ୍ୱ ରଚି ରଖା, ଯୋ ଯଶ କରେ ସେ ତସ୍‌ଫଳ ଗୁଖା। (ବାବା)







*'କୁଞ୍ଜ ବିହାରୀ ନିବାସ', ୧୦୮୨/ଡି,*
*ସେକ୍ଟର-୬, ସିଡିଏ, କଟକ*
*ଦୂରଭାଷ : ୯୮୬୧୩୫୫୬୨୮*



# ଆଇସିସି ହଲ୍ ଅଫ୍ ଫେମ୍‌ରେ ସଚିନ



**ଲଣ୍ଡନ:** କିମ୍ବଦନ୍ତୀ ଭାରତୀୟ କ୍ରିକେଟର ସଚିନ ତେନ୍ଦୁଲକର, ସାଉଥ୍ ଆଫ୍ରିକା ଦ୍ରୁତ ବୋଲର ଆଲାନ୍ ଡୋନାଲ୍ଡ ଓ ଅଷ୍ଟ୍ରେଲୀୟ ମହିଳା ଦ୍ରୁତ ବୋଲର କାଥରିନ୍ ଫିଜପାଟ୍ରିକଙ୍କୁ ନୂଆ ସଦସ୍ୟ ଭାବେ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ କରାଯାଇଛି। ଲଣ୍ଡନରେ ଏକ ଉତ୍ସବ ଆୟୋଜନ କରାଯାଇ ଏହି ତିନି ପୂର୍ବତନ କ୍ରିକେଟରଙ୍କୁ ସମ୍ମାନିତ କରାଯାଇଛି। ଆଇସିସି ହଲ୍ ଅଫ୍ ଫେମ୍‌ରେ ସ୍ଥାନ ପାଇବା ପାଇଁ ଜଣେ କ୍ରିକେଟର ୫ ବର୍ଷ ପୂର୍ବେ ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିବା ଜରୁରୀ। ଯାହାକୁ ସଚିନ ତେନ୍ଦୁଲକର ଅତିକ୍ରମ କରିବା ମାତ୍ରକେ ତାଙ୍କୁ ଏହି ସମ୍ମାନ ମିଳିଛି। ସଚିନ୍ ୨୦୧୩ ନଭେମ୍ବରରେ ୱେଷ୍ଟଇଣ୍ଡିଜ ବିପକ୍ଷରେ କ୍ୟାରିୟରର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ସେ ଏବେ ଷଷ୍ଠ ଭାରତୀୟ କ୍ରିକେଟର ଭାବେ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି। ତାଙ୍କ ପୂର୍ବରୁ ସୁନୀଲ ଗାଭାସ୍କର, ବିଶନ୍ ସିଂ ବେଦୀ, କପିଳ ଦେବ, ଅନୀଲ କୁମ୍ବଲେ ଓ ରାହୁଲ ଦ୍ରାବିଡଙ୍କୁ ହଲ୍ ଅଫ୍ ଫେମ୍ ଉପାଧି ମିଳିଛି। ବିଶ୍ୱର ଏକମାତ୍ର କ୍ରିକେଟର ଭାବେ ୨୦୦ଟି ଟେଷ୍ଟ ମ୍ୟାଚ୍ ଖେଳିଥିବା ସଚିନ୍ ଟେଷ୍ଟରେ ୧୫୯୨୧ ଓ ଦିନିକିଆରେ ୧୮୪୨୬ ରନ୍ ସଂଗ୍ରହ କରିଛନ୍ତି। ଏହାବ୍ୟତୀତ ସେ ଏକ ମାତ୍ର କ୍ରିକେଟର ଭାବେ ୧୦୦ଟି ଅନ୍ତର୍ଜାତୀୟ ଶତକ ହାସଲ କରିଛନ୍ତି। ଏଥିରେ ୫୧ଟି ଟେଷ୍ଟ ଓ ୪୯ଟି ଦିନିକିଆ ଶତକ ରହିଛି। ହଲ୍ ଅଫ୍ ଫେମ୍‌ରେ ସାମିଲ ହେବା ପରେ ସଚିନ୍ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି କି, ଏବେ କ୍ରିକେଟର ଉନ୍ନତି ପାଇଁ ମୋ ଦ୍ୱାରା ଯାହା ସମ୍ଭବ କରିବି। ସେହିପରି ୨୦୦୪ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ସାଉଥ୍ ଆଫ୍ରିକାନ୍ ଆଲାନ୍ ଡୋନାଲ୍ଡ ୭୨ଟି ଟେଷ୍ଟ ଓ ୧୬୪ଟି ଦିନିକିଆ ମ୍ୟାଚ ଖେଳିଛନ୍ତି। ସେ ଟେଷ୍ଟରେ ୩୩୦ଟି ୱିକେଟ୍ ନେଇଥିବା ବେଳେ ଦିନିକିଆରେ ୨୭୨ଟି ୱିକେଟ ଅକ୍ତିଆର କରିଛନ୍ତି। ଡୋନାଲ୍ଡ ବିଶ୍ୱର ଜଣେ ଶ୍ରେଷ୍ଠ ଦ୍ରୁତ ବୋଲର ଭାବେ ପରିଚିତ ରହିଥିଲେ। ଡୋନାଲ୍ଡଙ୍କୁ ଆଇସିସି ପକ୍ଷରୁ ୧୫ ବର୍ଷ ପରେ ସମ୍ମାନରେ ସମ୍ମାନିତ କରାଯିବା ପରେ ସେ କହିଛନ୍ତି କି, ଆଇସିସି ପକ୍ଷରୁ ତାଙ୍କୁ କ୍ରିକେଟ୍ ମହାନଙ୍କ ମଧ୍ୟରେ ସାମିଲ କରାଯିବ ବୋଲି ସେ ଭାବିନଥିଲେ। ଅଷ୍ଟ୍ରେଲୀୟ ମହିଳା କ୍ରିକେଟର କାଥରୀନ ଫିଜପାଟ୍ରିକ୍ ଅଷ୍ଟମ ମହିଳା କ୍ରିକେଟର ଭାବେ ଆଇସିସି ହଲ୍ ଅଫ୍ ଫେମ୍‌ରେ ସାମିଲ ହୋଇଛନ୍ତି।

# ଏଗାର ଥାନା ପାଇଁ ଜଣେ ଡିସିପି


## ଦୁଇଭାଗ ହେବ ଭୁବନେଶ୍ୱର ୟୁପିଡି

**ଭୁବନେଶ୍ୱର:** ରାଜଧାନୀର ବର୍ଦ୍ଧିତ ଜନସଂଖ୍ୟା, ଅପରାଧ ମାମଲା ପଞ୍ଜିକରଣର ମାତ୍ରାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଅର୍ବାନ ପୁଲିସ ବିଭାଗକୁ ବର୍ତ୍ତମାନ ଦୁଇଟି ଭାଗରେ ବିଭକ୍ତ କରିବାକୁ ପୁଲିସ କମିଶନର ସତ୍ୟଜିତ ମହାନ୍ତି ରାଜ୍ୟ ପୁଲିସ ମୁଖିଆଙ୍କୁ ପ୍ରସ୍ତାବ ଦେଇଥିବା ଜଣାପଡ଼ିଛି। ପୁଲିସ ମୁଖିଆ ମଧ କମିଶନର ମହାନ୍ତିଙ୍କର ଏଭଳି ପ୍ରସ୍ତାବକୁ ପ୍ରଶଂସା କରିବା ସହ ଏହାର ସଫଳ ରୂପାୟନ ନିମନ୍ତେ ଖୁବଶୀଘ୍ର ରାଜ୍ୟ ସରକାରଙ୍କ ଅନୁମୋଦନ ନିମନ୍ତେ ଫାଇଲ ପଠାଯିବ ବୋଲି ଜଣାପଡ଼ିଛି। ଭୁବନେଶ୍ୱର ଅର୍ବାନ ପୁଲିସ ବିଭାଗ (ୟୁପିଡି)କୁ ବର୍ତ୍ତମାନ ସମୟରେ ଉତ୍ତର ଓ ଦକ୍ଷିଣ ଦୁଇଟି ୟୁପିଡିରେ ଭାଗ କରାଯିବ ବୋଲି ଜଣାପଡ଼ିଛି। ତେବେ ଉତ୍ତର ୟୁପିଡି ଅଧୀନରେ ଚନ୍ଦକା, ନନ୍ଦନକାନନ, ଚନ୍ଦ୍ରଶେଖରପୁର, ଇନ୍‌ଫୋସିଟି, ଖଣ୍ଡଗିରି, ଜଟଣୀ ଭଳି ୧୧ଟି ଥାନା ରହିବା ନେଇ ସ୍ଥିର ହୋଇଥିବା ବେଳେ ଦକ୍ଷିଣ ୟୁପିଡି ଅଧୀନରେ ଶହୀଦନଗର, ନୟାପଲ୍ଲୀ, ବାଲିଅନ୍ତା, ବାଲିପାଟଣା, ଧଉଳି, ଏୟାରଫିଲଡ, ମଞ୍ଚେଶ୍ୱର ଭଳି ୧୧ଟି ଥାନା ରହିବ ବୋଲି ପୁଲିସ କମିଶନର ସତ୍ୟଜିତ ମହାନ୍ତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ତେବେ ଜଣେ ନୂତନ ଡିସିପିଙ୍କ ପାଇଁ ବିଧାନସଭା କିମ୍ବା ପୁଲିସ କମିଶନରଙ୍କ କାର୍ଯ୍ୟାଳୟ ନିକଟରେ ନୂତନ କାର୍ଯ୍ୟାଳୟ ସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯିବ ବୋଲି କମିଶନର ଉକ୍ତ ପ୍ରସ୍ତାବରେ ଉଲ୍ଲେଖ କରାଯାଇଥିବା କମିଶନର ମହାନ୍ତି ସୂଚନା ଦେଇଛନ୍ତି। ତେବେ ବର୍ତ୍ତମାନ ସମୟରେ ପ୍ରତ୍ୟେକ ବର୍ଷ ରାଜଧାନୀରେ ୧ଲକ୍ଷ ୬୦ ହଜାର ଗାଡ଼ି ନୂତନ ଭାବେ ଆରଟିଓରେ ପଞ୍ଜିକୃତ ହେଉଛି। ତେଣୁ ସହରର ଟ୍ରାଫିକ ବ୍ୟବସ୍ଥାର ମଧ ବ୍ୟାପକ ସୁଧାର ଆଣିବା ଦିଗରେ କମିଶନରେଟ୍ ପୁଲିସ ଗୁରୁତ୍ୱ ଦେଉଛି ବୋଲି କମିଶନର ସୂଚନା ଦେଇଛନ୍ତି। ଏଥିପାଇଁ ସ୍ଥାୟୀ ଭାବେ ଜଣେ ଡିସିପି ପାହ୍ୟାର ଅଧିକାରୀ ନିଯୁକ୍ତି କରାଯିବ ବୋଲି କମିଶନର କହିଛନ୍ତି। ଏଥିସହ ସହରର ଟ୍ରାଫିକ ସମସ୍ୟା ସମାଧାନ ପାଇଁ ଆବଶ୍ୟକ ସଂଖ୍ୟକ ଟ୍ରାଫିକ ସ୍ୱେଚ୍ଛାସେବୀ ଥିବାରୁ ଜଣାପଡ଼ିଛି। ଏଥିସହ ନୂତନ ଭାବେ ୧୬୦ ଜଣଙ୍କୁ ଟ୍ରାଫିକ କନେଷ୍ଟବଳ ମଧ ଖୁବ୍‌ଶୀଘ୍ର ଦାୟିତ୍ୱ ନେବେ ବୋଲି ଜଣାପଡ଼ିଛି।

# 'କୃଷି କ୍ଷେତ୍ରରେ ସାମଗ୍ରିକ ଉନ୍ନତି ସରକାରଙ୍କ ଲକ୍ଷ୍ୟ'

**ଭୁବନେଶ୍ୱର :** ଚାଲ ଚାଷ କରିବା, ଭଲ ଭଲ ବିହନକୁ ବାଛି ବାଛି ବୁଣିବା। ବିଧାନସଭାରେ କୃଷି ଓ କୃଷକ ବିଭାଗ ଖର୍ଚ୍ଚଦାବି ଆଲୋଚନାରେ କବିତା ମାଧ୍ୟମରେ ନିଜର ଉତ୍ତର ଆରମ୍ଭ କରିଥିଲେ ଅର୍ଥ ମନ୍ତ୍ରୀ ନିରଞ୍ଜନ ପୂଜାରୀ। କୃଷି ମନ୍ତ୍ରୀ ଡ. ଅରୁଣ କୁମାର ସାହୁଙ୍କ ଅନୁପସ୍ଥିତିରେ କାମଚଳା ଦାୟିତ୍ୱରେ ଥିବା ଶ୍ରୀ ପୂଜାରୀ ନିଜ ଉତ୍ତରରେ କୃଷିକ୍ଷେତ୍ରରେ ରାଜ୍ୟ ସରକାରଙ୍କ ନିଜ ସଫଳତାକୁ ବଖାଣିଛନ୍ତି। ଶ୍ରୀ ପୂଜାରୀ କହିଲେ ଯେ ୨୦୧୯-୨୦କୁ ମିଶାଇ ରାଜ୍ୟ ସରକାର ସପ୍ତମ ଥର ସ୍ୱତନ୍ତ୍ର କୃଷି ବଜେଟ ଉପସ୍ଥାପନ କରିଛନ୍ତି। ଏହା ଆମ ପାଇଁ ଏକ ଗୌରବର ବିଷୟ। ରାଜ୍ୟର ଅଭିବୃଦ୍ଧି ହାରରେ କୃଷି କ୍ଷେତ୍ରର ଯୋଗଦାନ ପ୍ରାୟ ୧୮.୯ ପ୍ରତିଶତ ରହିଛି। ଯାହା କୃଷିକ୍ଷେତ୍ରରେ ଓଡ଼ିଶା ଅନେକ ବାଟ ଗତି କରିଥିବା ସ୍ପଷ୍ଟ ରୂପେ ପ୍ରଦର୍ଶିତ କରୁଛି। ୨୦୦୦ ମସିହାରେ ରାଜ୍ୟରେ ମାତ୍ର ୫ ଲକ୍ଷ ମେଟ୍ରିକ ଟନ୍ ଧାନ ଉତ୍ପାଦନ ହେଉଥିଲା, ବର୍ତ୍ତମାନ ତାହା ୫୫ ଲକ୍ଷ ମେଟ୍ରିକ ଟନ୍‌ରେ ପହଞ୍ଚିଲାଣି। ଜାତୀୟ ସ୍ତରରେ କୃଷି ଅଭିବୃଦ୍ଧି ହାର ୨.୧ ପ୍ରତିଶତ ଥିବାବେଳେ ଆମ ରାଜ୍ୟରେ ତାହା ୨.୭ ପ୍ରତିଶତ ରହିଛି। ରାଜ୍ୟ ସରକାର କୃଷି କ୍ଷେତ୍ରରେ ସାମଗ୍ରିକ ଭାବେ ଉନ୍ନତି ପାଇଁ ଲକ୍ଷ୍ୟ ରଖିଛନ୍ତି। ସେଥିପାଇଁ ସରକାରଙ୍କ ପକ୍ଷରୁ ଅନେକ ଯୋଜନା ପ୍ରଣୟନ କରାଯାଇଛି। ରାଜ୍ୟ ସରକାର ବାର୍ଷିକ ଅତିରିକ୍ତ ୨ ଲକ୍ଷ ୫୦ ହଜାର ହେକ୍ଟର ଜମିରେ ଜଳସେଚନ ସୁବିଧା ଯୋଗାଇଦେବା ନିମନ୍ତେ ଗୁରୁତ୍ୱ ଦେଇଆସୁଛନ୍ତି। ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା ଓ ୧୦ ବର୍ଷ ଅବଧିରୁ କମ୍ ଅଣଧାନ ବିହନ କିସମକୁ ପ୍ରାଧାନ୍ୟ ଦେଇ ରାଜ୍ୟ ସରକାର ବିହନ ସଂରକ୍ଷଣ ନୀତି ପ୍ରଣୟନ କରିଛନ୍ତି। କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ପାଖରେ କୃଷି ଯନ୍ତ୍ରପାତି ବ୍ୟବହାର ବୃଦ୍ଧି ପାଇଁ ବଜେଟରେ ୧୮୨ କୋଟି ୪୪ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଛି। ୨୦୧୧-୧୨ ମସିହାରେ ହେକ୍ଟର ପ୍ରତି ୧.୨୪ କିଲୋୱାଟ ବିଜୁଳି ବ୍ୟବହାର ହେଉଥିବା ବେଳେ ୨୦୧୮-୧୯ରେ ଏହା ବୃଦ୍ଧି ପାଇ ହେକ୍ଟର ପ୍ରତି ୧.୬୮ କିଲୋୱାଟ୍‌ରେ ପହଞ୍ଚିଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ୧୨ଟି ଜିଲ୍ଲାର ୪୦ ଟି ଅନୁନ୍ନତ ବ୍ଲକକୁ ନେଇ କୃଷି ଉତ୍ପାଦନ କ୍ଲଷ୍ଟରର ପ୍ରୋତ୍ସାହନ ଯୋଜନା ପ୍ରଣୟନ କରାଯାଇଛି। ଏହି ଯୋଜନାରେ ୧ ଲକ୍ଷ କ୍ଷୁଦ୍ର ଓ ନାମମାତ୍ର ଚାଷୀ ସାମିଲ ହୋଇ ୨୦ ହଜାର ହେକ୍ଟର ଚାଷ ଜମିରେ ଅର୍ଥକରୀ ଫସଲ ଚାଷ କରୁଛନ୍ତି। ଏହି ଉତ୍ପାଦିତ ଫସଲକୁ ଅଧିକ ମୂଲ୍ୟଯୁକ୍ତ କରିବା ପାଇଁ ଆଗାମୀ ୩ ବର୍ଷ ମଧ୍ୟରେ ବଜାର ସଂଯୋଜିତ ୭୫୦ଟି କୃଷି ଉଦ୍ୟଗ ସ୍ଥାପନ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ଜାତୀୟ କୃଷି ସଂପ୍ରସାରଣ ଓ ବୈଷୟିକ ମିଶନ ଜରିଆରେ କୃଷି ଯାନ୍ତ୍ରିକୀକରଣ ଉପରେ ୧୧୫ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ବିହନ ଉତ୍ପାଦନ, କୃଷି ସମ୍ପ୍ରସାରଣ କାର୍ଯ୍ୟକ୍ରମ ପାଇଁ ୧୬୦ କୋଟି ୬୯ ଲକ୍ଷ ହଜାର ଟଙ୍କାର ବ୍ୟୟବରାଦ କରାଯାଇଛି। କୃଷି ବିକାଶକୁ ତ୍ୱରାନ୍ୱିତ କରିବା ପାଇଁ ଏବଂ କୃଷକର ଆୟ ବୃଦ୍ଧି ପାଇଁ ୨୦୧୯ ମସିହାରେ ରାଜ୍ୟ ସରକାର ଏକ କ୍ରିୟାଶୀଳ କୃଷି ନୀତି ପ୍ରଣୟନ କରିବାକୁ ଯାଉଛନ୍ତି। ଏହାଦ୍ୱାର କୃଷି ଓ କୃଷକର ସର୍ବାଙ୍ଗୀଣ ଉନ୍ନତି ଆମର ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି। ସୂଚନାଯୋଗ୍ୟ ଯେ ୨୦୨୦ ମାର୍ଚ୍ଚ ମାସ ଶେଷ ସୁଦ୍ଧା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପାଇଁ ଆଗତ ୮୮୭୪ କୋଟି ୪୮ ଲକ୍ଷ ୫୪ ହଜାର ଟଙ୍କାର ଖର୍ଚ୍ଚଦାବୀ ଗୃହରେ ମଞ୍ଜୁରୀ ପ୍ରାପ୍ତ ହୋଇଛି।

# ଓଡ଼ିଆ ସାମ୍ବାଦିକ ମୁମ୍ବାଇରେ ସମ୍ବର୍ଦ୍ଧିତ



**ଭୁବନେଶ୍ୱର :** ନଭିମୁମ୍ବାଇରେ ବସବାସ କରୁଥିବା ଓଡ଼ିଆମାନଙ୍କ ସହ ସ୍ଥାନୀୟ ଲୋକଙ୍କ ଦ୍ୱାରା ମିଳିତ ଭାବେ ଅନୁଷ୍ଠିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଓଡ଼ିଆ ସାମ୍ବାଦିକ ଲିଙ୍ଗରାଜ ସାହୁ ଯୋଗ ଦେଇଥିଲା ବେଳେ ସେଠାରେ ତାଙ୍କୁ 'ଲୋକ ତରଣ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସ୍ଥାନୀୟ ଖାରଘରଠାରେ ଆୟୋଜିତ ଉତ୍ସବକୁ ସଂଯୋଜନା କରିଥିଲେ ସୁଶାନ୍ତ ପାଢ଼ୀ, ଅନୁଷ୍ଠାନର ମୁଖ୍ୟ ଉଦ୍ୟୋକ୍ତା ତଥା ମହାରାଜ ରାମପ୍ରସାଦ ମୁଦୁଲି, ରତନ ପଟ୍ଟନାୟକ, ପ୍ରୀତି ରାୟଙ୍କ ସମେତ ବହୁ ବରିଷ୍ଠ ସଭ୍ୟ ଉପସ୍ଥିତ ଥିଲେ।

# ଅଗଷ୍ଟ ପ୍ରଥମ ସପ୍ତାହରେ ଭାରତର ୱେଷ୍ଟଇଣ୍ଡିଜ୍ ଗସ୍ତ



**ନୂଆଦିଲ୍ଲୀ:** ଇଣ୍ଡିଆନ୍ ପ୍ରିମିୟର ଲିଗ (ଆଇପିଏଲ)-୧୨ ଏବଂ ବିଶ୍ୱକପ୍‌ର ଧମାକାଦାର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଖେଳିବା ସତ୍ତ୍ୱେ ଭାରତକୁ ବିଶ୍ରାମ ନାହିଁ। ବିଶ୍ୱକପ୍ ପରେ ଭାରତ ଅଗଷ୍ଟ ପ୍ରଥମ ସପ୍ତାହରୁ ୱେଷ୍ଟଇଣ୍ଡିଜ୍ ଗସ୍ତରେ ଯିବ। ଏହି ଟୁର୍‌ରେ ଭାରତ ୩ଟି ଟି-୨୦, ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। କିନ୍ତୁ ୨୦୧୯-୨୦ ସିଜନରେ ଭାରତର ପରବର୍ତ୍ତୀ ବିଦେଶ ଟୁର ଯାଇ ୨୦୨୦ ଫେବୃଆରୀ ମାସ୍‌ରେ ଅନୁଷ୍ଠିତ ହେବ। ଏହି ସମୟରେ ଭାରତ ନ୍ୟୁଜିଲାଣ୍ଡ ଗସ୍ତରେ ଯାଇ ୫ଟି ଟି-୨୦, ୩ଟି ଦିନିକିଆ ଏବଂ ୨ଟି ଟେଷ୍ଟ ମ୍ୟାଚ୍ ଖେଳିବ। ଏହି ଦୁଇଟି ବିଦେଶ ଟୁର୍‌କୁ ଛାଡିଦେଲେ ୨୦୧୯-୨୦ରେ ଭାରତର ଆଉ ବିଦେଶ ଟୁର୍ ନାହିଁ। ଘରୋଇ ମାଟିରେ ଭାରତର ବ୍ୟସ୍ତବହୁଳ କାର୍ଯ୍ୟସୂଚୀ ରହିଛି। ଏହି ସମୟ ମଧ୍ୟରେ ସାଉଥ୍ ଆଫ୍ରିକା ୨ଥର, ବାଂଲାଦେଶ, ୱେଷ୍ଟଇଣ୍ଡିଜ୍, ଜିମ୍ବାୱେ ଏବଂ ଅଷ୍ଟ୍ରେଲିଆ ଭାରତ ଗସ୍ତରେ ଆସିବ। ଏହି ଦେଶ ଗୁଡିକ ସହ ଭାରତ ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିଅନଶିପ୍ ଅନ୍ତର୍ଗତ ୫ଟି ମ୍ୟାଚ୍ ଘରୋଇ ମାଟିରେ ଖେଳିବ। ଏହା ପୂର୍ବରୁ ୱେଷ୍ଟଇଣ୍ଡିଜ୍ ସହ ୨ଟି ଟେଷ୍ଟ ଖେଳିସାରିଥିବ। ଏହା ବ୍ୟତୀତ ଘରୋଇ ମାଟିରେ ଭାରତ ୯ଟି ଦିନିକିଆ ଏବଂ ୧୨ଟି ଟି-୨୦ ଇଣ୍ଟରନ୍ୟାସନାଲ ମ୍ୟାଚ୍ ଖେଳିବ। ୱେଷ୍ଟଇଣ୍ଡିଜ୍ ଗସ୍ତ ପରେ ସାଉଥ୍ ଆଫ୍ରିକା ପ୍ରଥମ ଦଳ ଭାବେ ଭାରତ ଗସ୍ତରେ ଆସିବ। ସେପ୍ଟେମ୍ବର ୧୫ରୁ ଅକ୍ଟୋବର ୨୩ ମଧ୍ୟରେ ଏହି ଦଳ ୩ଟି ଟି-୨୦ ଏବଂ ୩ଟି ଟେଷ୍ଟ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ସେହିପରି ନ୍ୟୁଜିଲାଣ୍ଡ ଗସ୍ତରୁ ଫେରିବା ପରେ ମାର୍ଚ୍ଚ ୧୨, ୧୫ ଓ ୧୮ରେ ୩ଟି ଦିନିକିଆ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବାକୁ ସାଉଥ ଆଫ୍ରିକା ପୁଣିଥରେ ଭାରତ ଗସ୍ତରେ ଆସିବ। ୱେଷ୍ଟଇଣ୍ଡିଜ୍ ସିରିଜ୍‌ରୁ ଭାରତର ୨୦୧୯-୨୦ ସିଜନ ଆରମ୍ଭ ହୋଇ ସାଉଥ୍ ଆଫ୍ରିକା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ସହ ୨୦୨୦ ମାର୍ଚ୍ଚ ୧୮ରେ ଶେଷ ହେବ। ଏହି ସମୟ ମଧ୍ୟରେ ଭାରତ ମୋଟ ୨୦ଟି ଟି-୨୦, ୧୫ଟି ଦିନିକିଆ ଏବଂ ୯ଟି ଟେଷ୍ଟ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରୁ ବିଦେଶ ମାଟିରେ ୮ ଟି-୨୦, ୬ ଦିନିକିଆ ଏବଂ ୪ ଟେଷ୍ଟ ଖେଳିବ।

# ସୁବର୍ଣ୍ଣପୁର ନୂତନ ଜିଲ୍ଲାପାଳଙ୍କ ଦାୟିତ୍ୱ ଗ୍ରହଣ



**ସୋନପୁର :** ୨୦୧୩ବ୍ୟାଚ୍‌ର ଆଇଏଏସ ମନିଷା ବାନାର୍ଜୀ ସୁବର୍ଣ୍ଣପୁରର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ସେ ଧର୍ମଗଡ ଉପ ଜିଲ୍ଲାପାଳ,ରାଉରକେଲା ଏଡିଏମ ଓ ଡେପୁଟି ସେକ୍ରେଟାରୀ (ହୋମ୍) ଇନ୍ ଷ୍ଟେଓ ଓଡ଼ିଶା ପରି ଗୁରୁତ୍ୱ ପ୍ୟର୍ଣ୍ଣ ଦାଇତ୍ୱ ସବୁକୁ ସୂଚନାରୁ ରୂପେ ସଂପାଦନ କରିଆସି ସୁନାମ ଅର୍ଜନ କରିଛନ୍ତି । ତଙ୍କର ବିଶେଷ ଅବଦାନ ପାଇଁ ଅଜିବି ରାଉରକେଲା ଓ ଧର୍ମଗଡ ବାସି ତାଙ୍କୁ ଭୁଲି ପାରି ନାହାନ୍ତି । ଅନୁରୁପ ଭାବେ ସୁବର୍ଣ୍ଣପୁର ଜିଲ୍ଲାର ବିଭିନ୍ନ ସମସ୍ୟାକୁ ସେ ସମାଧାନ କରିପାରିବେ ବୋଲି ବୁଦ୍ଧିଜିବୀ ମହଲରୁ ମତ ପ୍ରକାଶ ପାଉଛି । ପୂର୍ବତନ ଜିଲ୍ଲାପାଳ ମଧୁସୁଦନ ମିଶ୍ରଙ୍କ ପରେ ସୁବର୍ଣ୍ଣପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ମଙ୍ଗଳବାର ପୂର୍ବାହ୍ନରେ ଶ୍ରିମତୀ ମନିଷା ବାନାର୍ଜୀ ଯୋଗଦେବାପରେ ଜିଲ୍ଲାରେ ଗଣମାଧ୍ୟମ ପ୍ରତିନିଧି ଓ ପ୍ରଶାସନକୁ ସେମ୍ବୋଧିତ କରି ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟକରିବାକୁ ସୂଚନା ଦେଇଥିଲେ। ନୂତନ ଭାବେ ଯୋଗ ଦେବାପରେ ନୂତନ ଜିଲ୍ଲାପାଳଙ୍କୁ ଜିଲ୍ଲାର ବିଭିନ୍ନ ମହଲରୁ ସ୍ୱଗତ କରାଯାଇଛି।













Printed, Published and Owned by **Rasmita Patra**, Published at Flat-003, Mahadev Orchid, Cosmopolis Road, Dumduma, Bhubaneswar-19, Dist- Khordha, Odisha & Printed at **Radhakrushna Publication Pvt. Ltd.**, Plot No-H/18, Mancheswar Industurial Estate, Bhubaneswar-10, Odisha ● OFFICE : Plot No.186, Lane-2, Aerodrome Area, Bhubaneswar, Odisha, PIN-751020, Cell : 9338225930 (O), Email : ekamaatra@gmail.com

Chief Editor : **Bibhuti Bhusan Patra** | Managing Editor : **Laxmipriya Dash** | Editor : **Tarak Mohanty**

ମୁଖ୍ୟ ସମ୍ପାଦକ : ବିଭୁତି ଭୂଷଣ ପାତ୍ର | ପରିଚାଳନା ସମ୍ପାଦିକା : ଲକ୍ଷ୍ମୀପ୍ରିୟା ଦାଶ | ସମ୍ପାଦକ : ତାରକ ମହାନ୍ତି